• Vol.- 46, Issue No. 117
• Monday, 27 July 2026
• ସୋମବାର, ୨୭ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର


# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline


Web: www.dinalipi.com, E-mail: dinalipinews@gmail.com

## ସରିଲା ଅଧରପଣା ନୀତି, ତୃପ୍ତ ହେଲେ ଅଶରୀରୀ
### ଘୋଷ ଯାତ୍ରାର ଅନ୍ତିମ ପର୍ବ: ଆଜି ନୀଳାଦ୍ରି ବିଜେ

ପୁରୀ, ୨୬।୭(ନିପ୍ର): ଶନିବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଦେଖି ଭାବ ବିଭୋର ହୋଇଥିଲେ। ରବିବାର ଅଧରପଣା ନୀତି ସଂପନ୍ନ ହୋଇଛି। ସୋମବାର ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ। ଏହା ଘୋଷ ଯାତ୍ରାର ଅନ୍ତିମ ପର୍ବ। ପାଣିଆ ଆପଟ ସେବକମାନେ ମିଳିମିଶି ସିଂହଦ୍ୱାର ନିକଟରେ ଥିବା ଛାଉଣି ମଠ ସମ୍ମୁଖସ୍ଥ କୂପରୁ ପାଣି ଆଣି ଥିଲେ। ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଡ଼ି ଅଧରପଣା ପ୍ରସ୍ତୁତ କରାଯାଇଥିଲା। ପଣାକୁ ଅଧର ଚୁମ୍ବିତ ମାଟି ହାଣ୍ଡିଗୁଡିକରେ ରଖାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଦାରୁବିଗ୍ରହମାନଙ୍କୁ ଭୋଗ ଲାଗି କରିବା ପରେ ଠାକୁରମାନଙ୍କ ସମ୍ମୁଖରେ ପଣାହାଣ୍ଡିଗୁଡିକୁ ଭାଙ୍ଗି ଦେଇଥିଲେ। ଜନଶ୍ରୁତି ଅନୁଯାୟୀ, ତିନିରଥରେ ଠାକୁରଙ୍କ ସାଥିରେ ଚଣ୍ଡୀ, ଚାମୁଣ୍ଡା, ଅଶରୀରୀ ପ୍ରଭୃତି ଯାଇଥାନ୍ତି। ସେଥିପାଇଁ ଠାକୁରମାନଙ୍କୁ ଅର୍ପିତ ହୋଇଥିବା ଅଧରପଣା ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡୀ ଚାମୁଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯିବା ପରେ ସେହି ପଣାପାଇ ତୃପ୍ତ ହୋଇ ସ୍ୱସ୍ଥାନକୁ ଫେରିଯାଇଥାନ୍ତି । ଏହି ପଣା କାହାକୁ ଦିଆଯାଇ ନ ଥାଏ କି ସେବକମାନେ ମଧ୍ୟ ଏହା ଗ୍ରହଣ କରିନଥାନ୍ତି।


### ଶିକ୍ଷା ସଂସ୍କାରକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା
# ସଂସଦରେ ଆସିବ କଠୋର ଆଇନ

■ ନିଲେକାନୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ
■ ଆମ ପରୀକ୍ଷା ପଦ୍ଧତି ବିଶ୍ୱସନୀୟ ହେଉ

ନୂଆଦିଲ୍ଲୀ,୨୬।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିକ୍ଷା ସଂସ୍କାରକୁ ନେଇ ଗମ୍ଭୀର ନଜରରେ ଆସୁଥିବା ଲକ୍ଷ୍ୟ କରାଯାଇଛି। ପ୍ରଥମେ ଏନଟିଏରେ ପ୍ରଶାସନିକ ପରିବର୍ତ୍ତନ ଆଣିଛନ୍ତି। ଏଥିସହିତ ପୂର୍ବତନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ମଧ୍ୟ ଗ୍ରହଣ କରି ନିଆଯାଇଛି। ବର୍ତ୍ତମାନ ଏହି ଦାୟିତ୍ୱ ପ୍ରହ୍ଲାଦ ଯୋଶୀଙ୍କୁ ନ୍ୟସ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଇନଷ୍ଟାଗ୍ରାମରେ ବର୍ତ୍ତମାନ ସହଭାଗିତା କରିଥିବା ତୃତୀୟ ଭିଡିଓରେ ଘୋଷଣା କରିଛନ୍ତି ଯେ ନନ୍ଦନ ନିଲେକାନୀଙ୍କ ଅଧକ୍ଷତାରେ ପରୀକ୍ଷା ସଂସ୍କାର ଉପରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଭିଡିଓ ବାର୍ତ୍ତାରେ କହିଛନ୍ତି, 'ଫ୍ରେଣ୍ଡ୍ସ, ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ପାଇଁ ଭାରତ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଯେଉଁ ଲୋକମାନେ ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ସହିତ ଖେଳିଛନ୍ତି, ସେମାନେ ଜେଲରେ ଷଡୁଛନ୍ତି। ଆମେ ଫାଷ୍ଟ ଟ୍ରାକ କୋର୍ଟ ଗଠନ କରିସାରିଛୁ। ଆମେ ଆଜି ପାର୍ଲିଆମେଣ୍ଟ ଭିତରେ ମଧ୍ୟ କଠୋର ଆଇନର ବ୍ୟବସ୍ଥା ସହିତ ନୂତନ ଆଇନ ପ୍ରଣୟନ କରିବା ଦିଗରେ ଆଗକୁ ବଢୁଛୁ। କିନ୍ତୁ ଆମକୁ ଭବିଷ୍ୟତ ପାଇଁ ଚିନ୍ତା କରିବାକୁ ପଡ଼ିବ। ଆମର ପରୀକ୍ଷା ପଦ୍ଧତି ବିଶ୍ୱସନୀୟ ହେଉ। ଆମର ପରୀକ୍ଷା ପଦ୍ଧତି ସ୍ୱଚ୍ଛ (ଟ୍ରାନ୍ସପରେଣ୍ଟ) ହେଉ। ଆମର ପରୀକ୍ଷା ପଦ୍ଧତିରେ ଟେକ୍ନୋଲୋଜିର ସର୍ବାଧିକ ଉପଯୋଗ ହେଉ। ଏହି ସମସ୍ତ କଥାକୁ ଧ୍ୟାନରେ ରଖି, ବିଶ୍ୱପ୍ରସିଦ୍ଧ ଟେକ୍ନୋଲୋଜି ବିଶେଷଜ୍ଞ ନନ୍ଦନ ନିଲେକାନୀଙ୍କ ନେତୃତ୍ୱରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ଟାସ୍କ ଫୋର୍ସ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯାହା ପରୀକ୍ଷା ସଂସ୍କାର (ଏକ୍ସମିନେସନ ରିଫର୍ମ) ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଶୀଘ୍ର ଆସୁଥିବା ପରୀକ୍ଷା ପ୍ରଣାଳୀକୁ ଏହାର ରିପୋର୍ଟ ଆଧାରରେ ରୂପାନ୍ତରିତ କରାଯିବ।' ସୂଚନାଯୋଗ୍ୟ ଯେ ଇନଫୋସିସ୍ ସହ-ପ୍ରତିଷ୍ଠାତା ଅଛନ୍ତି ନନ୍ଦନ ନିଲେକାନୀ।

### ଟାସ୍କ ଫୋର୍ସ ଗଠନକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଲେ ସ୍ୱାଗତ

ଭୁବନେଶ୍ୱର, ୨୬।୭(ନିପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପରୀକ୍ଷା ସଂସ୍କାର ପାଇଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନକୁ ସ୍ୱାଗତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ବାର୍ତ୍ତାରେ କହିଛନ୍ତି ଯେ, ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଆସିଛି। ସେ କହିଛନ୍ତି ଯେ, ନନ୍ଦନ ନିଲେକାନୀଙ୍କ ନେତୃତ୍ୱରେ ଏହି ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ପରୀକ୍ଷା ପ୍ରଣାଳୀରେ ମେରିଟ୍, ପାରଦର୍ଶିତା ଓ ନିଷ୍ପକ୍ଷତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପଦକ୍ଷେପ ଦେଶର ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ଆହୁରି ମଜଭୁତ କରିବା ସହିତ ଏକ ସୁରକ୍ଷିତ, ପାରଦର୍ଶୀ ଓ ଭବିଷ୍ୟତମୁଖୀ ଶିକ୍ଷା ପ୍ରଣାଳୀ ଗଠନରେ ସାହାଯ୍ୟ କରିବ।

## ଖୋଲିବ ୩୫ ନୂଆ +୨ କଲେଜ

ଭୁବନେଶ୍ୱର,୨୬।୭: ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ସୁଯୋଗ ବୃଦ୍ଧି କରିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଉଚ୍ଚ କ୍ଷମତାସଂପନ୍ନ କମିଟି (ଏଚ୍‌ପିସି) ବୈଠକର ନିଷ୍ପତ୍ତି ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ଜିଲାରେ ମୋଟ ୩୫ଟି ନୂତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ଦୁଇ କଲେଜ) ଖୋଲିବା ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ, ଏହି ନୂତନ କଲେଜଗୁଡ଼ିକରେ କଳା ବିଭାଗରେ ସର୍ବାଧିକ ୧୨୮ଟି, ବିଜ୍ଞାନ ବିଭାଗରେ ୬୪ଟି ଏବଂ ବାଣିଜ୍ୟ ବିଭାଗରେ ୬୪ଟି ସିଟ୍ ପାଇଁ ଅନୁମତି ଦିଆଯାଇଛି। ଏହାଛଡ଼ା ୧୨୭ଟି ସିଟ୍ ପର୍ଯ୍ୟନ୍ତ ସର୍ବାଧିକ ୪ଟି ଏବଂ ୧୨୮ଟି ସିଟ୍ ପାଇଁ ୬ଟି ଇଲେକ୍ଟିଭ୍ ବିଷୟ ରଖିବାକୁ ବ୍ୟବସ୍ଥା କରାଯାଇଛି। ଔପଚାରିକ ଭାବେ 'ଅନୁମତି ପତ୍ର' ପାଇବା ପାଇଁ ସମ୍ପୃକ୍ତ କଲେଜଗୁଡ଼ିକୁ କେତେକ ଜରୁରୀ ସର୍ତ୍ତ ଏବଂ ଡକ୍ୟୁମେଣ୍ଟ ଦାଖଲ କରିବାକୁ କୁହାଯାଇଛି। ଗ୍ରାମାଞ୍ଚଳରେ ସର୍ବନିମ୍ନ ୬,୦୦୦ ଏବଂ ସହରାଞ୍ଚଳରେ ୪,୦୦୦ ବର୍ଗମିଟର ପରିମିତ ଜମି କଲେଜ ନାଁରେ ଥିବା ଆବଶ୍ୟକ। ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଜରୁରୀ। ବିଦ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣ ନିଜସ୍ୱ



ଖର୍ଚ୍ଚରେ ଚାଲିବ ଏବଂ ସରକାରଙ୍କଠାରୁ କୌଣସି ପ୍ରକାର ଆର୍ଥିକ ସହାୟତା ଦାବି କରିବ ନାହିଁ ବୋଲି ସତ୍ୟପାଠ ଦାଖଲ କରିବାକୁ ହେବ। ଏହିପରି ସମସ୍ତ ସର୍ତ୍ତ ପୂରଣ ଏବଂ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ ସର୍ବାଧିକ ୪୫ଦିନର ସମୟସୀମା ଦିଆଯାଇଛି। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ହିଁ ଚୂଡ଼ାନ୍ତ ଅନୁମତିପତ୍ର ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ୫ ଦିନ ପ୍ରବଳ ବର୍ଷିବ !

ଭୁବନେଶ୍ୱର,୨୬।୭: ବଙ୍ଗୋପ ସାଗରରେ ସୃଷ୍ଟ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର ଅବପାତର ରୂପ ନେଇଛି। ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଏହା ଅତିକ୍ରମ କରିବ। ସେପଟେ ରାଜ୍ୟବ୍ୟାପୀ ରବିବାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। କେଉଁଠି ଲଗାଣ କେଉଁଠି ତୁହାକୁ ତୁହା। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ରାଜ୍ୟର ୫ ଜିଲ୍ଲାକୁ ଛାଡି ବାକି ସବୁ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।



କେନ୍ଦୁଝର ଜିଲ୍ଲାରେ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ରେଡ ଆଲର୍ଟ ଜାରି କରାଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୧୦ ଜିଲ୍ଲା ଅରେଞ୍ଜ ୱାର୍ଣ୍ଣିଂରେ ରହିଛି। ବାକି ୧୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କିଛି ସ୍ଥାନରେ ବର୍ଷା ସହିତ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ ମଧ୍ୟ ପୂର୍ବାନୁମାନ କରାଯାଇଛି।

## କାକଟପୁର ବ୍ଲକରେ ସର୍ବାଧିକ ୯୯ ମି.ମି. ବର୍ଷା ରେକର୍ଡ

ପୁରୀ, ୨୬।୭(ନିପ୍ର) ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୋଟ୍ ୮୮୮.୨ ମି.ମି. ବର୍ଷା ରେକର୍ଡ଼ ହୋଇଛି। ଜିଲ୍ଲାରେ ହାରାହାରି ବୃଷ୍ଟିପାତ ୭୪.୦୨ ମି.ମି. ରହିଛି । କାକଟପୁର ବ୍ଲକରେ ସର୍ବାଧିକ ୯୯ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ଡ଼େଲାଙ୍ଗ ବ୍ଲକରେ ୯୭ ମି.ମି., ଗୋପ ବ୍ଲକରେ ୮୫ ମି.ମି. ପିପିଲିରେ ୮୨.୨ ମି.ମି., ପୁରୀରେ ୮୦ ମି.ମି., ଅସ୍ତରଙ୍ଗ ବ୍ଲକରେ ୭୮ ମି.ମି., ସତ୍ୟବାଦୀ ବ୍ଲକରେ ୭୨ ମି.ମି., କଣାସରେ ୭୦ ମି.ମି., ନିମାପଡାରେ ୬୮ ମି.ମି., କୋଣାର୍କ ଏନଏସିରେ ୬୫ ମି.ମି., ବ୍ରହ୍ମଗିରି ବ୍ଲକରେ ୫୬ ମି.ମି., ଏବଂ କୃଷ୍ଣପ୍ରସାଦ ବ୍ଲକରେ ୩୬ ମି.ମି. ବର୍ଷା ରେକର୍ଡ଼ ହୋଇଛି । ରବିବାର ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ସୂତ୍ରରୁ ଏହି ସୂଚନା ମିଳିଛି ।

## 'ଇସ୍ତଫା' ରାଜନୀତି: ଓଡ଼ିଶା, ପଞ୍ଜାବରେ କମ୍ପନ

ଭୁବନେଶ୍ୱର,୨୬।୭: ନିଟ୍ ୟୁଜି ପେପର ଲିକ୍ ମାମଲାରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଶନିବାର ଇସ୍ତଫା ଦେବା ପରେ ରାଜ୍ୟର ପ୍ରମୁଖ ବିରୋଧୀ ଦଳଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି। ପାଠ୍ୟପୁସ୍ତକରେ ତ୍ରୁଟି ଲାଗି ତାଙ୍କୁ ବିରୋଧୀମାନେ ଉତ୍ତରଦାୟୀ କରି ତାଙ୍କ ଇସ୍ତଫା ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ମାମଲାରେ କ୍ରାଇମ ବ୍ରାଞ୍ଚ ତଦନ୍ତ ସହିତ ଏସସିଇଆରଟିକୁ ଏତଲା ଦେବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଜଣେ ପୂର୍ବତନ ଅଧିକାରୀ ଓ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ସସପେଣ୍ଡ କରାଯାଇଛି। ଏହା ସତ୍ତ୍ୱେ ବିରୋଧୀଙ୍କ ଦାବି ନେଇ ରାଜ୍ୟ ବିଜେପି ବିରୋଧୀଙ୍କୁ ସମାଲୋଚନା କରିଛି। ପଞ୍ଜାବରେ ଏକ ନୂତନ ରାଜନୈତିକ ମୁକାବିଲା ଆରମ୍ଭ ହୋଇଛି, ପରୀକ୍ଷା ଅନିୟମିତତା ଅଭିଯୋଗରେ ପଞ୍ଜାବ ଶିକ୍ଷା ମନ୍ତ୍ରୀ ହରଜୋତ ସିଂହ ବୈନ୍ସଙ୍କ ଇସ୍ତଫା ଦାବି କରାଯାଇଛି। ତେବେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ତାଙ୍କ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ପେପର ଲିକ୍ ଅଭିଯୋଗକୁ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି। ତାଙ୍କ ପ୍ରଶାସନ ରାଜ୍ୟର ପରୀକ୍ଷା ବ୍ୟବସ୍ଥାର ଅଖଣ୍ଡତା ବଜାୟ ରଖିଛି ବୋଲି ଦୃଢ଼ ଭାବରେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଏବେ ଦେଶ ଓ ରାଜ୍ୟ ରାଜନୀତି ସରଗରମ ହୋଇଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି କଂଗ୍ରେସ । ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, 'ଜେନ୍ ଜି' ଆନ୍ଦୋଳନ ପରେ ବିଜେପିର ଅବଗଣନା ଆରମ୍ଭ ହୋଇଯାଇଛି ।

## ଆଜି ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ାର ସମସ୍ତ ସ୍କୁଲ ଛୁଟି

ଭୁବନେଶ୍ୱର, ୨୬।୭(ନିପ୍ର): ଲଘୁଚାପ ବର୍ଷା ପାଇଁ ସୋମବାର ଜଗତସିଂହପୁର ଜିଲ୍ଲାର ସମସ୍ତସ୍କୁଲ ଓ ଅଙ୍ଗନବାଡି ଛୁଟି ଘୋଷଣା କରାଯାଇଛି। ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ସହ ଉଚ୍ଚ ମାଧ୍ୟମିକ ସ୍କୁଲ ବନ୍ଦ ରହିବ । ଏନେଇ



ଜଗତସିଂହପୁର ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପିଲାମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏଭଳି ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ଅବପାତ ପ୍ରଭାବରେ ମୟୂରଭଂଜ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଜିଲ୍ଲାର ସମସ୍ତ ସ୍କୁଲରେ ଛୁଟି ଘୋଷଣା କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟ ସହ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିବ। ଲଗାଣ ବର୍ଷା ଓ ପ୍ରତିକୂଳ ପାଗ ଯୋଗୁଁ ସମ୍ଭାବ୍ୟ ଅସୁବିଧାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି।ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ସ୍କୁଲଗୁଡ଼ିକ ମଧ୍ୟ ବନ୍ଦ ରହିବ।

### ‖ 'ମନ କି ବାତ୍'ରେ 'କ୍ୟାଚ୍ ଦି ରେନ୍' ଅଭିଯାନ ‖
# ଭୁବନେଶ୍ୱରକୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୬।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର 'ମନ କି ବାତ୍' କାର୍ଯ୍ୟକ୍ରମର ୧୩୬ତମ ଏପିସୋଡକୁ ସମ୍ବୋଧିତ କରିଛନ୍ତି। ଲୋକମାନଙ୍କୁ ବର୍ଷାଜଳ ସଂରକ୍ଷଣ କରିବାକୁ ଆହ୍ୱାନ ଦେଇ କହିଛନ୍ତି ଯେ ଆଜି ସଞ୍ଚିତ ପ୍ରତି ପାଣି ବୁନ୍ଦା ଭବିଷ୍ୟତ ପିଢ଼ି ପାଇଁ ସର୍ବୋତ୍ତମ ସମ୍ପତ୍ତି ଭାବରେ କାର୍ଯ୍ୟ କରେ । ଜଳ ଶକ୍ତି ମନ୍ତ୍ରଣାଳୟର 'କ୍ୟାଚ୍ ଦି ରେନ୍' ଅଭିଯାନରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ୪ ଜୁଲାଇରୁ ଚାଲିଥିବା ଏହି ଅଭିଯାନରେ ଗ୍ରାମ, ସହର, ପଞ୍ଚାୟତ ଏବଂ ସାମାଜିକ ସଂଗଠନର ଲୋକଙ୍କ ବିପୁଳ ଅଂଶଗ୍ରହଣ ଦେଖି ସେ ଖୁସି। ପ୍ରଧାନମନ୍ତ୍ରୀ ସ୍ମରଣ କରାଇଥିଲେ ଯେ 'ମନ କି ବାତ୍'ର ପୂର୍ବ ଏପିସୋଡ୍‌ରେ ସେ 'କ୍ୟାଚ୍ ଦି ରେନ୍' ଅଭିଯାନ ବିଷୟରେ କହିଥିଲେ ଏବଂ ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ଲୋକଙ୍କୁ ଆହ୍ୱାନ କରିଥିଲେ।'କ୍ୟାଚ୍ ଦି ରେନ୍'ର ବାର୍ତ୍ତା ସରଳ। ଯେଉଁଠାରେ ଏବଂ ଯେତେବେଳେ ବର୍ଷା ପଡ଼େ ସେଠାରେ ପାଣି ସଂରକ୍ଷଣ କରନ୍ତୁ। ଏହି ପଦକ୍ଷେପ ଅଧୀନରେ, ବର୍ଷାଜଳ ଅମଳ, ଭୂତଳ ଜଳ

**ପାଣି ବୁନ୍ଦା ଭବିଷ୍ୟତ ପିଢ଼ି ପାଇଁ ସର୍ବୋତ୍ତମ ସମ୍ପତ୍ତି**



ପୁନଃଚାର୍ଜ, ପୁରୁଣା ଜଳାଶୟର ପୁନରୁଦ୍ଧାର ଏବଂ ବୃକ୍ଷରୋପଣକୁ ନୂତନ ଗତି ଦିଆଯାଉଛି। ମୁଁ ସବୁଠି ଲୋକଙ୍କ ବିପୁଳ ଅଂଶଗ୍ରହଣ ଦେଖି ଖୁସି - ତାହା ଗାଁ ହେଉ କି ସହର, ପଞ୍ଚାୟତ କିମ୍ବା ସାମାଜିକ ସଂଗଠନ। ଦେଶବ୍ୟାପୀ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କିଛି ସ୍ଥାନରେ ପୁରୁଣା ପୋଖରୀରୁ ପଙ୍କ ଉଦ୍ଧାର କରାଯାଉଛି । ଅନ୍ୟ କିଛି ସ୍ଥାନରେ କୂପ ଏବଂ ପାହାଚଯୁକ୍ତ କୂଅଗୁଡ଼ିକୁ ପୁନରୁଦ୍ଧାର କରାଯାଉଛି। ବ୍ୟବହାର ହେଉନଥିବା ବୋରୱେଲଗୁଡ଼ିକ ଭୂତଳ ଜଳ ପୁନଃଚାର୍ଜ ପାଇଁ ଚ୍ୟାନେଲ ଭାବରେ କାର୍ଯ୍ୟ କରେ। ସେ ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର କିଛି ଅଂଶରେ ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ କହିଥିଲେ। ଅଭିଯାନର ଉତ୍ସାହଜନକ ଫଳାଫଳ କୋରବା (ଛତିଶଗଡ଼), ଭୁବନେଶ୍ୱର (ଓଡିଶା) ଏବଂ ବିଜୟନଗରମ (ଆନ୍ଧ୍ର ପ୍ରଦେଶ) ରେ ଦୃଶ୍ୟମାନ। ଲୋକମାନଙ୍କୁ ସେମାନଙ୍କ ଆଖପାଖରେ ଥିବା ପୋଖରୀ, କୂଅ କିମ୍ବା ପାହାଚଯୁକ୍ତ କୂପର ଦାୟିତ୍ୱ ନେବା ତଥା ପ୍ରତ୍ୟେକ ବୁନ୍ଦା ପାଣି ସଂରକ୍ଷଣ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି।

# ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରି ମହୋତ୍ସବ







ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ସେ ଭାବଗ୍ରାହୀ ନୁହଁନ୍ତି , ସେ ହେଉଛନ୍ତି ସର୍ବ ଶକ୍ତିମାନ୍, ସର୍ବ କଳା ସମ୍ପନ୍ନ , ସର୍ବ ରହସ୍ୟମୟ , ଲୀଳାମୟ ପୂର୍ଣ୍ଣ ଦାରୁବ୍ରହ୍ମ । ତେଣୁ ପୁରାଣରେ କୁହାଯାଇଛି । ସର୍ବ ରହସ୍ୟମୟ । ପୁରୁଷୋତ୍ତମସ୍ୟ ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟାଃ । ଯାହା'ଙ୍କ ରହସ୍ୟ ଦେବତା ମାନଙ୍କୁ ଅଗୋଚର , ସେହି ରହସ୍ୟ ମୟଙ୍କ ରହସ୍ୟକୁ କିପରି ବା ସାଧାରଣ ମନୁଷ୍ୟ ଜାଣିପାରିବ । ଏହି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସମସ୍ତ ସ୍ଥାବର ଜଙ୍ଗମରେ ପୂର୍ଣ୍ଣ ରୂପରେ ପୂରି ରହିଥିବା କାରଣରୁ ତା'ଙ୍କୁ ସ୍ମୃତି ଶାସ୍ତ୍ରରେ ପୂର୍ଣ୍ଣବ୍ରହ୍ମ ବୋଲି ମଧ୍ୟ ଅଭିହିତ କରାଯାଇଛି । ସେ କେବଳ ପୂର୍ଣ୍ଣବ୍ରହ୍ମ ନୁହଁନ୍ତି, ଅପିତୁ ସେ ହେଉଛନ୍ତି ଅତି ଦୟାବନ୍ତ ଠାକୁର ।

ସେହି ଦୁଃଖ ହାରକ କୀଟ ଓ ପତଙ୍ଗ ଠାରୁ ଆରମ୍ଭ କରି ବୃହଦକାୟ ଜୀବମାନଙ୍କ ସମସ୍ତ କର୍ମ ଫଳକୁ ଅପଲକ ନେତ୍ରରେ ଦେଖୁଥାନ୍ତି ଏବଂ ସର୍ବ ଦୁଃଖ ତାପକୁ ବିନାଶ କରିବା ସହ ଆନନ୍ଦ ପ୍ରଦାନ କରିଥାନ୍ତି । ତତ୍ ସହିତ ଚତୁର୍ବିଧ ମୁକ୍ତି ମଧ୍ୟରୁ ଗୋଟିଏ ମୁକ୍ତି ଦେଇଥାନ୍ତି । ଏହି ମହାପ୍ରଭୁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଆନନ୍ଦ ପ୍ରଦାନ ପାଇଁ ଯେଉଁ ନବ ଦିନାତ୍ମକ ଘୋଷଯାତ୍ରା ଉତ୍ସବ କରାନ୍ତି, ସେହି ଯାତ୍ରାର ଅନ୍ତିମ ପର୍ବକୁ ନୀଳାଦ୍ରି ବିଜେ କୁହଯାଏ । ଯାହା ଆଷାଢ଼ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହୋଇଥାଏ । ଏହି ଦିନ ରଥ ଉପରେ ଠାକୁରମାନଙ୍କ ସନ୍ଧ୍ୟା ଧୂପ ନୀତି ପରେ ପ୍ରତି ରଥରେ ଚାରମାଳ ବନ୍ଧାଯାଇଥାଏ । ଏହାପରେ ସିଂହାସନ ମାଜଣା କରାଯାଇ ପହଣ୍ଡି କର୍ମ ବଢ଼ିଥାଏ । ପହଣ୍ଡି ସମୟରେ ଚତୁର୍ଦ୍ଧାମୂର୍ତ୍ତିମାନେ ଶ୍ରୀଗୁଣ୍ଡିଚା ଦିନ ଭଳି ଧାଡ଼ି ପହଣ୍ଡିରେ ଶ୍ରୀମନ୍ଦିରର ରତ୍ନ ସିଂହାସନକୁ ଗମନ କରନ୍ତି ନାହିଁ । ଉକ୍ତ ଦାରୁ ମୂର୍ତ୍ତିମାନଙ୍କୁ ଏକ ଏକ କରି ଗୋଟି ପହଣ୍ଡିରେ ନେବାର ପରମ୍ପରା ରହିଛି । ତେଣୁ ପ୍ରଥମେ ଜ୍ୟେଷ୍ଠଭାଇ ଶ୍ରୀବଳଭଦ୍ର, ଶ୍ରୀସୁଦର୍ଶନ ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସିଂହଦ୍ୱାର ଦେଇ ଜୟବିଜୟ ଦ୍ୱାର ଅତିକ୍ରମ କରିବା ପରେ ଶ୍ରୀମନ୍ଦିରକୁ ପ୍ରବେଶ କରା ଯାଇଥାଏ । ଏ ସମୟରେ ସମସ୍ତ ଦୃଶ୍ୟକୁ ଚାହାଣୀ ମଣ୍ଡପରେ ରହି ଅଭିମାନିନୀ ସାଗର ଦୁଲଣୀ ମା ' ମହାଲକ୍ଷ୍ମୀ ଦେଖୁଥାନ୍ତି । ଇତ୍ୟବସରରେ ଜଗତର ନାଥ ଶ୍ରୀଜଗନ୍ନାଥ ନିଜ ଅଙ୍ଗଲାଗି ସେବକମାନଙ୍କ ସହ ଶ୍ରୀମନ୍ଦିରକୁ ପ୍ରବେଶ କରିବା ବେଳେ କୁପିତା ଲକ୍ଷ୍ମୀ ଦାସୀମାନଙ୍କୁ ନେଇ ଦ୍ୱାରକୁ କିଳିଦିଆନ୍ତି । ଏହାଦେଖି ମହାପ୍ରଭୁଙ୍କ ସେବକମାନେ ଅନୁନ୍ୟ ବିନୟ ମୁଦ୍ରାରେ କରଯୋଡ଼ି ନିବେଦନ କରିବା ସହ ଅନେକ ବୁଝାଇ ଥାନ୍ତି । କିନ୍ତୁ ଯେତେ କହିଲେ ଓ ବୁଝାଇଲେ ବି ମା ' ଦ୍ୱାର କପାଟ ଖୋଲନ୍ତି ନାହିଁ । ଶେଷରେ ସକଳ ଚରାଚରର ନିୟନ୍ତା ଚତୁର୍ଦ୍ଦଶ ଭୁବନର ନାୟକ ମାନଭଞ୍ଜକ କାଳିଆ ସାଆନ୍ତ ହସ୍ତରେ ରସଗୋଲା ଧରି ଦ୍ୱାର ନିକଟକୁ ଆସନ୍ତି । ଏହାପରେ ଆରମ୍ଭ ହୁଏ ଜଗନ୍ନାଥ ଓ ମା ' ଲକ୍ଷ୍ମୀଙ୍କର ଗୋଟି ଗୋଟି ବଚନିକା । ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମା ' ଦାସୀମାନଙ୍କୁ ଡାକି ଅଭିମାନ ଭରା ଆଦେଶ ଦେଇ କହନ୍ତି;

ହେ ଦାସୀମାନେ ! ତୁମ୍ଭେ ଯାଇ ଶ୍ରୀଜଗନ୍ନାଥଙ୍କୁ କୁହ ଯେ , ଏହି ସ୍ଥାନରେ ଚଣ୍ଡରୂପା ଦେବୀ ଅବସ୍ଥାନ କରୁଛନ୍ତି । ଆପଣଙ୍କୁ ସୁଖ ପ୍ରଦାନ କରିବାପରି କେହି ପ୍ରିୟା ଏଠାରେ ନାହାନ୍ତି । ଏହା ହେଉଛି ବିରହିଣୀପୁର । ଚନ୍ଦନାଦି ସୁଗନ୍ଧ ପଦାର୍ଥ, ଆପଣଙ୍କ ମନଲାଖି ପାନ, ଭୋଜନ କିଛି ଏଠାରେ ପ୍ରାପ୍ତ ହେବ ନାହିଁ । ଏଣୁ ହେ ବିଭୁ ! ଯେଉଁଠାରେ ଆପଣଙ୍କୁ ଏସବୁ ସୁଲଭ ହେବ , ଆପଣ ସେଠାକୁ ଯିବା ହେଉ । ଏପରି ସମସ୍ତ ଅଭିମାନ ଭରା ବାକ୍ୟ ଶୁଣି, ଜଗତର ନାଥ ଶ୍ରୀଜଗନ୍ନାଥ ନିଜେ କରିଥିବା ଭୁଲକୁ ସ୍ୱୀକାର କରିବା ସହ , କହନ୍ତି - ହେ ପ୍ରିୟେ ! ଏହିପରି ଭୁଲ ଆଉ କେବେ ଭବିଷ୍ୟତରେ ହୋଇବ ନାହିଁ । ଏଣୁ ଏବେ ତୁମେ ତୁମ ମାନଭଞ୍ଜନ ପରିତ୍ୟାଗ କରି ଶ୍ରୀମନ୍ଦିରକୁ ଚାଲିବା ହେଉ । ଏପରି ଶୁଣିବାପରେ ମା' ଲକ୍ଷ୍ମୀ ନିଜର ଦାସୀମାନଙ୍କୁ କହନ୍ତି ଯେ,

ଜାଣେ ସେ କେତେ ଛନ୍ଦ ଗୋପପୁରର ଚାନ୍ଦ
ମନକୁ ତୋଷିଲେ ବହନେ ଲୋ
ରଙ୍ଗ ଅଧରେ ହସି କୁହରେ ଦେଇ ଭାଷି
ଚିତ୍ତ ମୋହିନେଲେ ମୋହନ ଲୋ ।

ତତ୍ ପରେ ଭିତରଛ ମହାପତ୍ର ରସଗୋଲା ଭୋଗ କରିଥାନ୍ତି । ମହାପ୍ରଭୁ ମା ' ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମନ୍ଦିର ଭିତରକୁ ପ୍ରବେଶ କରନ୍ତି । ଶେଷରେ କୁହାଯାଇପାରେ ଯେ, ନୀଳାଦ୍ରି ମହୋତ୍ସବ ହେଉଛି ଓଡ଼ିଆ ଜାତିର ଗୌରବ ଓ ପରମ୍ପରାର ଏକ ଅମୂଲ୍ୟ ଅଧ୍ୟାୟ । କାଳର କରାଳ ସ୍ରୋତରେ ଅନେକ ପରିବର୍ତ୍ତନ ଆସିଥିଲେ ମଧ୍ୟ ଶ୍ରୀମନ୍ଦିରର ଏହି ପ୍ରାଚୀନ ନୀତି ଆଜି ମଧ୍ୟ ସେହି ସମାନ ନିଷ୍ଠା ଓ ଭକ୍ତିର ସହ ପାଳିତ ହୋଇଆସୁଛି, ଯାହା ଜଗନ୍ନାଥ ସଂସ୍କୃତିର ପାବନ ବାର୍ତ୍ତାବହ ଅଟେ ।

*ହେମନ୍ତ କୁମାର ଗନ୍ତାୟତ*
*ମୋ-୯୮୬୧୩୩୪୮୬୮*

# ଶ୍ରୀଜଗନ୍ନାଥ ସଂସ୍କୃତି









ବିଶ୍ୱର ସକଳ ଧର୍ମଶାସ୍ତ୍ରର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ, ଅଥଚ ଏହି ସଂସ୍କୃତି କୌଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ । ଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ଆଞ୍ଚଳିକ ସଂକୀର୍ଣ୍ଣତା ନାହିଁ । ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ ସେତୁ । ପରିବର୍ତ୍ତିତ ସ୍ଥିତିରେ ଏହାର ବାହ୍ୟ ରୂପର ପରିବର୍ତ୍ତନ ଘଟିଥିଲେ ହେଁ ମୂଳତତ୍ତ୍ୱ ଅପରିବର୍ତ୍ତିତ ରହିଛି । ପରିଣାମ ସ୍ୱରୂପ ବିଶ୍ୱର ସକଳ ସଂସ୍କୃତି ମଧ୍ୟରେ ଏହା ସମନ୍ୱୟ ପ୍ରତିଷ୍ଠା କରିପାରିଛି । ଜଗନ୍ନାଥ ସଂସ୍କୃତି ସମସ୍ତ ଜାତି, ଧର୍ମ,ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶୟ ଦେଇଛି । ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା ଏହାର ମୌଳିକ ନୀତି । ଏହି ସଂସ୍କୃତିରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭ୍ରାତୃତ୍ୱର ବାଣୀ ଅତି ସୁସ୍ପଷ୍ଟ । ଚତୁର୍ଦ୍ଧା ମୂର୍ତ୍ତିଙ୍କର ଚାରିଗୋଟି ବର୍ଣ୍ଣ ସମଗ୍ର ମାନବ ଜାତିର ବିଭିନ୍ନ ରଙ୍ଗର ନିଦର୍ଶନ । ଏହାହିଁ ପ୍ରମାଣ କରିଥାଏ ଯେ ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସସ୍କୃତି । ଏକତା, ସମାନତା ଓ ବିଶ୍ୱଭ୍ରାତୃତ୍ୱ ଏହାର ପରମ ଲକ୍ଷ୍ୟ । ଚତୁର୍ଦ୍ଧାମୂର୍ତ୍ତିଙ୍କର ଚାରିଗୋଟି ବର୍ଣ୍ଣ ହେଉଛି ପ୍ରତୀକାତ୍ମକ,ଯାହା ସମଗ୍ର ବିଶ୍ୱବାସୀଙ୍କ ନିକଟରେ ସାମ୍ୟ,ମୈତ୍ରୀ ଓ ଭାତୃତ୍ୱ ପ୍ରତିଷ୍ଠା କରି ଆସୁଅଛି । ଏହି ପୁରୋଦୃଷ୍ଟିରେ ଜଗନ୍ନାଥ ସଂସ୍କୃତି କେବଳ ଜନହିତୈଷୀ ସଂସ୍କୃତି ନୁହେଁ, ବିଶ୍ୱହିତୈଷୀ ସଂସ୍କୃତି । ଏହି ସଂସ୍କୃତି ବିଶ୍ୱର ମଙ୍ଗଳ ଉପରେ ପ୍ରାଧାନ୍ୟ ଦିଏ । ଏହି ସଂସ୍କୃତି ଉଦଘୋଷଣା କରେ ଯେ ; ଈଶ୍ୱର ସକଳ ଜୀବ ମଧ୍ୟରେ ପ୍ରକାଶିକ, ତେଣୁ ପୃଥିବୀର ସକଳ ପ୍ରାଣି ସମାନ । ନୃତ୍ୟ, ସଙ୍ଗୀତ,ସାହିତ୍ୟ, କଳା,ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପ୍ରଭୃତି ହେଉଛି ସଂସ୍କୃତିର ଅନ୍ତରଙ୍ଗ ବିଭବ । ସମନ୍ୱୟାତ୍ମକ ଜଗନ୍ନାଥ ସଂସ୍କୃତିରେ ଏହିସବୁ ଅନ୍ତରଙ୍ଗ ବିଭବର ଅନ୍ତଃସ୍ରୋତ ପ୍ରବାହିତ ଓ ମାନବୀୟ ପ୍ରକାର ଉନ୍ନତ ରୁଚି ଓ ସଂସ୍କାରବୋଧଦ୍ୱାରା ଏହା ଉଜ୍ଜ୍ୱଳବନ୍ତ । ଶ୍ରୀଜଗନ୍ନାଥଙ୍କ ପାରମ୍ପାରିକ ନୃତ୍ୟ ପ୍ରବାହରୁ ଓଡ଼ିଶୀ ନୃତ୍ୟ ଉଦ୍ଭବ, ଯାହାକି ସଂପ୍ରତି ପୃଥିବୀର ସର୍ବଜନାଦୃତ ନୃତ୍ୟକଳା । ଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ସଙ୍ଗୀତ। ଭାବସ୍ପର୍ଶୀ ଓ ଚେତନାଦ୍ୟୋତକ । ଏହି ସଂସ୍କୃତିକୁ ଆଧାର କରି ଯେଉଁ ଅସଂଖ୍ୟ ସାହିତ୍ୟ ସୃଷ୍ଟି ହୋଇଛି ତହିଁର ପଟ୍ଟାନ୍ତର ନାହିଁ । ଶ୍ରୀଜଗନ୍ନାଥ ସଂସ୍କୃତିର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ । ଏହା ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ଉତ୍କଳରୁ ଉତ୍କୃଷ୍ଟ କଳାର ଭୂଖଣ୍ଡ ରୂପେ ଖ୍ୟାତ କରିଛି । ଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବ ଉଦାର ଓ ମହାନ ଅନ୍ତଃପ୍ରେରଣାର ଦୀପ୍ତିମନ୍ତ । ଏଗୁଗିକର ବୌଦ୍ଧିକ ସୃଜନଶୀଳତା ଏହାକୁ ବିଶ୍ୱ ସଂସ୍କୃତିରେ ସ୍ୱତନ୍ତ୍ର ଆସନରେ ଅଧିଷ୍ଠିତ କରିପାରିଛି । ଶତାବ୍ଦୀ ଶତାବ୍ଦୀ ଧରି ଏହା ମାନବ ସମାଜର ଜୀବନ ଚର୍ଯ୍ୟାକୁ ସରସ, ସୁନ୍ଦର,ସମୃଦ୍ଧ,ସୃଜନଶୀଳ ଓ ପରିପୂର୍ଣ୍ଣ କରିଆସିଛି । ବିଶେଷତ୍ୱ ହେଉଛି,ଯୁଗେ ଯୁଗେ ଧରି ଏହି ଅନ୍ତରଙ୍ଗ ବିଭବ ସମୂହ ବିଶ୍ୱ ଜନମାନସକୁ ଆକର୍ଷିତ କରି ଜଗନ୍ନାଥ ସଂସ୍କୃତି ସହିତ ଜନଜୀବନକୁ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ କରିପାରିଛି । ମହନୀୟତା ହେଉଛି,କ୍ରମାଗତ ସଂସ୍କାର ଓ ଉତ୍ତରଶୀଳତାଦ୍ୱାରା ଉର୍ଦ୍ଧ୍ୱମୁଖୀ ହୋଇ ଏହା ମାନବିକତାର ଫଳପ୍ରଦ ଶକ୍ତିରେ ସମୃଦ୍ଧ । ସୂଚନାଯୋଗ୍ୟ ଯେ, ସୁଦୀର୍ଘ ପରମ୍ପରା ଏହାକୁ ଉଜ୍ଜୀବିତ ରଖିବା ସହିତ ଆତ୍ମୀୟ ସନନ୍ଦ ଭାବରେ ପ୍ରତିଭାତ ହୋଇ ନୈତିକତା,ମର୍ଯ୍ୟାଦାବୋଧ ଓ ସୃଜନଶୀଳତାକୁ ଭବ୍ୟରୂପ ପ୍ରଦାନ କରିପାରିଛି । ଅଧିକନ୍ତୁ, ପରମ୍ପରା କ୍ରମବିକାଶ ଧାରା ଜଗନ୍ନାଥ ସଂସ୍କୃତି ସହିତ ଜୀବନର ସମ୍ପର୍କକୁ ପ୍ରତିଷ୍ଠିତ କରିପାରିଛି । ପରିଣାମ ସ୍ୱରୂପ, ଏହାର ସାଂସ୍କୃତିକ ସ୍ରୋତରେ ଅବଗାହନ କରୁଥିବା ପ୍ରତ୍ୟେକଟି ବ୍ୟକ୍ତି, ଜାତି, ଗୋଷ୍ଠୀ ଓ ସମାଜର ଜନଜୀବନ ସୁଶୃଙ୍ଖଳିତ, ସୁସଂହତ, ସମୃଦ୍ଧ ଓ ସମ୍ଭାବ୍ୟ । ଏହି ପ୍ରବାହମାନ ଧାରାରେ ଆଧ୍ୟାତ୍ମିକ ଐକ୍ୟବୋଧର ଉନ୍ନତି ରୁଚି,ବୌଦ୍ଧିକ ସୃଜନଶୀଳତା ଓ ସଂସ୍କାରବୋଧ ଚିର ଜାଜ୍ୱଲ୍ୟମାନ । ଶ୍ରୀଜଗନ୍ନାଥଙ୍କ ନିତ୍ୟ ସମାହିତ ତିନିଧୂପ ପାଞ୍ଚ ଅବକାଶ ରୀତିରେ ପୂଜା,ନୈମିତ୍ତିକ ପର୍ବାପର୍ବାଣି ଓ ବାରମାସରେ ସଂଘଟିତ ତେର ଯାତ୍ରା ଜଗନ୍ନାଥ ସଂସ୍କୃତିକୁ ସୁସଙ୍ଗଠିତ କରିପାରିଛି । ଏଥିରେ ସମାଜର ସକଳଶ୍ରେଣୀ ସକ୍ରିୟ ଅଂଶଗ୍ରହଣ କରି ମହାନତାରେ ଉଦବୁଦ୍ଧ ହୋଇଥାନ୍ତି । ସଭିଙ୍କୁ ଧର୍ମକ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରିବାର ମହାଭିପ୍ରାୟରେ ଶ୍ରୀଜଗନ୍ନାଥ ବାହୁପ୍ରସାରି ସମସ୍ତଙ୍କୁ ଆପଣାର କରିନେଇଛନ୍ତି । ସମସ୍ତଙ୍କୁ ସେବାଧିକାର ଦେବ ନିମିତ୍ତ ସେ ଛତିଶା ନିଯୋଗ ଭିଆଇଛନ୍ତି ।



# ମାନସିକ ଦୁର୍ବଳତା





ସାମର୍ଥ୍ୟ (ବଳ)ର ଅଭାବକୁ ଦୁର୍ବଳ, ଶକ୍ତିହୀନ ବୋଲି ସାଧାରଣତଃ କୁହାଯାଇଥାଏ । ସୀମିତ ହେଲେ ମଧ୍ୟ ଶକ୍ତିର ପରିଚୟ ଦେଇ ନପାରିଲେ, ସର୍ବଦା ନିଜକୁ ଦୁର୍ବଳ ବୋଲି ଭାବିଲେ ବିଭିନ୍ନ କ୍ଷେତ୍ରରେ ଜଟିଳ ସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥାଏ । ତେବେ ଶାରୀରିକ ଦୁର୍ବଳତାଠାରୁ ମାନସିକ ଦୁର୍ବଳତା ଅଧିକ ବିପଜ୍ଜନକ । କୁରୁକ୍ଷେତ୍ରରେ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ଚିତ୍ତର ଦୁର୍ବଳତା ତାଙ୍କୁ ଅବସନ୍ନ କରିଦେଇଥିଲା । ଏହାକୁ ଦୂର କରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ ଶୁଣାଇଥିଲେ ଭଗବଦ୍ ଗୀତାର ଅମୂଲ୍ୟ ବାଣୀ । ମାନସିକ ସ୍ତରରେ ଦୁର୍ବଳ ବ୍ୟକ୍ତି, ଶାରୀରିକ ଦୃଷ୍ଟିକୋଣରୁ ସବଳ ହେଲେ ମଧ୍ୟ ପରିସ୍ଥିତିର ସାମ୍ନା କରି ନପାରି ପରାଜୟ ସ୍ୱୀକାର କରି ନେଇଥାଏ ଆରମ୍ଭରୁ । କର୍ମ ହିଁ ଜୀବନକୁ ସାକାର ରୂପ ଦେଇଥାଏ । ତେବେ କର୍ମଭୀରୁ ଅପେକ୍ଷାକୃତ ସହଜିଆ ମାର୍ଗକୁ ଜୀବନ ଧାରଣର ମାନ ଭାବରେ ଗ୍ରହଣ କରିନେଇଥାନ୍ତି, ଯାହା ସେମାନଙ୍କ ପାଇଁ ଦୁଃଖର କାରଣ ହୋଇଥାଏ । ଏକଦା ପାର୍ବତୀ ଆକାଶମାର୍ଗରୁ ଦେଖିଲେ ଅତିଶୟ ବୃଦ୍ଧ ଦମ୍ପତି ପୁଅ ସହିତ ଭିକ୍ଷା ମାଗୁଛନ୍ତି । ତାଙ୍କର ମାତୃ ହୃଦୟ କରୁଣାରେ ବିଗଳିତ ହୋଇଗଲା । କୈଳାସପତିଙ୍କୁ ନିବେଦନ କରି କହିଥିଲେ- ପ୍ରଭୁ ! ଆପଣଙ୍କ ସଂସାରରେ କେତେକେତେ ଦୁଃଖୀ, ଗରିବ ଘୋର ଦୁଃଖରେ ଦିନ କାଟୁଛନ୍ତି । ଭିକ୍ଷୁ ଦମ୍ପତିଙ୍କୁ ଇଙ୍ଗିତ କରି କହିଥିଲେ ସେମାନଙ୍କୁ ସହାୟତା କରୁନାହାନ୍ତି କାହିଁକି ଶିବଙ୍କ ଉତ୍ତର ଥିଲା- ଦେବି ! ମୁଁ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିବିନି ଚାହିଁଲେ ମଧ୍ୟ । କାରଣ ମାନସିକ ଦୁର୍ବଳତା କାରଣରୁ ସେମାନଙ୍କର ଏ ଦୁର୍ଦ୍ଦଶା । ଭିକ୍ଷାବୃତ୍ତି ଭଳି ସହଜମାର୍ଗ ଆପଣେଇ ନେଇଛନ୍ତି ନିଜ ସୁବିଧା ଦୃଷ୍ଟିରୁ । ଦେବୀ କିନ୍ତୁ ଏହାକୁ ହାଲକା ଭାବରେ ଗ୍ରହଣ କରିଥିଲେ । ଦେବୀଙ୍କ ଏକାନ୍ତ ଅନୁରୋଧରେ ଭଗବାନ ଶିବ ମତ ପରିବର୍ତ୍ତନ କରିଥିଲେ । ବୃଦ୍ଧ ଦମ୍ପତି ଗ୍ରାମ ଉପକଣ୍ଠ ଦେଇ ଯାଉଥିଲାବେଳେ ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ପ୍ରଥମେ ବୃଦ୍ଧାଙ୍କୁ ବର ଯାଚଜ୍ଞା କରିଥିଲେ । ବୃଦ୍ଧା ଅତି ବିହ୍ୱଳିତ ହୋଇ ଅଦ୍ଭୁତ ବର ମାଗିଥିଲେ- ନିଜକୁ ବିଂଶବର୍ଷୀୟ ଯୁବତୀ କରିଦେବା ନିମନ୍ତେ । ବିଷୟବାସନା, ଭୋଗ ପ୍ରତି ଦୁର୍ବାର ଲାଳସା ତାଙ୍କୁ ଏଭଳି ବର ମାଗିବାକୁ ବାଧ୍ୟ କରିଥିଲା । 'ତଥାସ୍ତୁ' କହିବା ମାତ୍ରେ ସୁନ୍ଦରୀ ଯୁବତୀ ହୋଇଯାଇଥିଲେ ବୃଦ୍ଧା । ଏହା ଦେଖି ବୃଦ୍ଧ କ୍ଷୁବ୍ଧ ହୋଇ କହିଥିଲେ ଦୁଷ୍ଟା ନାରୀ । ମୋତେ ଭଲ ଭାବରେ ଜଣାଅଛି ପରପୁରୁଷ ସହ ସଉକରେ ଜୀବନ କଟାଇବାକୁ ତୁ ଏଭଳି ବର ମାଗିଛୁ । ମୋତେ ଛାଡ଼ି ଚାଲିଯିବା ତୋର ଅସଲ ଉଦ୍ଦେଶ୍ୟ । ଶିବ ଏହା ଶୁଣି କହିଥିଲେ- ଏପରି କ୍ରୋଧିତ ହୁଅ ନାହିଁ । ତୁମେ ମଧ୍ୟ ବର ମାଗିପାର । ଭୟଙ୍କର ବିଦ୍ୱେଷ କାରଣରୁ ବୃଦ୍ଧ ହିତାହିତ ଜ୍ଞାନଶୂନ୍ୟ ହୋଇ କହିଥିଲେ- 'ଭଗବାନ ଏହାକୁ ଘୁଷୁରିଟାଏ କରିଦିଅନ୍ତୁ ।' 'ତଥାସ୍ତୁ' କହିଥିଲେ ମହାଦେବ । ମା'ର ଏଭଳି ଦୁରବସ୍ଥା ଦେଖି ମ୍ରିୟମାଣ ହୋଇ କାନ୍ଦିଥିଲା ପୁଅ । ଭଗବାନ ଆଶ୍ୱାସନା ଦେଇ କହିଥିଲେ- ତୁମେ ମଧ୍ୟ ବର ମାଗିପାର । 'ଭଗବାନ ! ମୋର ମା'ର ପୂର୍ବ ଅବସ୍ଥା ଫେରାଇ ଦିଅନ୍ତୁ ।' ତଥାସ୍ତୁ କହିଥିଲେ ଶିବ । ମା' ପୂର୍ବାବସ୍ଥା ପ୍ରାପ୍ତି ହୋଇଥିଲେ । ସମୁଦାୟ ଘଟଣା ଲକ୍ଷ୍ୟ କରିଥିବା ପାର୍ବତୀ ଶିବଙ୍କୁ କହିଥିଲେ- ପ୍ରଭୁ ! ଆପଣ ସତ୍ୟ କହିଥିଲେ । ଏମାନେ ଉତ୍ତମ ବର ପ୍ରାର୍ଥନା କରିବେ କିପରି ମନର ଦୁର୍ବଳତା ତ ସେମାନଙ୍କୁ ନ୍ୟୂନ କରି ଦେଇଛି ।

*ଭଗବାନ ଆଶ୍ୱାସନା ଦେଇ କହିଥିଲେ- ତୁମେ ମଧ୍ୟ ବର ମାଗିପାର । 'ଭଗବାନ ! ମୋର ମା'ର ପୂର୍ବ ଅବସ୍ଥା ଫେରାଇ ଦିଅନ୍ତୁ ।' ତଥାସ୍ତୁ କହିଥିଲେ ଶିବ । ମା' ପୂର୍ବାବସ୍ଥା ପ୍ରାପ୍ତି ହୋଇଥିଲେ ।*

## ପ୍ରତ୍ୟେକ ଗ୍ରାମର ଭିତ୍ତିଭୂମିର ବିକାଶ କରିବା ସକାଶେ ପ୍ରସ୍ତୁତି

କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ସମିତି ବୈଠକ ଗୃହ ମଧ୍ୟରେ ବିକାଶର ଧାରା ଓଡିଶା ସାରା ଯୋଜନା ଆନୁକୂଲ୍ୟରେ କାଶୀନଗର ପଞ୍ଚାୟତ ସମିତି ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମରେ ଭିତ୍ତିଭୂମିର ବିକାଶ



କରିବା ସହ ଗ୍ରାମାଞ୍ଚଳ ମଧ୍ୟରେ ଥିବା ମୌଳିକ ସମସ୍ୟା ଯାହାକି ଅତ୍ୟାବଶ୍ୟକ ହୋଇଥିବ ସେହି ଗୁଡିକୁ ପଞ୍ଜୀକରଣ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧକ୍ଷା ବାଲା ସାଇମ୍ମା ଓ ବିଡ଼ିଓ ଡ଼ମ୍ବୁରୁଧର ମଲ୍ଲିକଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଫାଲ୍ଗୁନୀ ମାଝି, ଡେପୁଟି କଲେକ୍ଟର ମଧୁଲିକା ପାତ୍ର, ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଜି.ସୁନୀଲ ରାଓ ଉପସ୍ଥିତ ରହି ଭିତ୍ତିଭୂମି ବ୍ୟବଧାନ ମୂଲ୍ୟାୟନ ଅଭିଯାନ ଉପରେ ଆଲୋଚନା ହୋଇଥିଲା । ବୈଠକରେ ସବୁ ବିଭାଗୀୟ ଅଧିକାରୀଙ୍କ ସହ ପି ଆର ଆଇ ସଦସ୍ୟ ଓ ଲାଇନ ଡିପାର୍ଟମେଣ୍ଟ ଉପସ୍ଥିତ ଥିଲେ ।

## ନାଗାବଳୀ ନଦୀ କୂଳରେ ନିଆଁ

ରାୟଗଡା,(ନି:ପ୍ର): ରାୟଗଡା ନାଗାବଳୀ ନଦୀ କୂଳରେ ହଟାତ ଗତକାଲି ସନ୍ଧ୍ୟାରେ ପ୍ରବଳ ନିଆଁ ଜଳି ଅତି ବହଳିଆ କଳା ଧୂଆଁ ଉପରକୁ ଉଠିବାର ଦେଖିବାକୁ ମିଳିଥିଲା । ଅଞ୍ଚଳ ବାସିନ୍ଦା ନିଆଁ ଲାଗିଥିବା ଅଞ୍ଚଳକୁ ଦୌଡ଼ି ଯାଇ ଦେଖିଥିଲେ । ଅଗ୍ନି ଶିଖା ଖୁବ ଉପରକୁ ଉଠୁଥିବା ଦେଖିବାକୁ ମିଳିଥିଲା । ଏପରି ଆଗରୁ ବି ଅନେକ ଥର ଦେଖିବାକୁ ମିଳିଥିଲା । ନିଆଁ ଅନେକ ସମୟ ଧରି ଜଳୁଥିଲେ ମଧ୍ୟ କେହି ଅଗ୍ନି ନିର୍ବାପକ ବିଭାଗକୁ ଖବର କରିନଥିବା ଜଣାପଡିଥିବା ବେଳେ ଧୂଆଁ ବ୍ୟାପି ଯାଇଥିଲା । ପରେ ଖବର ନେବାରେ ଜଣା ପଡିଥିଲା ଯେ, ସେହି ଠାରେ ଜନୈକ ଟେଣ୍ଟ ହାଉସ ମାଲିକଙ୍କ ଗୋଦାମଘର ରହିଛି । ଏଣୁ ଅନେକ ପ୍ଲାଷ୍ଟିକ ଜିନିଷ ସହ ଅନ୍ୟାନ୍ୟ



କପଡା, ଓ ଜିନିଷ ସେଠାରେ ଜମାକରି ନିଆଁ ଲଗାଯାଉଥିବା କେତେକ ଅଞ୍ଚଳ ବାସିନ୍ଦା କହିଛନ୍ତି । ଏହି ଅଞ୍ଚଳ ପ୍ରଦୂଷିତ ହେଉଥିବାରୁ ଲୋକେ ଅଭିଯୋଗ କରିବା ସହ ଉଦ୍‌ବେଗ ମଧ୍ୟ ପ୍ରକାଶ କରିଛନ୍ତି । ତେଣୁ ସମ୍ପୃକ୍ତ କର୍ତ୍ତୃପକ୍ଷ ଏ ଦିଗରେ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ ବୋଲି ଅଞ୍ଚଳ ବାସିନ୍ଦା କହିଛନ୍ତି ।

## ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ

କନ୍ଧମାଳ,(ନିପ୍ର): ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଶନିବାର ପବିତ୍ର ସୁନା ବେଶ ଅବସରରେ ବନ ବିଭାଗ ସହାୟତାରେ ସ୍ଥାନୀୟ ନଗର ବନ ଉଦ୍ୟାନ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡ଼ା. ସନ୍ତୋଷ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏସ ପି ଦିଲ୍ଲୀପ ସାହାଣୀ, ରେଞ୍ଜ ଅଫିସର ଆଶଲତା ଦିଗାଲ, ଫରେଷ୍ଟର ସରୋଜ ମିଶ୍ର ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣରୁ ମୁକ୍ତ ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି କହିଥିଲେ । ରୋଟାରୀ କ୍ଲବ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ସଚେତନତା କରିବା ସହ ବୃକ୍ଷ ରୋପଣ କାର୍ଯ୍ୟକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ରୋଟାରୀ କ୍ଲବ୍ ସଭାପତି ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ରୋଟାରୀ କ୍ଲବ୍ ସମ୍ପାଦକ ସୁନୀଲ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଜଗନ୍ନାଥ ରଥ କାଠ ଉଦ୍ଦେଶ୍ୟରେ ଫାଶୀ ଗଛ ଓ ଫଳ ବୃକ୍ଷ ରୋପଣ କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ରୋଟାରୀ କ୍ଲବ୍ ପୂର୍ବତନ ସଭାପତି ତଥା ଏ ଜି ବିପ୍ର ଚରଣ ପାତ୍ର, ବରିଷ୍ଠ ରୋଟାରିଆନ ପ୍ରଶାନ୍ତ କୁମାର ପାଣିଗ୍ରାହୀ, କେ ଜ୍ଞାନ ଦୋରା, ହରିଶ୍ଚନ୍ଦ୍ର ମହାରଣା, ରବି ନାରାୟଣ ସୁବୁଦ୍ଧି, ଉପେନ୍ଦ୍ର ମହାପାତ୍ର, ମୋନୋରଞ୍ଜନ୍ ପଟ୍ଟନାୟକ, ବାଲାଜୀ ପାତ୍ର, ପ୍ରକାଶ ପଣ୍ଡା, ବିରଜା ନାହାକ, କ୍ରିଷ୍ଣା ସେନାପତି, ସଂଜିତ ପାତ୍ର, ରମେଶ ପ୍ରଧାନଙ୍କ ସମେତ ବରିଷ୍ଠ ନାଗରିକ ଶୁଭେନ୍ଦୁ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଅଶୋକ ବେହେରା, ଶ୍ରୀ ଘଟାଲ ଜଙ୍ଗଲ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୩ ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

ଭୁବନେଶ୍ୱର: ଆଗାମୀ ୩ ଦିନ ଅର୍ଥାତ୍ ଜୁଲାଇ ୨୫ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି । ତେଣୁ ମତ୍ସ୍ୟଜିବୀ ମାନଙ୍କୁ ଓଡ଼ିଶା ଉପକୂଳ ଏବଂ ବାହାର ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଏହି ସମୟରେ ଓଡ଼ିଶା ଉପକୂଳ ସମୁଦ୍ର ଏବଂ ବାହାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ତଥା ଏହାର ଝଟକା ୬୦ କି.ମି. ଛୁଇଁପାରେ । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଆମ୍ବଦଳା ରେଳଷ୍ଟେସନ ଦାବି ନେଇ ତାତିଲେ ଲୋକେ

### ।।।।।।।।।।।। ୩୦ରେ ରେଳରୋକ ନେଇ ପ୍ରସ୍ତୁତି ।।।।।।।।।।

ରାୟଗଡା,(ନି:ପ୍ର): ଆମ୍ବଦଳା ରେଳଷ୍ଟେସନରେ ଯାତ୍ରୀ ସୁବିଧା ବୃଦ୍ଧି ଓ ତିନି ଏକ୍ସପ୍ରେସ ଟ୍ରେନ ରହଣି ସହ ୭ ଦଫା ଦାବିକୁ ନେଇ ଉକ୍ତ ଅଞ୍ଚଳରେ ଆନ୍ଦୋଳନ ପାଇଁ ଲୋକେ ଅଣ୍ଟା ଭିଡିଛନ୍ତି । ଆସନ୍ତା ୩୦ ଜୁଲାଇରେ ଶାନ୍ତିପୂର୍ଣ୍ଣ ରେଳରୋକ ଆନ୍ଦୋଳନ ପାଇଁ ଆମ୍ବଦଳା ସିଟିଜେନ କମିଟି ପୂର୍ବରୁ ଚେତାବନୀ ଦେଇଥିଲେ ମଧ୍ୟ ରେଳବାଇ କର୍ତ୍ତୃପକ୍ଷ କୌଣସି ଆଲୋଚନା ପାଇଁ ବାଟ ଫିଟାଉ ନଥିବାରୁ ବା କୌଣସି ପଦକ୍ଷେପ କିମ୍ୱା ଆଲୋଚନା ହୋଇନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଉପୁଜିଛି । ସିଟିଜେନ କମିଟି ସମ୍ବଲପୁର ରେଳ ମଣ୍ଡଳର ଡିଭିଜିନାଲ ରେଳ ପ୍ରବନ୍ଧକଙ୍କୁ ଏକ ଦାବି ପତ୍ର ପ୍ରଦାନ କରି ଷ୍ଟେସନରେ ଟ୍ରେନ ରହଣି, ଲିଫ୍ଟ , ଆଧୁନିକ ବିଶ୍ରାମାଗାର, କୋଚ ପୋଜିସନ ଡିସ୍ପେଲ ସିଷ୍ଟମ, ପ୍ଲାଟଫର୍ମ ସଂଯୋଗ ବ୍ୟବସ୍ଥା, ଏବଂ ଡାଉନ ଟ୍ରେନ ପାଇଁ ୪ ନମ୍ବର ପ୍ଲାଟଫର୍ମର ବ୍ୟବହାର ସମେତ ୭ ଦଫା ଦାବି ଉପସ୍ଥାପନ କରିଥିଲେ ସୁଦ୍ଧା ବର୍ଷ ବର୍ଷ ଧରି କମିଟି ଏହି ଦାବି ଦୋହରାଇ ଆସୁଥିଲେ ମଧ୍ୟ ଏହାକୁ ରେଳ କର୍ତ୍ତୃପକ୍ଷ ଅଣଦେଖା କରିବା ଆଉ କୌଣସି ପଦକ୍ଷେପ ନନେବା ଫଳରେ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯାହା ଫଳରେକି ଅଂଚଳବାସୀ ଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରି ଆନ୍ଦୋଳନ କରିବା ପାଇଁ ବାଧ ବୋଲି କମିଟିର ସଦସ୍ୟ ମାନେ କହିଛନ୍ତି । ଆମ୍ବଦଳା ରେଳ ଷ୍ଟେସନ ଉପରେ ରାୟଗଡା, କଳାହାଣ୍ଡି, ଓ କନ୍ଧମାଳ ଜିଲ୍ଲାର ବହୁ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ହଜାର ହଜାର ଲୋକ ନିର୍ଭର କରିଆସୁଥିବାରୁ ଦାବିଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ୩୦ ଜୁଲାଇ ପୂର୍ବରୁ ରେଳବାଇ କର୍ତ୍ତୃପକ୍ଷ ଲୋକଙ୍କ ଅସୁବିଧାକୁ ବିଚାରକୁ ନନେଇ ଯଦି ପୂର୍ବ ଘୋଷିତ କାର୍ଯ୍ୟକ୍ରମ ପ୍ରକାରେ ରେଳରୋକ ଆନ୍ଦୋଳନ କରାଯିବ ବୋଲି ସିଟିଜେନ କମିଟି ସ୍ୱଷ୍ଟ ଭାବେ ସୂଚାଇ ଦେଇଛନ୍ତି ବୋଲି କମିଟିର ଜଣେ ସଦସ୍ୟ କହିଛନ୍ତି । ବର୍ତ୍ତମାନ ରେଳ ବିଭାଗ ପକ୍ଷରୁ କି ପ୍ରକାର ପଦକ୍ଷେପ ନିଆଯାଉଛି ତାହାରି ଉପରେ ସମସ୍ତଙ୍କର ନଜର ରହିଥିବା ବେଳେ ଆନ୍ଦାଳନ ପୂର୍ବରୁ ଏହି ଉପସ୍ଥାପିତ ଦାବି ଗୁଡ଼ିକ ସମାଧାନ ଦିଗରେ ରେଳ ବିଭାଗ କି ପଦକ୍ଷେପ ନେବାକୁ ଯାଉଛି ତାହା ଉପରେ ସମସ୍ତଙ୍କର ନଜର ରହିଛି ।

## କାଶୀନଗର : ରଥ ନିର୍ମାଣ ପାଇଁ ବିଧାୟକଙ୍କ ଅନୁଦାନ ପ୍ରତିଶ୍ରୁତି

କାଶୀନଗର,(ନିପ୍ର): ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ କାଶୀନଗର ଗସ୍ତରେ ଆସି ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ । ବିଧାୟକଙ୍କ ଦର୍ଶନ ସମୟରେ କାଶୀନଗର ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ପାତ୍ର ଓ ପୂର୍ବତନ



ଉପାଧ୍ୟକ୍ଷ ରଘୁରାମ ସାହୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଯେଉଁ ରଥ ଅଛି ତାହା ବେଶୀ ପୁରୁଣା ହୋଇଯାଇ ଥିବାରୁ ଏହି ବର୍ଷ ରଥ ଟାଣିବା ସମୟରେ ରଥ ଚକ ସବୁ ନଷ୍ଟ ହୋଇ ଯାଇଥିବା ଦୃଷ୍ଟିକୁ ଆଣିଥିଲେ । ବିଧାୟକ ଶ୍ରୀ ପାଣିଗ୍ରାହୀ ରଥର ଜରାଜୀର୍ଣ୍ଣ ଅବସ୍ଥା ଦେଖି ଏକ ନୂତନ ରଥର ନିର୍ମାଣ ସକାଶେ ଅନୁଦାନ ରାଶି ଯୋଗାଡ଼ କରବା ସହ ଆସନ୍ତା ବର୍ଷ କିପରି ନୂତନ ରଥରେ ପ୍ରଭୁ ଶ୍ରୀ ଜଗନ୍ନାଥ ରଥାରୁଢ଼ ହୋଇ ଯାତ୍ରାରେ ଆସିବେ ସେଥିପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି ।

## ୨୯ ଜୁଲାଇରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ ବିଜେପିର ସମରସ ସଂକଳ୍ପ ଅଭିଯାନ

ଭୁବନେଶ୍ୱର,(ହି.ସ): ଆଧ୍ୟାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ । ଆଧ୍ୟାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ । ସେ ଜଣେ ମହାନ ସନ୍ଥ ଓ କବି ହେବା ସହ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ । ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜୟନ୍ତୀ ବର୍ଷ ୨୯ ଜୁଲାଇ ୨୦୨୬ (ଗୁରୁ ପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ ଶ୍ରୀଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯିବ ।

ଏନେଇ ଶନିବାର ରାଜ୍ୟ କାର୍ଯ୍ୟାଳୟରେ 'ସମରସ ସଂକଳ୍ପ ଅଭିଯାନ'ର ପ୍ରଦେଶସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସନ୍ଥ ରବି ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଭାବନା ଓ ସେ ଦେଇଥିବା ମାର୍ଗଦର୍ଶନ କିପରିଭାବେ ସମସ୍ତଙ୍କ ପାଖରେ ପହଂଚିବ ସେନେଇ କର୍ମଶାଳାରେ ରୂପରେଖ ପ୍ରସ୍ତୁତ ହେବା ସହ ବିସ୍ତୃତ ଆଲୋଚନା ହୋଇଥିଲା । ଗୁରୁ ରବିଦାସଜୀଙ୍କ ଜନ୍ମସ୍ଥଳୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହେବ । ତାଙ୍କ ଜନ୍ମସ୍ଥଳୀରୁ କଳସରେ ମାଟି ଆଣି ଦେଶର ବିଭିନ୍ନ ରାଜ୍ୟକୁ ନିଆଯିବ । ସେହି ମାଟିକୁ ବିଭିନ୍ନ କଳସରେ ଭରି ରାଜ୍ୟର ସବୁ ମଣ୍ଡଳକୁ ନିଆଯିବ । ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ ।

ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ । ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ଜୀବନ, ଦର୍ଶନ, ସମାନତା, ଭକ୍ତି, ସେବା, ସାମାଜିକ ନ୍ୟାୟ ଓ ମାନବତାର ବାର୍ତ୍ତାକୁ ସମଗ୍ର ଦେଶରେ ବ୍ୟାପକ ଭାବେ ପ୍ରଚାର କରାଯିବ । ସମାଜରେ ତଳ ସେପାନରେ ରହୁଥିବା ବ୍ୟକ୍ତିଙ୍କ ପାଖରେ ବିଜେପିର କାର୍ଯ୍ୟକର୍ତ୍ତାମାନେ କିପରି ପଂହଚିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରୀୟ କମିଟିର ସଂଯୋଜକ ତଥା ପୂର୍ବତନ ସାଂସଦ ସୁନିତା ଦୁଗଲ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁକେଶ ମହାଲିଙ୍ଗ, ଯାଜପୁର ସାଂସଦ ରବିନାରାୟଣ ବେହେରା, ବିଧାୟକ ରଘୁନାଥ ଜଗଦଲା, ଅଗଷ୍ଟି ବେହେରା, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକ, ଅନୁସୂଚିତ ଜାତି ମୋର୍ଚ୍ଚା କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ ଓ ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ ଟୋଲି, ଜିଲ୍ଲା ସଭାପତି ଓ ଜିଲ୍ଲା ଟୋଲିର ସଦସ୍ୟମାନେ ଯୋଗଦେଇଥିଲେ ।

### ଆଇସିଡିଏସ୍ କାର୍ଯ୍ୟକ୍ରମର ସମୀକ୍ଷା

## ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଉପରେ ଗୁରୁତ୍ୱାରୋପ

ଝାରସୁଗୁଡା : ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡତିଆ ଏବଂ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ ।

ବୈଠକରେ ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚହ୍ୱାଣ ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାର ହ୍ରାସ ପାଇଁ ସମସ୍ତ ସି ଡି ପି ଓ ଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ କ୍ଷେତ୍ରସ୍ତରରେ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଗୁରୁତର ଅପପୁଷ୍ଟି ଶିଶୁମାନଙ୍କର ନିୟମିତ ଅନୁଧାନ ଓ ପୁଷ୍ଟି ସ୍ଥିତିରେ ସୁଧାର ଆଣିବା ଉଦ୍ଦେଶ୍ୟରେ ସମସ୍ତ ଶିଶୁଙ୍କୁ ପୋଷଣ ଅଭିଭାବକଙ୍କ ଅଧୀନରେ ଅନ୍ତର୍ଭୁକ୍ତ କରି ସେମାନଙ୍କର ନିରନ୍ତର ମନିଟରିଂ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଫେସ୍ ରେକଗ୍ନିସନ୍ ସିଷ୍ଟମ ଶତପ୍ରତିଶତ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ଶିଶୁମାନଙ୍କର ଉଚ୍ଚତା ଓ ଓଜନ ମାପିବା କାର୍ଯ୍ୟକୁ ଶତପ୍ରତିଶତ ସଠିକ୍ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମସ୍ତ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସପ୍ଲିମେଣ୍ଟାରୀ ନ୍ୟୁଟ୍ରିସନ୍ ପ୍ରୋଗ୍ରାମ୍ ଅଧୀନରେ ପୁଷ୍ଟିକର ଖାଦ୍ୟ ବଣ୍ଟନ, ଟେକ୍ ହୋମ୍ ରାସନ୍ ବିତରଣର ସ୍ଥିତି ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଭବନ ନିର୍ମାଣ କାର୍ଯ୍ୟର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ସମସ୍ତ କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ ଭାବେ ସମ୍ପାଦନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଉକ୍ତ ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ଡିଆ, ପିଓ (ଆଇସିଡିଏସ୍) ଜଗ୍ୟାସେନୀ ମହାନନ୍ଦ, ଡିପିସି (ମମତା) ତୁଷାରକାନ୍ତ ନାୟକ, ଡିସି (ପୋଷଣ) ରମାକାନ୍ତ ନାଏକ, ଡିସି (ହବ୍) ଲିଲେଶ୍ୱର ସାହୁ, କିର୍ମିରା ସିଡିପିଓ ସଙ୍ଗୀତା ଅଡ୍ଡା, କୋଲାବିରା ସିଡିପିଓ ତାରୁଲତା ପଟେଲ, ବ୍ରଜରାଜନଗର ଓ ଲଖନପୁର ସିଡିପିଓ ସ୍ୱର୍ଣ୍ଣମଞ୍ଜରୀ ସାମଲ, ଝାରସୁଗୁଡ଼ା ଗ୍ରାମାଞ୍ଚଳ ସିଡିପିଓ କର୍ପୂରା ପଟେଲ, ଝାରସୁଗୁଡ଼ା ସହରାଞ୍ଚଳ ସିଡିପିଓ ଏଲ୍. ଏସ୍. ବାରୁଣୀ ସାହୁ ଏବଂ ଲଇକେରା ସିଡିପିଓ ସୁବାସିନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ନୀଳାଦ୍ରିବିଜେ : କଟକ ସିଏମ୍‌ସିର ନିଆରା କାର୍ଯ୍ୟକ୍ରମ

ପୁରୀ/କଟକ,(ନିପ୍ର): ନିଳାଦ୍ରୀ ବିଜେ ଦିନ ରଥାରୁଢ଼ ମହାପ୍ରଭୁ ନିଳାଦ୍ରୀ ବିଜେ କରିବେ । ମା ଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଭୋଗ ଲାଗିହେବ । ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାର ଶେଷ ପର୍ବ ପବିତ୍ର ନୀଳାଦ୍ରି ବିଜେ ଉତ୍ସବ ଓ ରସଗୋଲା ଦିବସ ଅବସରରେ କଟକ ସିଗ୍ନେଚର ପରିଚାଳନା କମିଟି(ଏସ. ଏମ. ସି. ) ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀର ଶ୍ରୀକୃଷ୍ଣ ସିନେମା ଗଳି ନିକଟ ପାପୁଡିଆ ମଠ ଠାରେ ପ୍ରାୟ ୩୦ ହଜାର ରସଗୋଲା ମହାପ୍ରଭୁଙ୍କୁ ମଣୋହି କରିବା ସହ ଭକ୍ତ ମାନଙ୍କୁ ନିଃଶୁଳ୍କ ବଣ୍ଟନ କରାଯିବ । ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ବିଧିବଦ୍ଧ ଭାବେ ସମସ୍ତ ଆୟୋଜନ କରାଯାଉଛି । କମିଟିର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ସହଯୋଗରେ ବଣ୍ଟନ କରାଯିବ । ସଭାପତି ବିଶ୍ୱ ରଞ୍ଜନ ସାଥୁଆ, ସମ୍ପାଦକ ସୋମନାଥ କୁମାର ଜୀ, କାର୍ଯ୍ୟକାରୀ ଉପ ସଭାପତି ସାଇ ପ୍ରସାଦ ମହାନ୍ତି, ସୁଶ୍ରୀ ସୌମ୍ୟାଦର୍ଶିନୀ ଦାସ, ଏକଲବ୍ୟ ବେହେରା, ଅଂଶୁମାନ ଭାରତୀ, ସଂଗଠନ ସମ୍ପାଦିକା ସୁସ୍ମିତା ସାମଲ, ଯୁଗ୍ମ ସମ୍ପାଦକ ମନୋଜ ଶର୍ମା, ଦେବାଶିଷ ଚକ୍ରବର୍ତ୍ତୀ, ସନ୍ଦୀପ ବିଶ୍ୱାଳ, କୋଷାଧକ୍ଷ ଓମ ପ୍ରକାଶ ସାହୁ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଗରିବ ସନାତନଙ୍କ ପାଇଁ ବସୁନ୍ଧରା ଓ ଆବାସ ଯୋଜନା ପାଲଟିଛି ସାତ ସପନ

କଣ୍ଟିଲୋ,(ନି.ପ୍ର): ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି । ମାତ୍ର ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ସରକାରଙ୍କ ସୁଦୁର ପ୍ରସାରୀ ଲୋକହିତକର ଯୋଜନା ଗୁଡିକର ସଫଳ ରୂପାୟନ ତୃଣମୂଳସ୍ତରରେ ହୋଇ ପାରୁ ନଥିବା ଏହି ଘଟଣାରୁ ସ୍ପଷ୍ଟ ବାରି ହୋଇ ପଡୁଛି । ସରକାର ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ ସରକାରୀ ଜାଗା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ବର୍ଷ ବର୍ଷ ଧରି ସରକାରୀ ଜାଗାରେ ଝାଟିମାଟି,କଚ୍ଚା ଘର ନିର୍ମାଣ କରି ରହୁଥିବା ଏକାଧିକ ଭୂମିହୀନ ପରିବାରବର୍ଗଙ୍କ ନିକଟରେ ନା ଅଛି ଜାଗାର ପଟ୍ଟା ନା ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଭାବେ ସାମିଲ ହୋଇ ପାରୁଛନ୍ତି । ଏଭଳି ଏକ ଘଟଣାକ୍ରମେ ଖଣ୍ଡପଡା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମର ସନାତନ ପାତ୍ର ଜଣେ ଗରିବ ଓ ଭୂମିହୀନ ବ୍ୟକ୍ତି ଅଟନ୍ତି ।ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କା ଘର ଖଣ୍ଡିଏ ନିର୍ମାଣ କରିବା ସନାତନଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଆବାସ ଯୋଜନା ହିତାଧିକାରୀ ତାଲିକାରେ ତାଙ୍କର ନାମ ରହିଥିଲେ ମଧ୍ୟ ଘରବାରି ପଟ୍ଟା ଖଣ୍ଡେ ତାଙ୍କ ପାଖରେ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଖଣ୍ଡେ ପାଇବାରୁ ସେ ବଞ୍ଚିତ ହୋଇଥିବା ଜଣାପଡିଛି ।ତେବେ ବିଭିନ୍ନ ସମୟରେ ତଦନ୍ତ କରିବାକୁ ଆସୁଥିବା ପ୍ରଶାସନିକ ଅଧିକାରୀମାନେ ଜାଗାର ପଟ୍ଟା ନାହିଁ ତ ଆବାସ ଯୋଜନାରେ ବାସଗୃହ ଖଣ୍ଡେ ମିଳିବ ନାହିଁ ବୋଲି ରୋକଠୋକ ଶୁଣାଇ ଦେବା ପରେ ସନାତନଙ୍କ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି । ବସୁନ୍ଧରା ଯୋଜନାରେ ୪ ଡିସିମିଲ ଜାଗା ପାଇବା ଆଶାରେ ସନାତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବା ସହ ଅନେକବାର କାର୍ଯ୍ୟାଳୟକୁ ଯାଇଥିଲେ ହେଁ ଅଦ୍ୟାବଧି ତାଙ୍କ ଅଭିଯୋଗ ପ୍ରତି କେହି ହେଲେ ଗୁରୁତ୍ୱ ଦେଇ ନଥିବା ନେଇ ଦୁଃଖର ସହ ସେ ପ୍ରକାଶ କରିଛନ୍ତି । ସନାତନ ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଅବଗତ କରି ନିରାଶ ହୋଇଥିବା ଜଣାପଡିଛି ।

ସେହିପରି ଖଣ୍ଡପଡ଼ା ବ୍ଲକ ଓ ତହସିଲ ପ୍ରଶାସନ ଏ ଦିଗରେ ସନାତନଙ୍କୁ ସହଯୋଗର ହାତ ବଢାଇଲେ ଗରିବ ଶ୍ରେଣୀର ଏହି ପରିବାରବର୍ଗ ସରକାରଙ୍କ ସୁଦୂରପ୍ରସାରୀ ଲୋକହିତକର ଯୋଜନାରେ ସାମିଲ ହେବା ସହ ଉପକୃତ ହୋଇ ପାରନ୍ତେ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଝାଟିମାଟି ଚାଳ ଛପର ଘରେ ବାସ କରୁଥିବା ସନାତନଙ୍କ ପରିବାରବର୍ଗ ପ୍ରତିବର୍ଷ ଘର ଛପର କରିବା ନିମନ୍ତେ ପୂରା ଅସମର୍ଥ ଅଟନ୍ତି । ସମ୍ବଳ ଅଭାବରୁ ସନାତନଙ୍କ ପରିବାରବର୍ଗ ଅତି ଦୟନୀୟ ସ୍ଥିତିରେ ଏବେ ବାସ କରୁଥିବା ବେଳେ ଉକ୍ତ ପରିବାର ପ୍ରତି ଖଣ୍ଡପଡ଼ା ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ରୟତି ଢୋଲମରା ଗ୍ରାମବାସୀ ଦାବି କରିଛନ୍ତି ।

## ଝାରସୁଗୁଡ଼ା ରେଳ ଷ୍ଟେସନରେ ଯାତ୍ରୀ ଦୁର୍ଦ୍ଦଶା

### ତୁରନ୍ତ ସମାଧାନ ଦାବିକଲା ବିଜେଡି, ନଚେତ୍ ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା : ଝାରସୁଗୁଡ଼ା ରେଳ ଷ୍ଟେସନରେ ଯାତ୍ରୀ ସେବାର ଅବ୍ୟବସ୍ଥା ଓ ନିର୍ମାଣ କାର୍ଯ୍ୟ ଯୋଗୁଁ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ଦାବି କରି ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଷ୍ଟେସନ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦଳର ଜିଲ୍ଲା ସଭାପତି ହରିଶ ଗଣତ୍ରାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଷ୍ଟେସନରେ ନୂତନ ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଯାତ୍ରୀମାନଙ୍କୁ ଦୀର୍ଘ ଫୁଟ୍ ଓଭରବ୍ରିଜ୍ ଦେଇ ଯାତାୟାତ କରିବାକୁ ପଡୁଛି । ଏଥିରେ ବିଶେଷକରି ବୃଦ୍ଧ, ରୋଗୀ ଓ ଦିବ୍ୟାଙ୍ଗ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ଦିନରେ ନିର୍ମାଣାଧୀନ ଅଞ୍ଚଳରେ କାଦୁଅ ଓ ପାଣି ଜମି ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି । ତେଣୁ ଅସ୍ଥାୟୀ ରାମ୍ପ, ଏସ୍କାଲେଟର, ଲିଫ୍ଟ କିମ୍ବା ବ୍ୟାଟେରି ଚାଳିତ ଯାନର ବ୍ୟବସ୍ଥା କରିବାକୁ ଦଳ ଦାବି କରିଛି । ଏହାଛଡ଼ା ପ୍ଲାଟଫର୍ମରେ ବିଶୁଦ୍ଧ ପାନୀୟ ଜଳର ଅଭାବ, ଶୌଚାଳୟ ଓ ପ୍ରତୀକ୍ଷାଳୟରେ ଜଳ ଯୋଗାଣ ବନ୍ଦ ରହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଦାବିପତ୍ରରେ ଦର୍ଶାଯାଇଛି । ସେହିପରି ଚୌକିପଡ଼ା ଓ ବେହେରାମାଲ ରେଳ ଓଭରବ୍ରିଜ୍ (ଆରଓବି) ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ଧରି ଅଧାପନ୍ତରିଆ ରହିଥିବାରୁ ସହରରେ ଟ୍ରାଫିକ୍ ସମସ୍ୟା ବଢୁଥିବା ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରାଯାଇଛି । ବିଜେଡି ପକ୍ଷରୁ ଝାରସୁଗୁଡ଼ା–ଗୋନ୍ଦିଆ, ଝାରସୁଗୁଡ଼ା–ରାଞ୍ଚି ଓ ସମ୍ବଲପୁର–ରାଉରକେଲା ମେମୁ ଟ୍ରେନ୍ ଗୁଡ଼ିକୁ ପାର୍ବଣ ସମୟରେ ବନ୍ଦ ନକରି ନିୟମିତ ଚଳାଚଳ କରାଇବା, ଟ୍ରେନ୍ ବିଳମ୍ବ ସମସ୍ୟାର ସମାଧାନ, ଅଟୋ ପାର୍କିଂ ପାଇଁ ସ୍ଥାୟୀ ବ୍ୟବସ୍ଥା ଏବଂ ପ୍ଲାଟଫର୍ମ ନମ୍ବର–୧ରେ ଶେଡ୍ ବିସ୍ତାର କରିବାକୁ ମଧ୍ୟ ଦାବି କରାଯାଇଛି । ଏହି ଦାବିପତ୍ରର ନକଲ ଚକ୍ରଧରପୁର, ସମ୍ବଲପୁର ଓ ବିଲାସପୁର ରେଳମଣ୍ଡଳର ଡିଆରଏମଙ୍କ ନିକଟକୁ ପଠାଯାଇଛି । ଶୀଘ୍ର ସମସ୍ୟାର ସମାଧାନ ନହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବିଜେଡି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି ।

## ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ବଲାଙ୍ଗିର,(ନିପ): ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ସେବା ଶିବିର ଶାନ୍ତିପଡ଼ା (ଟାଇଗର କ୍ଲବ) ବଲାଙ୍ଗୀର ଠାରେ ଅନୁଷ୍ଠିତ ହେଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା । ଏହି ଶିବିରରେ ସ୍ଥାନୀୟ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ ।

# ଶିଳ୍ପାୟନକୁ ନୂଆ ଗତି: ବ୍ୟବସାୟ କରିବାର ସୁଗମତା ବୃଦ୍ଧି ଦିଗରେ ଇଡ୍‌କୋର ବଡ଼ ପଦକ୍ଷେପ

ଭୁବନେଶ୍ୱର,(ନିପ୍ର) : ଓଡ଼ିଶାରେ ଶିଳ୍ପାୟନକୁ ଅଧିକ ଗତିଶୀଳ କରିବା ଏବଂ ବ୍ୟବସାୟ କରିବାର ସୁଗମତାକୁ ଆହୁରି ସୁଦୃଢ଼ କରିବ ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ପକ୍ଷରୁ ଅଧକ୍ଷା ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏକଉଚ୍ଚସ୍ତରୀୟ ଶିଳ୍ପ ହିତାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଇଡକୋ ପରିସରରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶିଳ୍ପ ସଂଗଠନ, ବାଣିଜ୍ୟ ମଣ୍ଡଳ, ଏମ୍ଏସ୍ଏମ୍ଇ ସଂଗଠନ ଏବଂ ଆଞ୍ଚଳିକ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ଶିଳ୍ପ ଭିତ୍ତିଭୂମି, ଜମି ଆବଣ୍ଟନ, ବିଦ୍ୟୁତ, ଜଳଯୋଗାଣ, ଲଜିଷ୍ଟିକ୍ସ ଏବଂ ବିଭିନ୍ନ ନିୟାମକ ପ୍ରକ୍ରିୟାର ସରଳୀକରଣ ଉପରେ ଆଲୋଚନା କରିଥିଲେ । ଶିଳ୍ପ ସଂସ୍ଥାମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଶିଳ୍ପ ସଂସ୍ଥାମାନଙ୍କ ସହ ନିୟମିତ ଆଲୋଚନା , ସ୍ୱଚ୍ଛ ପ୍ରଶାସନ ଏବଂ ଦ୍ରୁତ ସମସ୍ୟା ସମାଧାନ ହିଁ ଇଡିକୋର ପ୍ରମୁଖ ପ୍ରାଥମିକତା । ଏହା ମାଧ୍ୟମରେ ରାଜ୍ୟରେ ଅଧିକ ନିବେଶ ଆକର୍ଷଣ ସହ ଏକ ପ୍ରତିଯୋଗିତାମୂଳକ ଶିଳ୍ପ ପରିବେଶ ସୃଷ୍ଟି ହେବ ।

ଗତ ଦୁଇ ବର୍ଷ ମଧ୍ୟରେ ଇଡିକୋ ପ୍ରାୟ ୬ ହଜାର ଏକର ଜମିକୁ ଶିଳ୍ପ ଭୂମି ବ୍ୟାଙ୍କରେ ସାମିଲ କରିଥିବା ବେଳେ ୬,୦୨୭ ଏକର ଜମି ବୃହତ୍ ଓ ମଧ୍ୟମ ଶିଳ୍ପ ପାଇଁ ହସ୍ତାନ୍ତର କରିଛି । ଏହାସହ ୯୩ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଜମି ଆବଣ୍ଟନ କରାଯାଇଛି । ରାଜ୍ୟରେ ୩୦ଟି ମଲ୍ଟି-ପ୍ରଡକ୍ଟ ଏମ୍ଏସ୍ଏମ୍ଇ ଷପାର୍କ ସହ ଇଲେକ୍ଟ୍ରୋନିକ୍ସ, ବୟନ, ପ୍ଲାଷ୍ଟିକ୍, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆଲୁମିନିୟମ୍ ଭିତ୍ତିକ ଶିଳ୍ପ ପାଇଁ ସ୍ୱତନ୍ତ୍ର ପାର୍କ ଗଢ଼ି ଉଠିଛି । ବର୍ତ୍ତମାନ ୩,୫୦୦ କୋଟିରୁ ଅଧିକ ଅର୍ଥ ବ୍ୟୟରେ ୧୪୭ଟି ଶିଳ୍ପ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ଆଇଆଇଡିଏଫ୍ ଏବଂ ସାସ୍ୱି ଯୋଜନାରେ ୧,୮୭୦ କୋଟିରୁ ଅଧିକ ଅର୍ଥ ବ୍ୟୟର ୧୧୭ଟି ନୂତନ ପ୍ରକଳ୍ପ ପ୍ରସ୍ତାବିତ ହୋଇଛି । ଇଡିକୋ ବର୍ତ୍ତମାନ ପ୍ରାୟ ୧୫୦ଟି ଶିଳ୍ପାଞ୍ଚଳ, ଶିଳ୍ପ ଇଷ୍ଟେଟ୍ ଓ ଏମ୍ଏସ୍ଏମ୍ଇ ପାର୍କ ପରିଚାଳନା କରୁଛି, ଯେଉଁଠାରେ ୬,୬୬୧ଟି ଶିଳ୍ପ ୟୁନିଟ୍ କାର୍ଯ୍ୟରତ ଅଛି ।

ଶିଳ୍ପ କ୍ଷେତ୍ରରେ ଅନୁମୋଦନ ପ୍ରକ୍ରିୟାକୁ ସହଜ ଓ ଶୀଘ୍ର କରିବା ପାଇଁ ଇଡିକୋ ବିଭିନ୍ନ ସଂସ୍କାର କାର୍ଯ୍ୟକାରୀ କରିଛି । ଶିଳ୍ପ ଭବନ, ଫ୍ଲାଟେଡ୍ ଫ୍ୟାକ୍ଟରୀ ଓ ଆଇଟି/ଆଇଟିଇଏସ୍ ପ୍ରତିଷ୍ଠାନ ପାଇଁ ଭୂମି ଆବରଣ ସୀମା ହଟାଯାଇଥିବା ବେଳେ ଟିଡିଆର୍ ପ୍ରମାଣପତ୍ର ବିନା ସମ୍ପୂର୍ଣ୍ଣ ଏଫ୍ଏଆର୍ ବ୍ୟବହାରକୁ ଅନୁମତି ଦିଆଯାଇଛି । ଶିଳ୍ପ ସଂଗଠନମାନଙ୍କୁ ନିର୍ଦ୍ଦିଷ୍ଟ ମାନର ଭବନ ନକ୍ସା ପୂର୍ବରୁ ଅନୁମୋଦନ ପାଇଁ ଦାଖଲ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

ମର୍ଜେଜ୍ ଏନ୍ଓସି ପ୍ରକ୍ରିୟାକୁ ସ୍ୱୟଂଚାଳିତ କରାଯାଉଥିବା ବେଳେ ଶିଳ୍ପ ଭୂମି ବ୍ୟାଙ୍କର ସମସ୍ତ ତଥ୍ୟ ସହ ଏକ ସାର୍ବଜନିକ ଡିଜିଟାଲ୍ ପୋର୍ଟାଲ୍ ପ୍ରସ୍ତୁତ କରାଯାଉଛି । ଜମି ଆବଣ୍ଟନ ଅନୁମୋଦନ ପରେ ଏକ ମାସ ମଧ୍ୟରେ ଲିଜ୍ ଓ ଦଖଲ ପ୍ରଦାନ ସମ୍ପୂର୍ଣ୍ଣ କରିବାକୁ ଇଡିକୋ ଲକ୍ଷ୍ୟ ଧାର୍ଯ୍ୟ କରିଛି । ବୈଠକରେ ଶିଳ୍ପାଞ୍ଚଳରେ ଜଳଯୋଗାଣ, ବିଦ୍ୟୁତ, ଡ୍ରେନେଜ୍, ଯାତାୟାତ, ପାର୍କିଂ ଏବଂ ସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗ ମଧ୍ୟ ଆଲୋଚନା ହୋଇଥିଲା । ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଜଳଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ଇନଫୋସିଟିରେ ବହୁସ୍ତରୀୟ ପାର୍କିଂ ପ୍ରକଳ୍ପ ଏବଂ ସାତଟି ପ୍ରମୁଖ ଶିଳ୍ପାଞ୍ଚଳରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଚାଲିଥିବା ସୂଚନା ଦିଆଯାଇଥିଲା ।

ଏହି ବୈଠକରେ ୟୁସିସିଆଇ, ସିଆଇଆଇ, ଫିକି, ଆସୋଚାମ୍, ଆଇସିସି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର, ଫିଓ, ନାସକମ୍ ସମେତ ବିଭିନ୍ନ ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ । ବୈଠକ ଶେଷରେ ଶିଳ୍ପ ସଂଗଠନ ଏବଂ ଇଡିକୋ ମଧ୍ୟରେ ନିୟମିତ ଆଲୋଚନାକୁ ଅଧିକ ସୁଦୃଢ଼ କରିବା, ଶିଳ୍ପ ଭିତ୍ତିଭୂମିର ଦ୍ରୁତ ବିକାଶ ଏବଂ ପ୍ରଶାସନିକ ପ୍ରକ୍ରିୟାର ସରଳୀକରଣ ମାଧ୍ୟମରେ ଓଡ଼ିଶାକୁ ଦେଶର ଅଗ୍ରଣୀ ନିବେଶ ଗନ୍ତବ୍ୟରେ ପରିଣତ କରିବାକୁ ସମସ୍ତେ ଦୃଢ଼ ସଂକଳ୍ପ ବ୍ୟକ୍ତ କରିଥିଲେ ।

ତିଥି :(ତ୍ରୟୋଦଶୀ): (ମୂଳା ଧନୁ)
ଅମୃତ ବେଳା: ଦିବା ଘ ୭।୦ ମଧ୍ୟେ ଘ୧୦।୧୨ ଗତେ

## ଆଜିର ଅନୁଚିନ୍ତନ

ଯୋଗଭ୍ରଷ୍ଟ ଜ୍ଞାନବାନ ଯୋଗୀମାନଙ୍କ କୂଳରେ ଜନ୍ମ ନିଅନ୍ତି।
।।- ଶ୍ରୀମଦ୍ ଭଗବଦ୍ ଗୀତା

# ବ୍ୟବସ୍ଥିତ ହେଉ

ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବା, ପିଏମ୍ଶ୍ରୀ ସ୍କୁଲର ସଂପ୍ରସାରଣ, ବିଦେଶରେ ଆଇଆଇଟି ପ୍ରତିଷ୍ଠା କରିବା, ୧୯ଟି ଭାଷାରେ ପ୍ରବେଶିକା ପରୀକ୍ଷା କରାଇବା ପ୍ରଭୃତିରେ ଅବଦାନ ରଖିଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଜାତୀୟ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସର୍ବୋପରି ଥିଲା। କକ୍‌ରୋଚ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ବେଶ୍ କିଛିଦିନ ଧରି ଚାଲିଥିବା ଆନ୍ଦୋଳନ କେବଳ ଦିଲ୍ଲୀ ଜନ୍ତରମନ୍ତର ନୁହେଁ, ଦେଶର ବିଭିନ୍ନ ଭାଗକୁ ବ୍ୟାପି ଯାଇଥିଲା। ପରିଶେଷରେ ଏହି ଆନ୍ଦୋଳନ ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ପ୍ରତ୍ୟାହୃତ ହୋଇଛି। ଏହି ଆନ୍ଦୋଳନ ପଛରେ ତିନୋଟି ଦାବି ଥିଲା ,ଯଥା: କେନ୍ଦ୍ରଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ମୃତ ନିଟ୍ ପରୀକ୍ଷାର୍ଥୀଙ୍କ ପରିବାରଙ୍କ କ୍ଷତିପୂରଣ ପ୍ରଦାନ। ସରକାର ଏସବୁ ଦାବି ପୂରଣ କରିବା ନେଇ ପଦକ୍ଷେପ ଆରମ୍ଭ କରିଛନ୍ତି।ଉଲ୍ଲେଖ କରାଯାଇପାରେ ଯେ ଜୁଲାଇ ୨୦ରେ 'ସଂସଦ ଚାଲ' ଭଳି ଆନ୍ଦୋଳନ ବେଳେ ତାହାକୁ ରୋକିବା ପାଇଁ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବୈଦ୍ୟୁତିକ ଗଣମାଧ୍ୟମ ଗୁଡ଼ିକରେ ଲୋକେ ଦେଖିବାକୁ ପାଇଥିଲେ। ଯଦି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହୋଇନଥାନ୍ତା ତେବେ ହୁଏତ ଦେଶବ୍ୟାପୀ ଛାତ୍ର ମହଲରେ ଉତ୍ତେଜନା ଓ ପ୍ରତିବାଦର ସ୍ୱର ଜୋର ଧରିନଥାନ୍ତା। ତେଣୁ ଉକ୍ତ ଆନ୍ଦୋଳନକୁ ସମର୍ଥନ କରିଥିଲେ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ। ତିନି ସପ୍ତାହରୁ ଅଧିକ ଦିନ ଅହିଂସ ଉପାୟରେ ଆମରଣ ଅନଶନ କରିବା ଓ କିଛି ବିରୋଧୀ ଦଳ ଛାତ୍ର ଆନ୍ଦୋଳନର ଲହଡ଼ିରେ ଆସି ମିଶିବା, ଏ ସବୁ କେନ୍ଦ୍ର ସରକାରଙ୍କ ପକ୍ଷେ ଚାପ ବଢାଇବା ସ୍ଥିତିକୁ ଅଧିକ କରିଥିଲା। ପରିଶେଷରେ ସିଜେପିର ଦାବିଗୁଡ଼ିକ ସରକାରଙ୍କ ପକ୍ଷେ ମାନିବା ବାଧ୍ୟତା ଥିଲା। ଅବଶ୍ୟ ତାହା ପୂର୍ବରୁ କେନ୍ଦ୍ର ସରକାର ଏନ୍‌ଟିଏର ୪୭ ଅଧିକାରୀଙ୍କୁ ବିଦା କରିବା ଓ ପେପର ଲିକ୍ ମାମଲାରେ ଦଣ୍ଡବିଧାନ ନିଶ୍ଚିତ କରିବା ପାଇଁ ଏକ ଡ୍ରାଫ୍ଟ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ ମଂଜୁରି ଦେଇଥିଲେ। ଦେଶବ୍ୟାପୀ ଆନ୍ଦୋଳନ ତେଜିବାବେଳେ ଦେଶ ବିରୋଧୀ ଶକ୍ତିଗୁଡ଼ିକ ସକ୍ରିୟ ରହିବା ଆଶଙ୍କା ବହୁ ମହଲରେ ଉପୁଜିଥିଲା। ସୁତରାଂ କେନ୍ଦ୍ର ସରକାର ସମୟୋଚିତ ପଦକ୍ଷେପ ନେଇ ତାହାକୁ ଏଡ଼ାଇଛନ୍ତି। କେବଳ ସେତିକି ନୁହେଁ, ଦେଶର ଅଖଣ୍ଡତା ଅକ୍ଷୁଣ୍ଣ ତଥା ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଆଇନଗତ ଜଟିଳତା ଭିତରକୁ ଠେଲି ହୋଇଯାଇଥାଆନ୍ତା ଯଦି ଶ୍ରୀ ପ୍ରଧାନ ଇସ୍ତଫା ଦେଇନଥାନ୍ତେ। ଇତିମଧ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଏବେ ଦେଶରେ ନିଟ୍ ପରୀକ୍ଷା ଓ ଅନ୍ୟାନ୍ୟ ପରୀକ୍ଷା ଗୁଡ଼ିକୁ ସ୍ୱଚ୍ଛ ରଖିବା, ଶିକ୍ଷା ବ୍ୟବସ୍ଥାରେ ଆବଶ୍ୟକ ସଂସ୍କାର ଆଣିବା, ମୋଦି ସରକାରଙ୍କ ପାଇଁ ଶକ୍ତ ଆହ୍ୱାନ। ସିଜେପିର ଆନ୍ଦୋଳନ ଓ ସରକାର ଦାବିଗୁଡ଼ିକ ପୂରଣ କରିବା ପ୍ରେକ୍ଷାପଟ୍ଟକୁ ବିଶ୍ଳେଷଣ କଲେ କିଛି ଦିଗ ସାମ୍ନାକୁ ଆସେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଛାତ୍ର ସମାଜ ହେଉ କି ଆନ୍ଦୋଳନକାରୀଙ୍କ ଆନ୍ଦୋଳନକୁ ଅଧିକ ବଢିବାକୁ ନ ଦେଇ ଯଥାଶୀଘ୍ର ଆଲୋଚନା କରିବା ଆବଶ୍ୟକ ଥିଲା। ଯେଉଁ ଆଲୋଚନା ନିକଟରେ ହେଲା ତାହା ଢେର୍ ପୂର୍ବରୁ ହୋଇପାରିଥାନ୍ତା। ଗତାନୁଗତିକ ଭାବରେ ପୋଲିସ ପକ୍ଷରୁ ଆନ୍ଦୋଳନକୁ ରୋକିବାବେଳେ ଧସ୍ତାଧସ୍ତି ହେଉ କି ଇଣ୍ଟରନେଟ୍ ଯନ୍ତରମନ୍ତରରେ କିଛି ଘଣ୍ଟା ବନ୍ଦ କରିବା ହେଉ, ଏହା ଆନ୍ଦୋଳନକାରୀଙ୍କୁ ପ୍ରଭାବିତ କରିନଥିଲା। ଇଣ୍ଟରନେଟ୍ ବନ୍ଦ ସତ୍ତ୍ୱେ ସିଜେପିର ଆନ୍ଦୋଳନକାରୀ 'ବିଟ୍ ଚାଟ୍' ଜରିଆରେ ମେସେଜିଂ ଆଦାନପ୍ରଦାନ କରିଥିଲେ ବୋଲି ଖବର ଆସୁଛି। କଟକଣା ସମର୍ପଣ ନୁହେଁ, ବରଂ ସୃଜନର ବାଟ ତାହା ଏବର ଜେନ୍‌ଜେଡ୍ ଗୋଷ୍ଠୀ ପ୍ରମାଣିତ କଲେ। କିଛି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ମୋଦି ମନ୍ତ୍ରୀମାନଙ୍କୁ ଇନ୍‌ଷ୍ଟାରେ ଯୋଡ଼ି ହେବାକୁ ଯେଉଁ ପରାମର୍ଶ ଦେଇଥିଲେ ଉକ୍ତ ଘଟଣା ଦେଖିଲେ ତାହା ନିଶ୍ଚିତ ଭାବରେ ପ୍ରାସଙ୍ଗିକ ବୋଲି କହିବାକୁ ହେବ ।ସରକାର ଯେକୌଣସି ପଦକ୍ଷେପ ଯୋଜନା ଅବା ସଂସ୍କାର ଏସବୁ ବ୍ୟବସ୍ଥିତ ଢଙ୍ଗରେ ଆଗକୁ ବଢାଇବା ସଦ୍ୟ ଘଟଣାବଳୀ ସୂଚିତ କରେ।

# ପିସିର କରାଳ ଛାୟାରେ ରାଜ୍ୟ !

## ଶ୍ରୀଧର ବେହେରା

**ଦୂରଦୂରାନ୍ତ ଗ୍ରାମାଞ୍ଚଳ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଓ ଉପକୂଳବର୍ତ୍ତୀ ଗରିବ ଅଞ୍ଚଳମାନଙ୍କରେ ଏହି ନିମ୍ନମାନର କାର୍ଯ୍ୟର ପ୍ରକୋପ ସବୁଠୁ ଅଧିକ। ସେମାନଙ୍କ ପାଖରେ ପ୍ରତିବାଦ କରିବାର ସାଧନ ନାହିଁ, ଶିକ୍ଷା ନାହିଁ, ଆଉ ସ୍ୱର ଉଠାଇବାର ସାହସ ନାହିଁ। ସେମାନଙ୍କ ପାଇଁ ଆସୁଥିବା ଆବାସ ଯୋଜନାର ଟଙ୍କା, ମନରେଗାର ମଜୁରି, ପାନୀୟ ଜଳ ପ୍ରକଳ୍ପର ବଜେଟ ସବୁ ପ୍ରଥମେ ପିସିର ଭେଟି ହୋଇ ସାରିଥାଏ। ଫଳରେ ଯାହା ଅବଶିଷ୍ଟ ରହେ ସେଥିରେ କେବଳ ନାମକୁ ମାତ୍ର କାର୍ଯ୍ୟ ହୁଏ। ଏହି ପ୍ରକାରେ ବୈଷମ୍ୟ ଆହୁରି ଗଭୀର ହୁଏ, ଆଉ ଗରିବ ଆହୁରି ଗରିବ ହୁଏ। ଏହା ହେଉଛି ସାମାଜିକ ନ୍ୟାୟ ଉପରେ ସର୍ବାଧିକ ଆଘାତ।**

ଓଡ଼ିଶାର ସବୁଜ ପ୍ରାନ୍ତର ଉପରେ ଆଜି ବିକାଶର ଯେଉଁ ଆଡମ୍ବର ଆବରଣ ପକାଯାଇଛି, ତାହାର ଅନ୍ତରାଳରେ ଲୁଚି ରହିଛି ଏକ ଘୃଣ୍ୟ କ୍ଷୟରୋଗ। ଏହି ରୋଗର ନାମ ହେଉଛି 'ପିସି କାରବାର' ଏବଂ ଏହାର ଉପସର୍ଗ ହେଉଛି ନିମ୍ନମାନର, ଅସ୍ଥାୟୀ, ଓ ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ। ପଞ୍ଚାୟତ ସ୍ତର ମୃତ୍ତିକା ରାସ୍ତାରୁ ଆରମ୍ଭ କରି ରାଜଧାନୀର ନଭଶ୍ଚୁମ୍ବୀ ଅଟ୍ଟାଳିକା ପର୍ଯ୍ୟନ୍ତ ସମଗ୍ର ରାଜ୍ୟର ଶିରା ଉପଶିରାରେ ଏହି ବ୍ୟାଧି ସଂକ୍ରମିତ ହୋଇସାରିଛି। ଏହା କୌଣସି ଗୁପ୍ତ ଷଡଯନ୍ତ୍ର ନୁହେଁ, ଏହା ଏକ ପ୍ରକାଶ୍ୟ ଦୁଃଶାସନ, ଯେଉଁଠି ସରକାରୀ ଖଜଣା ହେଉଛି ଯଜ୍ଞକୁଣ୍ଡ ଆଉ ଜନତାଙ୍କ ରକ୍ତ-ଝାଳରେ ଅର୍ଜିତ ଟଙ୍କା ହେଉଛି ଆହୁତି। ଏହି ଯଜ୍ଞରେ ଆହୁତି ପଡୁଥିବା କେବଳ ଟଙ୍କା ନୁହେଁ, ଆହୁତି ପଡୁଛି ଆମର ଭବିଷ୍ୟତ, ଆମର ଆଶା ଆଉ ଆମର ସାମ୍ବିଧାନିକ ଅଧିକାର।

ପ୍ରତିଟି ସରକାରୀ ପ୍ରକଳ୍ପର ଶିଳାନ୍ୟାସ ପୂର୍ବରୁ ହିଁ ତାହାର ମୃତ୍ୟୁ ପରୱାନା ଲେଖା ହୋଇଯାଏ। ବଜେଟର ପ୍ରତିଟି ଅଙ୍କରୁ ପ୍ରଥମେ କର୍ତ୍ତନ ହୁଏ ଏକ ନିର୍ଦ୍ଧାରିତ ଅଂଶ। ଏହା ହେଉଛି ସେହି ଅଦୃଶ୍ୟ କର, ଯାହାର ନାମ ପିସି। ଠିକାଦାରଙ୍କଠାରୁ ଆରମ୍ଭ କରି ନ୍ୟସ୍ତସ୍ୱାର୍ଥ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ରାଜନୈତିକ ଅଭିଭାବକ ପର୍ଯ୍ୟନ୍ତ ଏକ ଅପବିତ୍ର ଶୃଙ୍ଖଳରେ ଏହି ଟଙ୍କା ବଣ୍ଟନ ହୋଇଥାଏ। ଏହା ଏକ ପରମ୍ପରାଗତ ହିସାବ, ଯାହା କାଗଜରେ ନ ଥାଏ କିନ୍ତୁ ସମସ୍ତଙ୍କ ମୁଖରେ ଥାଏ। ଯେତେବେଳେ ଏକ କୋଟି ଟଙ୍କାର କାର୍ଯ୍ୟରୁ ପ୍ରାରମ୍ଭରେ ହିଁ ତିରିଶ ଲକ୍ଷ ଟଙ୍କା ହସ୍ତାନ୍ତର ହୋଇଯାଏ, ସେତେବେଳେ ଅବଶିଷ୍ଟ ସତୁରି ଲକ୍ଷରୁ ପୁଣି ସାମଗ୍ରୀ, ଶ୍ରମିକ ଓ ଯନ୍ତ୍ରପାତିର ବ୍ୟୟ ବାଦ ଦେବା ପରେ ଠିକାଦାରଙ୍କ ହାତରେ କ'ଣ ରହେ ? ରହେ କେବଳ ନିରୁପାୟତା ଆଉ ଏକ ଅପରାଧ କରିବାର ବାଧ୍ୟବାଧକତା। ତେଣୁ ସେ ବାଲିରେ ମାଟି ମିଶାଏ, ସିମେଣ୍ଟର ପରିମାଣ ହ୍ରାସ କରେ, ଲୁହାର ମାପ କମାଏ, ନିର୍ମାଣ ନିୟମକୁ ପଦଦଳିତ କରେ। ସେ ଜାଣେ ଯେ ଯାଞ୍ଚ ହେବ କାଗଜରେ, ମାଟିରେ ନୁହେଁ। ଫଳସ୍ୱରୂପ ଆମେ ପାଉ ଏକ ଭ୍ରମାତ୍ମକ ସୌଧ, ଯାହାର ଭିତ୍ତି ବାଲୁକାରେ ନିର୍ମିତ ଏବଂ ଯାହାର ଆୟୁ ମାତ୍ର କେଇ ବର୍ଷ।



ଏହି ନିମ୍ନମାନର କାର୍ଯ୍ୟର ପରିଣାମ କେବଳ ଆର୍ଥିକ କ୍ଷତି ନୁହେଁ, ଏହା ଜୀବନର କ୍ଷତି। ପ୍ରଥମ ବର୍ଷାରେ ଧସି ଯାଉଥିବା ରାସ୍ତା କେତେ ମା'ର କୋଳକୁ ଶୂନ୍ୟ କରୁଛି ତାହାର ହିସାବ କିଏ ରଖୁଛି ? ଛାତ ପଡୁଥିବା ବିଦ୍ୟାଳୟ ଗୃହରେ ବସି କେଉଁ ଶିଶୁ ବିଶ୍ୱକୁ ଜୟ କରିବାର ସ୍ୱପ୍ନ ଦେଖିବ ? ନିମ୍ନମାନର ସାମଗ୍ରୀରେ ନିର୍ମିତ ସେତୁ ଭୁଶୁଡି ପଡି କେତେ ପରିବାର ସ୍ୱପ୍ନକୁ ନଦୀର ଗର୍ଭରେ ବିସର୍ଜନ କରୁଛି ? ଅପରିଷ୍କାର ପାଣି ଯୋଗାଉଥିବା ନଳକୂପ ଓ ଭଙ୍ଗା କେନାଲ ଯୋଗୁଁ କେତେ ଚାଷୀ ଆତ୍ମହତ୍ୟାର ପଥ ବାଛୁଛନ୍ତି ? ଏଗୁଡିକ ଦୁର୍ଘଟଣା ନୁହେଁ, ଏଗୁଡିକ ହେଉଛି ପୂର୍ବନିର୍ଦ୍ଧାରିତ ହତ୍ୟା। ଏହା ହେଉଛି ସମ୍ବିଧାନ ପ୍ରଦତ୍ତ ଅଧିକାର ଉପରେ ସୁପରିକଳ୍ପିତ ଆକ୍ରମଣ। ଯେଉଁ ଟଙ୍କା ଜନତାଙ୍କ ସୁବିଧା ପାଇଁ ଆସିଥିଲା, ତାହା ବିଳାସପୂର୍ଣ୍ଣ ବଙ୍ଗଳା, ବିଦେଶୀ ଶିକ୍ଷା ଓ ବିଦେଶୀ ବ୍ୟାଙ୍କ ଖାତାର ସାମଗ୍ରୀ ପାଲଟୁଛି। ଆମେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛୁ, କିନ୍ତୁ ପାଉଛୁ କେବଳ କ୍ଷୟ ଓ ନୈରାଶ୍ୟ।

ଏହି କୁଚକ୍ର ସବୁଠୁ ବିଷାକ୍ତ ଦିଗ ହେଉଛି ଏହାର ସାମାଜିକ ବୈଧତା। ଆଜି ପିସି ଦେବା ଓ ନେବା ଏତେ ସାଧାରଣ ହୋଇଯାଇଛି ଯେ ଏହାକୁ ଆଉ ଅପରାଧ ବୋଲି କେହି ମନେ କରୁନାହିଁ। ଏହା ଏକ 'ପ୍ରଥା' ପାଲଟିଯାଇଛି, ଏକ 'ସିଷ୍ଟମ' ପାଲଟିଯାଇଛି। ନୂତନ ଠିକାଦାରମାନେ ପ୍ରଥମ ଦିନରୁ ଶିଖିଯାନ୍ତି ଯେ କାର୍ଯ୍ୟ ପାଇବାକୁ ହେଲେ ପ୍ରଥମେ ପିସି ଦେବାକୁ ପଡିବ। ଯେ ଏହାର ବିରୋଧ କରେ ସେ ହୋଇଯାଏ ବ୍ୟବସ୍ଥାର ଶତ୍ରୁ। ତାକୁ କାର୍ଯ୍ୟ ମିଳେ ନାହିଁ, ବଦଳି ହୋଇଯାଏ, ହନ୍ତସନ୍ତ କରାଯାଏ, ତା'ର ଚରିତ୍ର ହନନ କରାଯାଏ। ଏହି ଭୟର ବାତାବରଣ ମଧ୍ୟରେ ସାଧାରଣ ଲୋକ ମୂକ୍ ଦର୍ଶକ ପାଲଟିଯାଇଛି। ଜନପ୍ରତିନିଧି ନୀରବ କାରଣ ତାଙ୍କର ନିର୍ବାଚନ ଖର୍ଚ୍ଚ ଏହି ଟଙ୍କାରୁ ଆସେ। ପ୍ରଶାସନ ନିସ୍ତେଜ। କାରଣ ଶୃଙ୍ଖଳର ଉପର ସ୍ତର ପର୍ଯ୍ୟନ୍ତ ଏହି କ୍ଷତ ପହଞ୍ଚିସାରିଛି। ଆଉ ଗଣମାଧ୍ୟମର ଏକ ବଡ ଅଂଶ ମଧ୍ୟ ବିଜ୍ଞାପନ ଓ ସ୍ୱାର୍ଥର ଚାପରେ ଏ ପ୍ରସଙ୍ଗକୁ ଇଚ୍ଛାକୃତ ଭାବେ ଏଡାଇଯାଏ। ଫଳରେ ଏକ ସମ୍ପୂର୍ଣ୍ଣ ନୀରବତାର ଚାଦର ସମଗ୍ର ରାଜ୍ୟକୁ ଆଚ୍ଛାଦିତ କରି ଦେଇଛି।

କିନ୍ତୁ ସବୁଠୁ ବଡ ବିଡମ୍ବନା ହେଉଛି ଏହା ଯେ ଆମେ ଏହି ଧ୍ୱଂସସ୍ତୂପ ଉପରେ ଠିଆ ହୋଇ ବିକାଶର ଉତ୍ସବ ମନାଉଛୁ। ଉଦ୍‌ଘାଟନୀ ଫଳକରେ ବଡ ବଡ ଅକ୍ଷରେ ନାମ ଲେଖା ହେଉଛି, ମାଳ ମାଳ ଫୁଲ ଓ ତାଳିର ଗର୍ଜନ ମଧ୍ୟରେ ନୂତନ ପ୍ରକଳ୍ପର ଶୁଭାରମ୍ଭ ହେଉଛି। କିନ୍ତୁ ସେହି ଫଳକର ପଛପଟେ ଲୁଚି ରହିଛି ହଜାର ହଜାର ଲୋକଙ୍କ ଆର୍ତ୍ତନାଦ। ଆମେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜ ପାଇଁ ଏକ ଥୁଣ୍ଟା ଭବିଷ୍ୟତ ନିର୍ମାଣ କରୁଛୁ। ଏକ ଏପରି ଭବିଷ୍ୟତ ଯାହାର ରାସ୍ତା ଗର୍ତ୍ତମୟ, ଯାହାର ବିଦ୍ୟାଳୟ ଜର୍ଜରିତ, ଯାହାର ଚିକିତ୍ସାଳୟ ନାମକୁ ମାତ୍ର, ଯାହାର ସେତୁ ଅବିଶ୍ୱସନୀୟ। ଏହା ହେଉଛି ପ୍ରତାରଣାର ସର୍ବୋଚ୍ଚ ଉଦାହରଣ, ଯେଉଁଠି ଆମେ ନିଜକୁ ନିଜେ ଠକୁଛୁ।

ଏହି ପ୍ରସଙ୍ଗର ଆଉ ଏକ ଭୟଙ୍କର ଦିଗ ହେଉଛି ଏହାର ଆଞ୍ଚଳିକ ଓ ବର୍ଗଗତ ପ୍ରଭାବ। ଦୂରଦୂରାନ୍ତ ଗ୍ରାମାଞ୍ଚଳ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଓ ଉପକୂଳବର୍ତ୍ତୀ ଗରିବ ଅଞ୍ଚଳମାନଙ୍କରେ ଏହି ନିମ୍ନମାନର କାର୍ଯ୍ୟର ପ୍ରକୋପ ସବୁଠୁ ଅଧିକ। ସେମାନଙ୍କ ପାଖରେ ପ୍ରତିବାଦ କରିବାର ସାଧନ ନାହିଁ, ଶିକ୍ଷା ନାହିଁ, ଆଉ ସ୍ୱର ଉଠାଇବାର ସାହସ ନାହିଁ। ସେମାନଙ୍କ ପାଇଁ ଆସୁଥିବା ଆବାସ ଯୋଜନାର ଟଙ୍କା, ମନରେଗାର ମଜୁରି, ପାନୀୟ ଜଳ ପ୍ରକଳ୍ପର ବଜେଟ ସବୁ ପ୍ରଥମେ ପିସିର ଭେଟି ହୋଇ ସାରିଥାଏ। ଫଳରେ ଯାହା ଅବଶିଷ୍ଟ ରହେ ତାହାରେ କେବଳ ନାମକୁ ମାତ୍ର କାର୍ଯ୍ୟ ହୁଏ। ଏହି ପ୍ରକାରେ ବୈଷମ୍ୟ ଆହୁରି ଗଭୀର ହୁଏ, ଆଉ ଗରିବ ଆହୁରି ଗରିବ ହୁଏ। ଏହା ହେଉଛି ସାମାଜିକ ନ୍ୟାୟ ଉପରେ ସର୍ବାଧିକ ଆଘାତ।

ଏହି ଅନ୍ଧକାରୁ ମୁକ୍ତିର ପଥ କ'ଣ ? ଏହା କେବଳ କଠୋର ଆଇନ ବା ତଦନ୍ତ ଦ୍ୱାରା ସମ୍ଭବ ନୁହେଁ। ଆଇନ ତ ଅଛି, କିନ୍ତୁ ତାହାର ପ୍ରୟୋଗ କରୁଥିବା ହାତ ମଧ୍ୟ ଏହି କ୍ରୀଡାର ଅଂଶୀଦାର। ତେଣୁ ଏହା ପାଇଁ ଆବଶ୍ୟକ ଏକ ସାମଗ୍ରିକ ସାମାଜିକ ଜାଗରଣ। ପ୍ରଥମତଃ ପ୍ରତିଟି ନାଗରିକୁ ହିସାବ ମାଗିବାକୁ ଶିଖିବାକୁ ପଡିବ। ଆରଟିଆଇ କୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ହେବ। ଦ୍ୱିତୀୟତଃ ପ୍ରତିଟି ଗାଁରେ, ପ୍ରତିଟି ୱାର୍ଡରେ ସାମାଜିକ ନିରୀକ୍ଷଣ କମିଟି ଗଠନ ହେବା ଆବଶ୍ୟକ। ଯେଉଁମାନେ ନିଜେ ଯାଇ ନିର୍ମାଣ ସାମଗ୍ରୀର ଗୁଣବତ୍ତା ଯାଞ୍ଚ କରିବେ, ଫଟୋ ଉଠାଇବେ, ଭିଡିଓ କରିବେ। ତୃତୀୟତଃ ନିର୍ମାଣ ସାମଗ୍ରୀର ଗୁଣବତ୍ତା ଯାଞ୍ଚ ସ୍ୱଚ୍ଛ ଓ ସ୍ୱାଧୀନ ସଂସ୍ଥା ଦ୍ୱାରା ହେବା ଦରକାର। ଚତୁର୍ଥତଃ ଦୋଷୀ ଯେତେ ଉଚ୍ଚ ପଦରେ ଥାଉ ନା କାହିଁକି, ତାକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳିବା ଆବଶ୍ୟକ। ଜେଲ ଓ ସମ୍ପତ୍ତି ବାଜ୍ୟାପ୍ତି ଭଳି କଠୋର ଆଇନ ଆଣିବାକୁ ହେବ। ଶେଷରେ ଗଣମାଧ୍ୟମ ଓ ସୁଶୀଳ ସମାଜକୁ ଏହି ଲଢେଇର ମୁଖ୍ୟ ସାରଥୀ ହେବାକୁ ପଡିବ।

ମନେ ରଖିବାକୁ ହେବ ଯେ ବିକାଶ କେବଳ ଇଟା-ପଥରର ରାଶି ନୁହେଁ। ବିକାଶ ହେଉଛି ବିଶ୍ୱାସ। ବିକାଶ ହେଉଛି ସ୍ଥାୟୀତ୍ୱ। ବିକାଶ ହେଉଛି ମାନବ ଜୀବନ ପ୍ରତି ସର୍ବୋଚ୍ଚ ସମ୍ମାନ। ଯେଉଁ ବିକାଶ ମାନବ ଜୀବନକୁ ବିପନ୍ନ କରେ, ସେହି ବିକାଶ ବିକାଶ ନୁହେଁ। ଶେଷରେ ଗୋଟିଏ କଥା ସ୍ପଷ୍ଟ ଭାବରେ କହିବାକୁ ଚାହେଁ। ପିସି କାରବାର କେବଳ ଅର୍ଥର ଲୁଟ୍ ନୁହେଁ, ଏହା ହେଉଛି ଆମ ଜାତିର ଆତ୍ମାର ଲୁଟ୍। ଏହା ହେଉଛି ଆମ ସ୍ୱପ୍ନର ହତ୍ୟା, ଆମ ପିଲାମାନଙ୍କ ଭବିଷ୍ୟତର ହତ୍ୟା। ଏହି ହତ୍ୟାକାରୀଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦେବା ପାଇଁ ଆମକୁ ଏକଜୁଟ ହେବାକୁ ପଡିବ। ନଚେତ୍ ଇତିହାସ ଆମକୁ କ୍ଷମା କରିବ ନାହିଁ।

ଗୌରାଙ୍ଗପାଟଣା, ରମ୍ଭା,ଗଞ୍ଜାମ
ମୋ: ୯୩୯୧୫୯୪୭୯୭

# ଧର୍ମେନ୍ଦ୍ରଙ୍କ ଇସ୍ତଫା ଏକମାତ୍ର ସମାଧାନ ଥିଲା କି ?

## ଉମା ଶଙ୍କର ପ୍ରସାଦ

ଗୋଟିଏ ଦେଶର ମେରୁଦଣ୍ଡ ହେଉଛି ଶିକ୍ଷା। ଯେତେବେଳେ ଛାତ୍ର, ଅଭିଭାବକ ଏବଂ ଶିକ୍ଷକମାନେ ବ୍ୟବସ୍ଥା ଉପରେ ଭରସା ହରାନ୍ତି, ସେତେବେଳେ ସମସ୍ତ ଦାୟିତ୍ୱ ସିଧା ମନ୍ତ୍ରୀଙ୍କ ଉପରେ ଆସେ। ସମ୍ପ୍ରତି କେନ୍ଦ୍ର ଶିକ୍ଷାମନ୍ତ୍ରୀ 'ଧର୍ମେନ୍ଦ୍ର ପ୍ରଧାନ'ଙ୍କୁ ନେଇ ଏଭଳି ଏକ ବଡ଼ ବିତର୍କ ଦେଖାଦେଇଥିଲା। ଅନେକ ଲୋକ କହିଲେ ଶିକ୍ଷା ବିଭାଗକୁ ସୁଧାରିବା ପାଇଁ ତାଙ୍କର ଇସ୍ତଫା ହିଁ ଏକମାତ୍ର ରାସ୍ତା। କିନ୍ତୁ ଏହା କେତେ ସତ ? ଆସନ୍ତୁ ଉଭୟ ପକ୍ଷର ଯୁକ୍ତି ଦେଖିବା। ଲୋକମାନଙ୍କ ଇସ୍ତଫା ମାଗିବାର ପ୍ରମୁଖ କାରଣ ଯେତେବେଳେ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ତୁଟେ, ସେତେବେଳେ ଇସ୍ତଫା ଦାବି ଉଠେ। ମୁଖ୍ୟ କାରଣଗୁଡ଼ିକ ଥିଲା:
ପ୍ରଶ୍ନପତ୍ର ଲିକ୍ ଏବଂ ପରୀକ୍ଷା ଅନିୟମିତତା, ୨୦୨୪ ରେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ୨୪ ଲକ୍ଷ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ଆତଙ୍କିତ ହୋଇଯାଇଥିଲେ। ଅନେକଙ୍କ ପାଇଁ ମନ୍ତ୍ରୀ ହେଉଛନ୍ତି ଦାୟିତ୍ୱର ପ୍ରତୀକ। ଏନ୍‌ଇପି ୨୦୨୦ ର ଧୀର କାର୍ଯ୍ୟାନ୍ୱୟନ:- ଜାତୀୟ ଶିକ୍ଷା ନୀତିକୁ ସମସ୍ତେ ପ୍ରଶଂସା କଲେ। କିନ୍ତୁ ରାଜ୍ୟ ଏବଂ କଲେଜଗୁଡ଼ିକ ଅର୍ଥ, ଶିକ୍ଷକ ତାଲିମ୍ ଏବଂ ଭିତ୍ତିଭୂମି ଅଭାବର କଥା କହିଲେ। ସମାଲୋଚକଙ୍କ କହିବା କଥା ହେଲା ନୀତି କାଗଜରେ ଭଲ ଥିଲା, କିନ୍ତୁ ମାଟିରେ ଧୀରେ ଚାଲିଲା। ଛାତ୍ର ଆନ୍ଦୋଳନ ଏବଂ ଅବିଶ୍ୱାସ:- ଜେଏନ୍‌ୟୁ ଠାରୁ ଆରମ୍ଭ କରି ରାଜ୍ୟ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରମାନେ କହିଲେ ଯେ ନୀତି ଏବଂ ଛାତ୍ରଙ୍କ ବାସ୍ତବତା ମଧ୍ୟରେ ବ୍ୟବଧାନ ଅଛି - ଫିସ୍, ସ୍କଲାରସିପ୍ ଏବଂ ଚାକିରି ସୁଯୋଗ ପ୍ରସଙ୍ଗରେ। ନୈତିକ ଦାୟିତ୍ୱଭାରତୀୟ ଗଣତନ୍ତ୍ରରେ ଅନେକ ସମୟରେ ମନ୍ତ୍ରୀମାନେ ସିଧା ଦୋଷ ନଥାଇ ମଧ୍ୟ ଲୋକଙ୍କ ବିଶ୍ୱାସ ଫେରାଇବା ପାଇଁ ଇସ୍ତଫା ଦିଅନ୍ତି। ତେଣୁ ଅନେକଙ୍କ ମତରେ ଇସ୍ତଫା ଦେଇ ବ୍ୟବସ୍ଥାକୁ ସଫା କରିବାର ସଙ୍କେତ ଦେବା ଦରକାର ଥିଲା।ଏହି ଲୋକଙ୍କ ପାଇଁ ଇସ୍ତଫା ହେଉଛି 'ଗୋଟିଏ ଚିମୁଟା ଲୁଣ' ଭଳି - ଛୋଟ କିନ୍ତୁ ବ୍ୟବସ୍ଥାକୁ ପରିଷ୍କାର କରିବାର ପ୍ରତୀକାତ୍ମକ ପଦକ୍ଷେପ। ଏହି ସମସ୍ୟାର କ'ଣ କେବଳ ଇସ୍ତଫା ହିଁ ସମାଧାନ ? ଅନେକ ଶିକ୍ଷା ବିଶେଷଜ୍ଞ ଏବଂ ନୀତି ନିର୍ମାତା କୁହନ୍ତି ଯେ ଜଣେ ଲୋକଙ୍କୁ ବଦଳାଇଲେ ୬୦ ଲକ୍ଷ କୋଟି ଟଙ୍କାର ଶିକ୍ଷା ବ୍ୟବସ୍ଥା ସୁଧୁରିବ ନାହିଁ। ୧. ବ୍ୟବସ୍ଥାଗତ ସମସ୍ୟା, ବ୍ୟକ୍ତିଗତ ନୁହେଁ, ପ୍ରଶ୍ନପତ୍ର ଲିକ୍ ପଛରେ ମାଫିଆ, ରାଜ୍ୟ ସରକାର, ଏନ୍‌ଟିଏ ଏବଂ ସ୍ଥାନୀୟ ପ୍ରଶାସନ ଜଡ଼ିତ। ଜଣେ ମନ୍ତ୍ରୀ ପ୍ରତିଟି ପରୀକ୍ଷା କେନ୍ଦ୍ର ଉପରେ ନଜର ରଖି ପାରିବେ ନାହିଁ। ଏନ୍‌ଇପି ପାଇଁ ନିରନ୍ତରତା ଦରକାର ଏନ୍‌ଇପି ୨୦୨୦ ହେଉଛି ୧୦ ବର୍ଷର ସଂସ୍କାର। ମଝିରେ ନେତୃତ୍ୱ ବଦଳିଲେ ପାଠ୍ୟକ୍ରମ ପରିବର୍ତ୍ତନ, ଡିଜିଟାଲ୍ ଶିକ୍ଷା ଏବଂ ଦକ୍ଷତା ବିକାଶ କାର୍ଯ୍ୟ ଧୀର ହୋଇଯିବ। ଧର୍ମେନ୍ଦ୍ର ପ୍ରଧାନ ଜଣେ ଓଡ଼ିଆ ନେତା ଭାବେ ରାଜ୍ୟ ଏବଂ କେନ୍ଦ୍ର ଉଭୟଙ୍କୁ ବୁଝନ୍ତି, ତେଣୁ ତାଙ୍କର ଅଭିଜ୍ଞତା ଦରକାର। ପ୍ରତୀକ ଅପେକ୍ଷା ଦୀର୍ଘକାଳୀନ ସଂସ୍କାର ବିଭାଗକୁ ଦରକାର କଠୋର ଆଇନ, ପରୀକ୍ଷା ପାଇଁ ଭଲ ଟେକ୍ନୋଲୋଜି, ଅଧିକ ଶିକ୍ଷକ ଏବଂ ଶିଳ୍ପ-ଶିକ୍ଷା ସଂଯୋଗ। ଇସ୍ତଫା ଲୋକଙ୍କୁ ସନ୍ତୋଷ ଦେଇପାରେ, କିନ୍ତୁ ମୂଳ ସମସ୍ୟାର ସମାଧାନ କରି ପରେ ନାହିଁ। ରାଜନୈତିକ ସ୍ଥିରତା: ବାରମ୍ବାର ଇସ୍ତଫା ହେଲେ ନୀତିରେ ଅନିଶ୍ଚିତା ଆସେ। ବଡ଼ ସଂସ୍କାର କାର୍ଯ୍ୟାନ୍ୱୟନ ପାଇଁ ସ୍ଥିର ନେତୃତ୍ୱ ଦରକାର। ଏହି ଦୃଷ୍ଟିରୁ ସମାଧାନ ହେଉଛି ବ୍ୟବସ୍ଥାଗତ ସଂସ୍କାର - ଦାୟିତ୍ୱ ବୋଧତା କେବଳ ଲୋକ ବଦଳ ନୁହେଁ। ମଧ୍ୟମ ରାସ୍ତା,ଅଧିକାଂଶ ଶିକ୍ଷାବିତ୍ ତିନୋଟି କଥାରେ ଏକମତ: ୧ ପ୍ରଶ୍ନପତ୍ର ଲିକ୍ ପ୍ରତି ଶୂନ୍ୟ ସହନଶୀଳତା- କଠୋର କେନ୍ଦ୍ରୀୟ ଆଇନ, ସିବିଆଇ ତଦନ୍ତ ଏବଂ ଟେକ୍ନୋଲୋଜି ଦ୍ୱାରା ସୁରକ୍ଷିତ ପରୀକ୍ଷା।୨. ଏନ୍‌ଇପିକୁ ଅର୍ଥ ଦେଇ ଶୀଘ୍ର କାର୍ଯ୍ୟାନ୍ୱୟନ - ସ୍କୁଲ୍ ପାଇଁ ଅଧିକ ବଜେଟ୍, ଶିକ୍ଷକ ତାଲିମ୍ ଏବଂ ବୃତ୍ତିମୂଳକ ଶିକ୍ଷା।୩. 'ଛାତ୍ରଙ୍କ ସହ ଆଲୋଚନା' - ଛାତ୍ର ଏବଂ ଅଭିଭାବକଙ୍କ ସହ ନିୟମିତ କଥା ହୋଇ ବିଶ୍ୱାସ ଫେରାଇବା। ଇସ୍ତଫା ଗୋଟିଏ ଦିନ ପାଇଁ ଲୋକଙ୍କ ରାଗକୁ ଶାନ୍ତ କରିପାରେ। କିନ୍ତୁ ସ୍ଥାୟୀ ପରିବର୍ତ୍ତନ ପାଇଁ ବ୍ୟବସ୍ଥାକୁ ଠିକ୍ କରିବାକୁ ପଡ଼ିବ। ଶିକ୍ଷମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା କ'ଣ ଏକମାତ୍ର ସମାଧାନ ଥିଲା ? ତୁରନ୍ତ ଦାୟିତ୍ୱ ଚାହୁଁଥିବା ଲୋକଙ୍କ ପାଇଁ ହଁ - ଏହା ହିଁ ଏକମାତ୍ର ବିକଳ୍ପ ଭଳି ଲାଗୁଥିଲା। ଦୀର୍ଘକାଳୀନ ସଂସ୍କାର ଚାହୁଁଥିବା ଲୋକଙ୍କ ପାଇଁ ନା - ବିଭାଗକୁ ଗଠନମୂଳକ ପରିବର୍ତ୍ତନ ଦରକାର, କେବଳ ପ୍ରତୀକାତ୍ମକ ଇସ୍ତଫା ନୁହେଁ । ଶେଷରେ ଶିକ୍ଷା ବିଭାଗର ସଫଳତା ଏଥିରେ ନୁହେଁ ଯେ କେଉଁ ଚେୟାରେ କିଏ ବସିଛି। ଏହା ଏଥିରେ ମପାଯିବ ଯେ ଭୁବନେଶ୍ୱର, ବିହାର କିମ୍ବା ବର୍ମାର ଜଣେ ଛାତ୍ର ନ୍ୟାୟସଙ୍ଗତ ପରୀକ୍ଷା, ଭଲ ଶିକ୍ଷକ ଏବଂ ପାଠ ପଢ଼ିସାରିବା ପରେ ଚାକିରି ପାଉଛି କି ନାହିଁ। ଏହା ହିଁ ପ୍ରକୃତ ପରୀକ୍ଷା। ଏବଂ ଏଥିପାଇଁ ଗୋଟିଏ ଇସ୍ତଫା ଠାରୁ ଅଧିକ ସମସ୍ତଙ୍କର ମିଳିତ ଇଚ୍ଛା ଶକ୍ତି ଦରକାର।

ଖୋର୍ଦ୍ଧା,ମୋ-୬୩୭୦୬ ୭୫୫୬୨

# ଅସହମତି, ଗିରଫଦାରି ଏବଂ ଗଣତନ୍ତ୍ରର ପ୍ରଶ୍ନ

## ଗୋପାଳ ମହାପାତ୍ର

**କଂଗ୍ରେସ ଦଳ ଏହାକୁ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବୋଲି କହୁଛି। ବିଜେପି ପକ୍ଷରୁ କୁହାଯାଉଛି ଯେ ସମସ୍ତେ ଆଇନକୁ ମାନିବା ଆବଶ୍ୟକ ଏବଂ ସୁରକ୍ଷା ବ୍ୟବସ୍ଥାରେ କାହାରିକୁ ଛାଡ ଦିଆଯାଇ ପାରିବନାହିଁ। ଉଭୟ ଦଳ ନିଜର ବ୍ୟାଖ୍ୟା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଏଇ ପୂରା ଘଟଣା କ୍ରମର ଏକ ବ୍ୟାପକ ପକ୍ଷ ମଧ୍ୟ ରହିଛି। ବିଗତ କିଛି ବର୍ଷ ହେଲା କେବଳ ବିରୋଧୀ ଦଳ ନୁହଁନ୍ତି କୃଷକ, ଛାତ୍ର, ମହିଳା ଓ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଆନ୍ଦୋଳନରେ ପ୍ରଶାସନ ଏବଂ ପୋଲିସର ଭୂମିକାକୁ ନେଇ ଚର୍ଚ୍ଚା ହେଉଛି।ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ଅସହମତି ପାଇଁ ଉପଲବ୍ଧ ସ୍ଥାନ ସବୁ ପୂର୍ବ ତୁଳନାରେ ସୀମିତ ହୋଇଯାଇଛି ନା ସୁରକ୍ଷା କାରଣରୁ ପ୍ରଶାସନ ଅଧିକ ସତର୍କ ହୋଇଯାଇଛି ?**

ଦିଲ୍ଲୀର ଲୋକ କଲ୍ୟାଣ ମାର୍ଗ ସ୍ଥିତ ପ୍ରଧାନ ମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଯାଉଥିବା ବିରୋଧୀଦଳର ସଂଯୁକ୍ତ ମୋର୍ଚ୍ଚାକୁ ଗତ ୨୧ ତାରିଖ (ଜୁଲାଇ ମାସ) ଦିନ ଦିଲ୍ଲୀ ପୋଲିସ ଅଧା ରାସ୍ତାରେ ଅଟକାଇ ଦେଇଥିଲା। ବିରୋଧୀଦଳ ନେତା ରାହୁଲଗାନ୍ଧୀ, କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟିର ନେତା ତଥା ସାଂସଦ ଅଖିଳେଶ ଯାଦବଙ୍କ ସମେତ ଅନ୍ୟ କେତେକ ନେତାଙ୍କୁ ଗିରଫ କରି ପ୍ରଦର୍ଶନ ସ୍ଥଳରୁ ହଟାଇ ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ଏ ପ୍ରସଙ୍ଗରେ କୁହାଯାଇଛି ଯେ ସୁରକ୍ଷା କାରଣ ତଥା ନିଷେଧାଦେଶ ଭଙ୍ଗ କାରଣରୁ ବିରୋଧୀନେତା ମାନଙ୍କର ଗିରଫଦାରି ଆବଶ୍ୟକ ଥିଲା। ଅନ୍ୟ ପକ୍ଷରେ ବିରୋଧୀ ଦଳମାନେ ଏହାକୁ ଗଣତାନ୍ତ୍ରିକ ଅଧିକାରର ହନନ ଏବଂ ଅସହମତିର ସ୍ୱର ଚପାଇ ଦେବା ପାଇଁ ଉଦ୍ୟମ ବୋଲି କହିଛନ୍ତି। ଏହି ଘଟଣାକୁ କେବଳ ଗୋଟିଏ ଦିନର ରାଜନୈତିକ ଖବର ବୋଲି ମାନିନେବା ଉଚିତ ନୁହେଁ। ଏଭଳି ଘଟଣା ପ୍ରଥମଥର ପାଇଁ ମଧ୍ୟ ଘଟିନାହିଁ। ରାହୁଲ ଗାନ୍ଧୀ ଯେବେ ବି କୌଣସି ପ୍ରଦର୍ଶନ କରୁଛନ୍ତି ତାଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନର ସାମନା କରିବାକୁ ପଡୁଛି। ବିଗତ କିଛି ବର୍ଷ ହେବ ରାହୁଲ ଗାନ୍ଧୀ କୃଷକ ଆନ୍ଦୋଳନ, ବେରୋଜଗାରୀ, ଦରଦାମ ବୃଦ୍ଧି, ହାଥରସ କାଣ୍ଡ ଏବଂ ସଂସଦ ସହ ଜଡିତ ବିବାଦ ଏବଂ ଜନ ଆନ୍ଦୋଳନ ବେଳେ ଅନେକ ବାର ଗିରଫ ହୋଇଛନ୍ତି ଅଥବା ତାଙ୍କୁ ଅଧାରାସ୍ତାରେ ଅଟକାଇ ଦିଆଯାଇଛି। ଏସବୁକୁ ଦେଖିଲେ ଗତ ୨୧ ତାରିଖର ଘଟଣା କେବଳ ଏକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଭାରତୀୟ ଗଣତନ୍ତ୍ରରେ ବିରୋଧୀଙ୍କ ଭୂମିକା ଏବଂ ବିରୋଧର ପରିବର୍ତ୍ତିତ ରାଜନୀତି ଉପରେ ଅନେକ ପ୍ରଶ୍ନ ଉଠୁଛି। ଭାରତୀୟ ଗଣତନ୍ତ୍ରରେ ସଡ଼କ ସବୁବେଳେ ରାଜନୈତିକ ଅଭିବ୍ୟକ୍ତିର ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ରହିଆସିଛି। ଦେଶର ସ୍ୱାଧୀନତା ଆନ୍ଦୋଳନଠାରୁ ଜୟପ୍ରକାଶଙ୍କ ଆନ୍ଦୋଳନ, ଆନ୍ନା ହଜାରଙ୍କ ଆନ୍ଦୋଳନ ଏବଂ କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ ଶାସନ ପରିବର୍ତ୍ତନ ଏବଂ ନୀତି ପରିବର୍ତ୍ତନର ଅନେକ କଥା। ସଡ଼କରୁ ହିଁ ଜନ୍ମ ଦେଇଛି।

ସଂସଦ ଗଣତନ୍ତ୍ରର ଔପଚାରିକ ମଞ୍ଚ କିନ୍ତୁ ସଡ଼କ ଏହାର ଜୀବନ୍ତ ଚେତନା। ଯେତେବେଳେ ସଂସଦରେ ଯେତେବେଳେ ସଂଖ୍ୟାର ଗଣିତ ବିରୋଧୀଙ୍କ ପକ୍ଷରେ ନଥାଏ ସେତେବେଳେ ବିରୋଧୀଦଳ ମାନେ ଜନତାଙ୍କ ପାଖକୁ ଯାଇ ରାଜନୈତିକ ଲଢେଇ ଲଢିଥାନ୍ତି। ରାହୁଲ ଗାନ୍ଧୀଙ୍କ ରାଜନୀତିରେ ବିଗତ କିଛି ବର୍ଷ ହେବ ଅନେକ ପରିବର୍ତ୍ତନ ଦେଖାଦେଇଛି। ଏକଦା ରାହୁଲ ନିର୍ବାଚନୀ ରାଜନୀତି ପର୍ଯ୍ୟନ୍ତ ସୀମିତ ବୋଲି କୁହାଯାଉଥିଲା। କିନ୍ତୁ ତାଙ୍କ ଭାରତ ଯୋଡ଼ୋ ଯାତ୍ରା ଏବଂ ଭାରତ ନ୍ୟାୟ ଯାତ୍ରା ପରେ ତାଙ୍କ ରାଜନୈତିକ ଶୈଳୀ ବଦଳିଛି। କୃଷକ, ଯୁବ, ମହିଳା ଏବଂ ସାମାଜିକ ସଂଗଠନର ଆନ୍ଦୋଳନରେ ତାଙ୍କ ଭାଗିଦାରୀ ତାଙ୍କ ରାଜନୀତିର ଅଂଶ ପାଲଟିଛି। ଏହି ସନ୍ଦର୍ଭରେ ୨୧ ତାରିଖର ଘଟଣା ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ। ପ୍ରଧାନମନ୍ତ୍ରୀଙ୍କ ଆବାସ ପର୍ଯ୍ୟନ୍ତର ଯାତ୍ରା କେବଳ ଏକ ବିରୋଧ କାର୍ଯ୍ୟକ୍ରମ ନୁହେଁ ବରଂ ଏକ ରାଜନୈତିକ ସନ୍ଦେଶ ବୋଲି ଅନେକଙ୍କ ମତ। ବିରୋଧୀ ଦଳ ଦେଖାଇବାକୁ ଚାହିଁଥିଲେ ଯେ ସେମାନେ କେବଳ ସଂସଦ ଭିତରେ ନୁହେଁ ସଡ଼କ ଉପରେ ମଧ୍ୟ ସରକାରଙ୍କୁ ଚାଲେଞ୍ଜ କରିବାରେ ସକ୍ଷମ। ଗଣତନ୍ତ୍ରରେ ଏହା ହେଉଛି ସବୁଠାରୁ କଠିନ ସନ୍ତୁଳନ। ଗୋଟିଏ ପଟେ ନାଗରିକ ଏବଂ ରାଜନୈତିକ ଦଳ ମାନଙ୍କର ଶାନ୍ତିପୂର୍ଣ୍ଣ ବିରୋଧର ଅଧିକାର ଏବଂ ଅନ୍ୟ ପକ୍ଷରେ ସୁରକ୍ଷା ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ କାଏମ ରଖିବାର ଦାୟିତ୍ୱ। ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଯେତେ ପ୍ରଶ୍ନ ନ ଉଠୁଛି ତାଠାରୁ ଅଧିକ ପ୍ରଶ୍ନ ଉଠୁଛି କ'ଣ ବିରୋଧ ଏବଂ ଆଲୋଚନା ପାଇଁ ପର୍ଯ୍ୟାପ୍ତ ଗଣତାନ୍ତ୍ରିକ ସ୍ଥାନ ଉପଲବ୍ଧ ? ରାହୁଲଙ୍କ ବାରମ୍ବାର ଗିରଫଦାରି ତାଙ୍କୁ କେବଳ ବିରୋଧୀନେତା ରପରେ ନୁହେଁ ବରଂ ପ୍ରତିରୋଧ ରାଜନୀତିର ପ୍ରତୀକ ଭାବରେ ଚିତ୍ରିତ କରୁଛି।




କଂଗ୍ରେସ ଏହାକୁ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବୋଲି କହୁଛି। ବିଜେପି ପକ୍ଷରୁ କୁହାଯାଉଛି ଯେ ସମସ୍ତେ ଆଇନକୁ ମାନିବା ଆବଶ୍ୟକ ଏବଂ ସୁରକ୍ଷା ବ୍ୟବସ୍ଥାରେ କାହାରିକୁ ଛାଡ ଦିଆଯାଇ ପାରିବନାହିଁ। ଉଭୟ ଦଳ ନିଜର ବ୍ୟାଖ୍ୟା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଏଇ ପୁରା ଘଟଣା କ୍ରମର ଏକ ବ୍ୟାପକ ପକ୍ଷ ମଧ୍ୟ ରହିଛି। ବିଗତ କିଛି ବର୍ଷ ହେଲା କେବଳ ବିରୋଧୀ ଦଳ ନୁହଁନ୍ତି କୃଷକ, ଛାତ୍ର, ମହିଳା ଓ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଆନ୍ଦୋଳନରେ ପ୍ରଶାସନ ଏବଂ ପୋଲିସର ଭୂମିକାକୁ ନେଇ ଚର୍ଚ୍ଚା ହେଉଛି। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ଅସହମତି ପାଇଁ ଉପଲବ୍ଧ ସ୍ଥାନ ସବୁ ପୂର୍ବ ତୁଳନାରେ ସୀମିତ ହୋଇଯାଇଛି ନା ସୁରକ୍ଷା କାରଣରୁ ପ୍ରଶାସନ ଅଧିକ ସତର୍କ ହୋଇଯାଇଛି ? ରାହୁଲ ଗାନ୍ଧୀ ବିଗତ କିଛି ବର୍ଷ ହେବ ସଂସଦରେ ତ ଆଲୋଚନାରେ ଭାଗ ନେଉଛନ୍ତି କିନ୍ତୁ ଅଧିକ ଭାବେ ଜନସଂପର୍କକୁ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ଯାତ୍ରା, ବିରୋଧ ପ୍ରଦର୍ଶନକୁ ଏକ ବୈଚାରିକ ଅଭିଯାନର ସ୍ୱରପ ଦେବା ପାଇଁ ସେ ଉଦ୍ୟମ କରୁଛନ୍ତି। ଫଳତଃ ତାଙ୍କ ରାଜନୈତିକ ଛବି ସୁଧୁରିଛି, ଗୋଟିଏ ସତ୍ୟ ଯେ ରାହୁଲ ଯେଉଁ ଅଭିଯାନରେ ସାମିଲ ହେଉଛନ୍ତି ତାହା ରାଷ୍ଟ୍ରୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଯାଉଛି। ଏଣୁ ୨୧ ତାରିଖର ଘଟଣା ଏବଂ ରାହୁଲଙ୍କ ଗିରଫଦାରି ଏକ ପ୍ରଶାସନିକ ବା ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଗଣତାନ୍ତ୍ରିକ ରାଜନୀତିର ପରିବର୍ତ୍ତିତ ଚେହେରା ବୋଲି ମଧ୍ୟ କୁହାଯାଇପାରେ।

ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

# ଚମ୍ପୁଆ ରେଞ୍ଜରେ ହାତୀ ପଲ, ଲୋକେ ଆତଙ୍କିତ

ଚମ୍ପୁଆ ,୨୬।୭ (ନିପ୍ର); ଗତ ପ୍ରାୟ ମାସକ ତଳେ ମୟୂରଭଞ୍ଜକୁ ଚାଲିଯାଇଥିବା ୨୫ ଟିକିଆ ହାତୀପଲ ପୁଣି କେନ୍ଦୁଝରର ପାଟଣା ରେଞ୍ଜ ମଧ ଦେଇ ଚମ୍ପୁଆ ରେଞ୍ଜକୁ ବାହୁଡ଼ି ଚମ୍ପୁଆ ରେଞ୍ଜର ଉଖୁଣ୍ଡା ସେକ୍ସନର ପଦ୍ମପୁର ଠାରେ ବୈତରଣୀ ନଦୀ ପାରହେଇ ବରପଦା ଜଙ୍ଗଲରେ ପଶି ଛନ୍ତି । ଜଙ୍ଗଲ ମଧରେ ଥିବା ଏକ ପୋଖରୀରେ ଦୀର୍ଘ ସମୟ ଧରି ଜଳକ୍ରୀଡା କରୁଥିବା ଦେଖା ଯାଇଥିଲା। ପରେ ହାତୀପଲ ବାର୍ଦ୍ଧନା ଗାଁରେ ପଶି ଗ୍ରାମର ଯୁଧିଷ୍ଠିର ନାଏକଙ୍କ ଘର ଭାଙ୍ଗି ଦେବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ପରେ ଖବରପାଇ ବନ ବିଭାଗ ଗାଁରେ ପହଂଚି ହାତୀପଲଙ୍କୁ ଘୋଉଡାଇ ଥିବାର ଦେଖା ଯାଇଥିଲା।



ହାତୀପଲ ଆଜି ସକାଳୁ ନିକଟସ୍ଥ ନିଉଣ୍ଡି ଗାଁ ଜଙ୍ଗଲକୁ ଚାଲି ଯାଇଛନ୍ତି। ହାତୀପଲରେ ୯ଗୋଟି ଛୁଆହାତୀ ଥିବାବେଳେ ୫ଟି ଦନ୍ତା ତଥା ୧୧ଗୋଟି ମାଈ ହାତୀ ଥିବା ବନବିଭାଗ ସୂଚନା ଦେଇଛନ୍ତି। ବନବିଭାଗ ହାତୀପଲ ଉପରେ ନଜର ରହିଥିବା ବେଳେ ହାତୀପଲଙ୍କୁ ନେଇ ଆଖପାଖ ଅଂଚଳରେ ଭୟର ବାତାବରଣ ରହିଅଛି। ବନବିଭାଗ ଗ୍ରାମବାସୀଙ୍କୁ ହାତୀପଲଙ୍କ ଠାରୁ ଦୂରତା ବଜାଇ ରଖିବା ସହ ସତର୍କ ରହିବାକୁ ସତର୍କ କରିଛନ୍ତି।

# ରାସ୍ତାରେ ଶତାଧିକ ଖାଲଖମା, କାଦୁଅରେ ଶୋଇ ପ୍ରତିବାଦ: ୨ ଘଣ୍ଟା ଗାଡ଼ି ଚଳାଚଳ ଠପ୍

ରାଉରକେଲା/କୁଆରମୁଣ୍ଡା, ୨୬।୭: ବିପର୍ଯ୍ୟସ୍ତ ରାସ୍ତା ମରାମତି ପାଇଁ ଥରେ ନୁହେଁ, ଏକାଧିକବାର ଆନ୍ଦୋଳନ ସହ ରାସ୍ତା ଅବରୋଧ କଲେ। ଜିଲ୍ଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ ସାଙ୍ଗକୁ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ଗୁହାରି କଲେ। ଖାଲି ସେତିକି ନୁହେଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ ମଧ କଲେ। ହେଲେ ମାସ ମାସ ବିତିଯିବା ସତ୍ତ୍ୱେ ରାସ୍ତା ସମସ୍ୟାର ସମାଧାନ ହୋଇ ପାରିଲାନି। ଏଭଳି ସ୍ଥିତିରେ ବିଦ୍ୟାଳୟ ଯାଉଥିବା କୁନି ଝିଅଟିଏ ଗର୍ତ୍ତରେ ପଡ଼ି ଆହତ ହେବା ପରେ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତିନ୍ତୁସ୍ କେରକେଟ୍ଟା। ଆଜି ସକାଳ ପ୍ରାୟ ୧୦ଟାରେ କୁଆରମୁଣ୍ଡା ସରଣ୍ଡାମାଲ ଛକରୁ ପଦ୍ମପୁର ଦେଇ ଯାଇଥିବା କାଦୁଅ ରାସ୍ତାରେ ଶୋଇ ରହି ପ୍ରଶାସନିକ ନିଷ୍କ୍ରିୟତାର ବିରୋଧ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ସେଠାରେ ଏକାଠି ହୋଇ ତିନ୍ତୁସ୍‌ଙ୍କୁ ସମର୍ଥନ ଜଣାଇଥିଲେ। ପ୍ରାୟ ଦୁଇଘଣ୍ଟା କାଦୁଅ ରାସ୍ତାରେ ଶୋଇ ରହିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ ସ୍ଥାନୀୟ ଥାନା ଅଧିକାରୀ। ତିନ୍ତୁସ୍‌ଙ୍କୁ ରାସ୍ତାରୁ ହଟିଯିବାକୁ ଅନୁରୋଧ କରିଥିଲେ। ଯେ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ରାସ୍ତା ମରାମତି ପାଇଁ ଲିଖିତ ପ୍ରତିଶ୍ରୁତି ନ ମିଳିଛି, ସେ ପର୍ଯ୍ୟନ୍ତ ଏମିତି ରାସ୍ତାରେ ଶୋଇ ରହିବେ ବୋଲି ଚେତାବନୀ ଦେଇଥିଲେ। ସରକାରୀ ଛୁଟି ଥିବାରୁ ପୁଲିସ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଆସନ୍ତା ମଙ୍ଗଳବାର ସୁଦ୍ଧା ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ତିନ୍ତୁସ୍ ରାସ୍ତାରୁ ହଟିଥିଲେ। ତେବେ ମଙ୍ଗଳବାର ମରାମତି କାମ ଆରମ୍ଭ ନ ହେଲେ, ବୁଧବାର ପୁଣି ରାସ୍ତାରେ ଶୋଇ ରହିବେ ବୋଲି କହିଛନ୍ତି ତିନ୍ତୁସ୍। ସୂଚନାଯୋଗ୍ୟ, କୁଆରମୁଣ୍ଡାରୁ ସରଣ୍ଡାମାଲ ପଦ୍ମପୁର ଦେଇ ଉସ୍ରା ପର୍ଯ୍ୟନ୍ତ ପ୍ରାୟ ୯ କିମି ରାସ୍ତା ଦେଢ଼ବର୍ଷ ଧରି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ସରଣ୍ଡାମାଲ ଛକରୁ ପଦ୍ମପୁର ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ରାସ୍ତାରେ ୧୦୦ରୁ ଅଧିକ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି।



ନିକଟସ୍ଥ କାରଖାନାକୁ ଦୈନିକ ଭାରୀଯାନ ଯାତାୟାତ କରୁଥିବାରୁ ରାସ୍ତା ଫାଟି ଆଁ କରିଛି। କଂକ୍ରିଟ୍ ରାସ୍ତା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଅନେକଥର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ରାସ୍ତା ଦେଇ ସ୍କୁଲ, କଲେଜ ଏବଂ ନିକଟସ୍ଥ ମନ୍ଦିରକୁ ଦୈନିକ ଶହ ଶହ ଲୋକ ଯାତାୟାତ କରୁଥିଲେ ହେଁ ମରାମତି କରିବାକୁ କେହି ଶୁଣୁ ନଥିବା କୁହାଯାଉଛି।

# ଗୋପାଳଜୀଉ ମଠ ତରଫରୁ ହଜାର ହଜାର ଭକ୍ତଙ୍କୁ ରସଗୋଲା ବଣ୍ଟନ

କେନ୍ଦୁଝର, ୨୬।୭ (ନିପ୍ର); ସହରର ଏକ ଅଗ୍ରଣୀ ସାଂସ୍କୃତିକ ଏବଂ ବହୁ ପୁରାତନ ଆଧାତ୍ମିକ ଅନୁଷ୍ଠାନ ଗୋପାଳଜୀଉ ମଠ ତରଫରୁ ପ୍ରଭୁଶ୍ରୀଜୀଉଙ୍କ ସୁନାବେଶ ଉପଲକ୍ଷେ ହଜାର ହଜାର ଭକ୍ତଙ୍କୁ ପ୍ରଭୁଙ୍କର ରସଗୋଲା ଭୋଗ ବଣ୍ଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ତେଲକୋଇ ତଥା ଜିଲ୍ଲା ଯୋଜନା ବୋଡ଼ର ଅଧକ୍ଷ ଡକ୍ଟର ଫକୀର ମୋହନ ନାଏକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧ୍ୱଜ ମହାଳିକ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ. ଡି ଧନରାଜ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଜିଲ୍ଲା ଟ୍ରକ ମାଲିକ ସଂଘର ସମ୍ପାଦକ ପ୍ରଦୀପ କୁମାର ବାରିକ ବୈତରଣୀ ଡିଭିଜନର ନିର୍ବାହିଯନ୍ତ୍ରୀ ଲିପିକା ମେଡମ ବିଜେପିର ବରିଷ୍ଠ ମହିଳା ନେତ୍ରୀ କିରଣବାଳା ନାଏକ ସସ୍ମିତା ପ୍ରଧାନଙ୍କ ସମେତ ବହୁ ଧାର୍ମିକ ବ୍ୟକ୍ତି ଭକ୍ତମାନଙ୍କୁ ରସଗୋଲା ଭୋଗ ବଣ୍ଟନ କରିଥିଲେ । ଗୋପାଳଜୀଉ ମଠର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ସଭାପତି ରାଜେଶ କୁମାର ମହାରଣା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପତି ଉପସଭାପତି ବିଶ୍ୱଜିତ ଦାଶ ଯୁଗ୍ମସମ୍ପାଦକ ଆନନ୍ଦ ପ୍ରକାଶ ଖଣ୍ଡେଇ ସୁନୀଲ ପାତ୍ର କୋଷାଧକ୍ଷ ସରିତ ମହାରଣା କାର୍ଯ୍ୟକାରୀ ସଦସ୍ୟ ଆଲୋକ ମିଶ୍ର ଅନ୍ତର୍ଯ୍ୟାମୀ ପତି ପ୍ରଭୁପଦ ମିଶ୍ର ମୋହନ ସୁନ୍ଦର ପଣ୍ଡା ବିଶ୍ୱମ୍ଭର ପତି ଅଜୟ କୁମାର ପରିଡା ଅଭିରାମ ରଣା ନିର୍ଶିତ ପଟ୍ଟନାୟକ ଦୈତାରୀ ମହାଳିକ କୁଳମଣି ରାମ ସୁମିତ ରାମଙ୍କ ସମେତ ବହୁ କର୍ମକର୍ତ୍ତା ମିଠା ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିଟ୍‌ରେ ଉତ୍ତୀର୍ଣ୍ଣ ଶିବାଶିଷଙ୍କୁ ଶୁଭେଚ୍ଛା

କଣ୍ଟିଲୋ, ୨୬।୭(ନିପ୍ର); ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ସର୍ବଭାରତୀୟ ସ୍ତରରେ ଆୟୋଜିତ ନିଟ୍- ୨୦୨୬ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ମେଧାବୀ ଛାତ୍ର ଶିବାଶିଷ ପାଢୀଙ୍କୁ ବରିଷ୍ଠ ସାମ୍ବାଦିକମାନେ ତାଙ୍କ ବାସଭବନରେ ଶନିବାର ଭେଟି ଶୁଭେଚ୍ଛା ଜଣାଇବା ସହ ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶିବାଶିଷ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କଣ୍ଟିଲୋ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଥିବା ପରିପ୍ରେକ୍ଷୀରେ କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳରେ କାର୍ଯ୍ୟରତ ଗଣମାଧମର ପ୍ରତିନିଧିମାନେ କୃତୀ ଛାତ୍ରଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। କଠିନ ପରିଶ୍ରମ,ପିତା ମାତାଙ୍କ ପ୍ରେରଣା, ଶିକ୍ଷକ ଓ ଈଶ୍ୱରଙ୍କ ଆର୍ଶୀବାଦ ଯୋଗୁଁ ସଫଳତାର ଶୀର୍ଷରେ ସେ ପହଞ୍ଚି ପାରିଛନ୍ତି ବୋଲି ଛାତ୍ର ଜଣକ ସାକ୍ଷାତକାରରେ ପ୍ରକାଶ କରିଥିଲେ। ଶିବାଶିଷ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅଧାପକ ରମେଶ ଚନ୍ଦ୍ର ପାଢୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ କରଙ୍କ ଏକମାତ୍ର ପୁତ୍ର ବୋଲି ଜଣାପଡିଛି।

# ଲଗାଣ ବର୍ଷାରେ ବ୍ୟାପକ କ୍ଷତି

ରାଉରକେଲା, ୨୬।୭: ଗତକାଲି ରାତିରେ ମୂଷଳଧାରାରେ ବର୍ଷା ବ୍ୟାପକ କ୍ଷୟକ୍ଷତି କରିଛି। ବେଦବ୍ୟାସ ଦାଣ୍ଡିଆପାଲି, ବିଶ୍ୱକର୍ମା ବିହାର ବର୍ଷା ପାଣିରେ ଉବୁଡୁବୁ ହୋଇଥିଲା। ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଅଧିକାଂଶ ଘରେ ବର୍ଷା ପାଣି ଲହଡି ମାରିଥିଲା। ସ୍ଥିତି ଏମିତି ହୋଇଥିଲା ଯେ, ବର୍ଷା ପାଣି ଘରୁ ବାହାର କରିବାକୁ ସ୍ଥାନୀୟ ଲୋକଙ୍କୁ ନାକେଦମ ହେବାକୁ ପଡ଼ିଥିଲା।



ଦଣ୍ଡିଆପାଲିରେ ଡ୍ରେନ୍‌ଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିଥିବାରୁ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବା ସମ୍ଭାବନା ରହିଛି। କେବଳ ଏତିକି ନୁହେଁ, ଟିସିଆଇ ରାସ୍ତାରେ ସମ୍ପୂର୍ଣ୍ଣ ବୁଡ଼ି ଯିବାରୁ ଯାତାୟତ କିଛି ସମୟ ପାଇଁ ଠପ୍ ହୋଇଯାଇଥିଲା। ସେମିତି କଲୁଙ୍ଗା ଗୋଇଭଙ୍ଗାରେ ଏକ କାରଖାନାର ପାଚେରି ପଡ଼ିଯିବାରୁ କର୍ମଚାରୀଙ୍କ ୪ଟି ବାଇକ୍ ଓ ଗୋଟିଏ ସ୍କୁଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। କେବଳ ଦାଣ୍ଡିଆପାଲି, ବିଶ୍ୱକର୍ମା ବିହାର ନୁହେଁ ସହର ତଳିଆ ଅଞ୍ଚଳରେ ଲୋକଙ୍କୁ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡ଼ିଥିଲା।

# ନାବାଳିକା ଅପହରଣ ନେଇ ଥାନାରେ ମାମଲା

ଭାପୁର, ୨୬।୭(ନିପ୍ର); ଫତେଗଡ଼ ପଞ୍ଚାୟତ ବଡ଼କୃଷ୍ଣଚନ୍ଦ୍ରପୁର ଗ୍ରାମର ଦୀନବନ୍ଧୁ ବେହେରାଙ୍କ ସ୍ତ୍ରୀ ଲିଲି ବେହେରା ଏବଂ ୧୭ ବର୍ଷୀୟ ନାବାଳିକା ଝିଅଙ୍କ ସହିତ ନିକଟ ବିଜୟନଗର ଗ୍ରାମର ପୋଖରୀକୁ ଗତ ସୋମବାର ସକାଳୁ ଗାଧୋଇବା ପାଇଁ ଯାଇଥିଲେ। ଫେରିବା ସମୟରେ ମାଆ ଘରକୁ ଫେରିଥିବାବେଳେ ଝିଅ ସଉଦାପତ୍ର ଆଣିବା ପାଇଁ ଦୋକାନ ଯାଇଥିଲେ। ସେ ଘରେ ସଉଦା ରଖିଦେବା ପରେ ଆଉ ଝିଅର କୌଣସି ପତ୍ତା ମିଳି ନ ଥିଲା।ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିବା ସମୟରେ ଗ୍ରାମର କିଛି ଲୋକ ଝିଅକୁ କ୍ରିଷ୍ଣା ଫାୟାର ବ୍ରିକ୍ସ ଫ୍ୟାକ୍ଟ୍ରି ନିକଟରୁ ଦୁଇ ଜଣ ଯୁବକ ବାଇକ ଯୋଗେ ଅପହରଣ କରିଥିବା ନେଇ ସନ୍ଦେହ ପ୍ରକଟକରି କହିଥିଲେ। ଦୀନବନ୍ଧୁଙ୍କ ଜ୍ୱାଇଁ ମନୋଜ ଡ଼ାଲୁଆ ସନ୍ଦେହରେ ଖଣ୍ଡପଡା ବ୍ଲକ ଗୋଛାବାରୀ ଗ୍ରାମର ଜନୈକ ଯୁବକଙ୍କୁ ଝିଅ ଅପହରଣ ବିଷୟରେ ପଚାରିବାରୁ ସେ ଘଟଣାକୁ ଏଡାଇ ଦେଇଥିଲେ। ଏହି ଅପହରଣ ଘଟଣାରେ ଫତେଗଡ଼ ଗ୍ରାମର ଜନୈକ ମହିଳା ମୁଖ୍ୟ ଖଳନାୟିକା ରହିଛନ୍ତି ବୋଲି ଅଭିଯୋଗ ହୋଇଛି। ଝିଅ ଘର ପକ୍ଷରୁ ସମସ୍ତ ତଥ୍ୟ ଥାନାକୁ ଦେଇ ନିଜ ଝିଅ କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବା ପାଇଁ ଆକୁଳ ନିବେଦନ କରିଥିଲେ ମଧ ପୋଲିସ ୨୪୮/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସେମାନେ ଭୟ ଓ ଆଶଙ୍କାରେ ଦିନ ଅତିବାହିତ କରୁଥିବା ଜଣାପଡିଛି।

# ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର

ରାଉରକେଲା, ୨୬।୭ (ନିପ୍ର); ସେକ୍ଟର-୧୫ ଜାମା ମସଜିଦ ସମ୍ମୁଖସ୍ଥ ପଡିଆରେ ରାଉରକେଲା ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ ଉମିଦ୍ ଟ୍ରଷ୍ଟ ସହାୟତାରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜିତ ହୋଇଯାଇଛି। ସକାଳ ୯ଟା ଠାରୁ ଆରମ୍ଭ ହୋଇଥିବା ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା, ଇସିଜି, ବ୍ଲଡ୍ ପ୍ରେସର, ବ୍ଲଡ୍ ସୁଗାର, ବିଏମ୍‌ଆଇ, ଉଚ୍ଚତା, ଓଜନ, ରକ୍ତରେ ଅମ୍ଳଜାନ ପରିମାଣ (ଅକ୍ସି ମିଟର) ସହିତ ଅଭିଜ୍ଞ ଭେଷଜ, ଅସ୍ଥିଶଲ୍ୟ, ସ୍ତ୍ରୀରୋଗ, ଦନ୍ତ ଚିକିତ୍ସା, କ୍ରିଟିକାଲ୍ କେୟାର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଭେଷଜ ବିଶେଷଜ୍ଞ ଡାକ୍ତର ରୋଜା ନାୟକ, ସ୍ତ୍ରୀ-ରୋଗ ବିଶେଷଜ୍ଞ ଡାକ୍ତର ତାଶୀ କ୍ରାଷ୍ଟା, ଦନ୍ତ ବିଶେଷଜ୍ଞ ଡାକ୍ତର ପୂଜା ପତି ଏବଂ କ୍ରିଟିକାଲ୍ କେୟାର ବିଶେଷଜ୍ଞ ଡାକ୍ତର ଚେତନ ରେଡ୍ଡି ଉପସ୍ଥିତ ରହି ଆସିଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରାଉରକେଲା ଆପୋଲୋ ହସ୍ପିଟାଲ୍ସର ଆଦିତ୍ୟ ତିୱାରୀ, ଉଜ୍ଜ୍ୱଳ କୁମାର, ସାଲୋନୀ ନାୟକ, ଅସଫବ୍ ଆସିଫ୍ ସହଯୋଗ କରିଥିଲା ବେଳେ ବିଶେଷ ଅତିଥି ଭାବରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସମେତ ଉମିଦ୍ ଟ୍ରଷ୍ଟ ପକ୍ଷରୁ ସଭାପତି ଇସ୍ତେହାର ମୋହମ୍ମଦ, ସାଧାରଣ ସମ୍ପାଦକ ଜାଭେଦ ଅଖତର, ସମ୍ପାଦକ ସବୀର ଅନୱାର, ଖାତିବ୍, ମୀରାଜ୍, ଇମରାନ୍, ତଉହୀତ ପ୍ରମୁଖ ଏହି ସ୍ୱାସ୍ଥ୍ୟ ଶିବିରରେ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱରର ପ୍ରତିଷ୍ଠା ଦିବସ

ଜଟଣୀ, ୨୬।୭(ନିପ୍ର): ଆଇଆଇଟି ଭୁବନେଶ୍ୱର ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଗୌରବମୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ତଥା କେନ୍ଦ୍ରୀୟ ବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱରର ଚେୟାରମ୍ୟାନ୍ ପ୍ରଫେସର ଶ୍ରୀପାଦ କର୍ମାଲକର ଯୋଗଦେଇଥିଲେ। ତାଙ୍କ ସହ ଶ୍ରୁତି କର୍ମାଲକର, ଡିନ୍, କଣ୍ଟିନ୍ୟୁଇଂ ଏଜୁକେସନ୍ ପ୍ରଫେସର ଶ୍ୟାମଲ ଚାଟାର୍ଜୀ, ବିଦ୍ୟାଳୟର ଅଧକ୍ଷ ଚକ୍ରଧର ପୃଷ୍ଟି, ରଶ୍ମି ପୃଷ୍ଟି, ଡ଼. ଦେବୀ ପ୍ରସାଦ ଡୋଗ୍ରା, ପ୍ରଫେସର ଆଶିଷ ବିଶ୍ୱାସ, ପ୍ରଫେସର ରାଜେଶ ଆର.ଦାଶ, ଡ଼. ମନସ୍ୱିନୀ, ଡ଼. ଅନ୍ତର୍ଯ୍ୟାମୀ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟବୃନ୍ଦ, ଆଇଆଇଟି ଭୁବନେଶ୍ୱରର ସମ୍ମାନନୀୟ ଡିନମାନେ, ଅଭିଭାବକ ଏବଂ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହି କାର୍ଯ୍ୟକ୍ରମର ଗରିମା ବୃଦ୍ଧି କରିଥିଲେ।

# ଶିଶୁ ପତ୍ରିକା 'କଇଁଫୁଲ' ଉନ୍ମୋଚିତ

ବଡ଼ସାହି, ୨୬।୭ (ନିପ୍ର); ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନ, ବେତନଟୀ ଦ୍ୱାରା ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'କଇଁଫୁଲ'ର ୨୩ ତମ ସଂଖ୍ୟାର ଉନ୍ମୋଚନ ଉତ୍ସବ ବଡସାହି ବ୍ଲକ୍ ଅଧୀନସ୍ଥ ବିଜୟ ଉଚ୍ଚ ବିଦ୍ୟାଳୟ, ବାଘମରା ପରିସରରେ ଆୟୋଜିତ ହୋଇଯାଇଛି । ଏଥିପାଇଁ ଆୟୋଜିତ ସଭାରେ ବିଜୟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହି ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତ ଅଧକ୍ଷତା କରିଥିଲାବେଳେ ମୟୂର ସାହିତ୍ୟ ସଂସଦ, ବେତନଟୀର ସଭାପତି ବରିଷ୍ଠ କବି ଭାସ୍କର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶିଶୁ ସାହିତ୍ୟ କିପରି ଭବିଷ୍ୟତ ନାଗରିକ ମାନଙ୍କୁ ଗଠନ




କରିପାରେ ତାହା ବିଭିନ୍ନ ମହାପୁରୁଷଙ୍କ ଉଦାହରଣ ମାଧମରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ମାସିକ ଶିଶୁ ପତ୍ରିକା ଆମ ସୁନାଚାନ୍ଦ ଓ କାକଳୀର ସଂପାଦକ ଡକ୍ଟର କୁମାର ବାବୁଲି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବିଭିନ୍ନ ଗଳ୍ପ ମାଧମରେ ଛାତ୍ରୀ ଛାତ୍ରୀଙ୍କୁ ପିତୃମାତୃ ସେବା ଓ ଭକ୍ତିର ମାହାତ୍ମ୍ୟ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲେଖକ ପ୍ରତାପ ରଣସିଂ, ଶିକ୍ଷାବିତ୍ ଶିଶିର କୁମାର ଦାଶ ଓ ପରିବେଶବିତ୍ ସୁଶାନ୍ତ କୁମାର କର ଓ କଇଁଫୁଲର ସଂପାଦକ ପର୍ଶୁରାମ ସାହୁ କଇଁଫୁଲ ପତ୍ରିକା ସଂପର୍କରେ ସୂଚନା ଦେଇଥିଲା ବେଳେ ଶିକ୍ଷକ କବି ନାରଦ ସୁନ୍ଦର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ତିନିଜଣ ପ୍ରତିଭାବାନ୍ ଛାତ୍ର-ଛାତ୍ରୀଙ୍କୁ କଇଁଫୁଲ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଇଁଫୁଲର ଆଜୀବନ ସଦସ୍ୟା ବିଜୟା ପତି, ବନମାଳୀ ନାଏକ ବିଶେଷ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ନୀରଦ ସୁନ୍ଦର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ସମିତି ସାଧାରଣ ଅଧିବେଶନକୁ ବ୍ଲକ ପ୍ରଶାସନର ଭୟ

ଭାପୁର, ୨୬।୭ (ନିପ୍ର); ନୟାଗଡ଼ ଜ଼ିଲ୍ଲା ଭାପୁର ବ୍ଲକରେ ଗତ ଏକ ବର୍ଷ ଧରି ପଞ୍ଚାୟତ ସମିତି ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇନାହିଁ,ଯାହାକି ଏକ ବର୍ଷରେ ୪ ଥର ଅନୁଷ୍ଠିତ ହେବା କଥା। ଏଥିରୁ ଜଣାପଡୁଛି ଭାପୁର ବ୍ଲକରେ ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥା କୁ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ପଙ୍ଗୁ କରିଦେଇ ବ୍ରିଟିଶ ଶାସନ ବ୍ୟବସ୍ଥା ଚାଲିଛି। ଭାପୁର ବ୍ଲକରେ ନିର୍ବାଚିତ ପ୍ରତିନିଧି ମାନଙ୍କର ପାଟି ଖୋଲି ଜନସେବା କରିବାର କୌଣସି ଅଧିକାର ନାହିଁ ସେଥିପାଇଁ ବି.ଡି.ସି. ମିଟିଂକୁ ଭାପୁର ବ୍ଲକରେ ନିଷେଧ କରାଯାଇଛି। ଏ ସଂକ୍ରାନ୍ତରେ, ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ,ଉପାଧକ୍ଷ ବେଣୁଧର ପ୍ରଧାନ ଏବଂ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ମାନେ ନୟାଗଡ଼ ଜ଼ିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପରେ ଜ଼ିଲ୍ଲାପାଳ ବିଡ଼ିଓଙ୍କୁ ତାଗିଦ କରି ଶୀଘ୍ର ବିଡିସି ମିଟିଂ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ତାହା ପାଳନ ହୋଇନଥିଲା। ଏହିପରି ଭାବରେ ଆଉ ଥରେ ଜ଼ିଲ୍ଲାପାଳଙ୍କୁ ଅଭିଯୋଗ କରିବାପରେ ବ୍ଲକ ପ୍ରଶାସନ ୧୪.୦୭.୨୫ ତାରିଖରେ ମିଟିଂ କରିବା ପାଇଁ ନୋଟିସ କରିଥିଲେ କିନ୍ତୁ, ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏହି ବିଡିସି ମିଟିଂରେ ଅନୁପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ରହିଥିଲା ଫଳରେ, କୌଣସି ବିଷୟ ଆଲୋଚନା ହୋଇପାରିନଥିଲା। ଏଥିରୁ ସ୍ପଷ୍ଟ ବୁଝାପଡୁଛି, ବ୍ଲକ ପ୍ରଶାସନ ଦୁର୍ନୀତିକୁ ପ୍ରୋତ୍ସାହନ ଦେବା ସପକ୍ଷରେ ରହିବା ଯୋଗୁଁ ବ୍ଲକ ସ୍ତରୀୟ ଅଧିକାରୀଙ୍କୁ ଏହି ସଭାକୁ ଡକାଯାଇ ନ ଥିଲା। ସେହିଦିନ ଠାରୁ ଆଉ ଭାପୁର ବ୍ଲକରେ ସାଧାରଣ ବୈଠକ ନ ହୋଇ ଜଙ୍ଗଲରାଜ ଚାଲୁଥିବା ଅଭିଯୋଗ ହୋଇଛି।

# କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନାରେ ଅନେକ ପରୀକ୍ଷା ମେସିନ ଅଚଳ

## ଅର୍ଥ ଖର୍ଚ୍ଚ କରି ରୋଗୀ ବାହାରେ କରୁଛନ୍ତି ପରୀକ୍ଷା

କୁଚିଣ୍ଡା, ୨୬।୭ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଦିନକୁଦିନ ବିଗିଡିବାରେ ଲାଗିଛି। ଏଠାରେ ଥିବା ସିବିସି ମେସିନ ସହ ସୋଡ଼ିୟମ ଓ ପଟାସିୟମ ପରୀକ୍ଷା ମେସିନ ଅଚଳ ହୋଇ ପଡିଥିବାରୁ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଫଳରେ ବାଧ ହୋଇ ଅର୍ଥ ଖର୍ଚ୍ଚ କରି ବାହାରେ ପରୀକ୍ଷା କରୁଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ଆଦିବାସୀ ଅଧୁଷିତ କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନା ଉପରେ କୁଚିଣ୍ଡା ଏନଏସି,ବାମରା, କୁଚିଣ୍ଡା ବ୍ଲକ, ଝାରସୁଗୁଡ଼ା ଜିଲ୍ଲାର କୋଲିବାରା ଓ ଲଇକେରା ବ୍ଲକର ଅଧିକାଂଶ ପଞ୍ଚାୟତ, ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକର ସୋଲ,ଜର୍ଡା ଓ ବୁର୍ଡା ପଞ୍ଚାୟତ ଏବଂ ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକର ଲଇମୁରା, ପାରପୋଷି, ଝରାଗୋଗୁଆ, ଛେଲିଆମେଡ଼ିଆ, ଗଣ୍ଡମ, ଡିମିରିକୁଦା ଆଦି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ଦୈନନ୍ଦିନ ଏଠାକୁ ଶହଶହ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ରକ୍ତ ପରୀକ୍ଷା ପାଇଁ




ଡାକ୍ତରଖାନାରେ ଥିବା ସିବିସି ଏବଂ ସୋଡ଼ିୟମ, ପୋଟାସିୟମ ଭଳି ଜରୁରୀ ମେସିନ ସବୁ ଖରାପ ହୋଇ ପଡ଼ିଛି। ରୋଗୀଙ୍କୁ ଏସବୁ ଜରୁରୀ ପରୀକ୍ଷା ପାଇଁ ଡାକ୍ତରମାନେ ପରାମର୍ଶ ଦେଉଥିଲେ ବି,ମେସିନ ଖରାପ ଥିବାରୁ ରୋଗୀମାନଙ୍କୁ ବାଧ ହୋଇ ବାହାରେ ଥିବା ଘରୋଇ କ୍ଲିନିକ ଅଥବା ପାଥୋଲୋଜିକୁ ଯିବାକୁ ପଡୁଛି। ଏଥିପାଇଁ ସେମାନଙ୍କୁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି ।ଯାହାକି ଗରିବ ରୋଗୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଜନସାଧାରଣଙ୍କ ଅଭିଯୋଗ ହେଲା ମେସିନ ଅଚଳ ହେବା ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ କୌଣସି ସ୍ଥାୟୀ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ତେଣୁ ତୁରନ୍ତ ଅଚଳ ମେସିନ୍‌ଙ୍କୁ ମରାମତି କିମ୍ବା ନୂତନ ମେସିନ ବ୍ୟବସ୍ଥା କରି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି ହେଉଛି। ଏସମ୍ପର୍କରେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସା ଅଧିକାରୀ ଏସଡିଏମଓଙ୍କୁ ପଚାରିବାରେ ସେ ସିବିସି ମେସିନ ଶୁକ୍ରବାର ଖରାପ ହୋଇଛି ସଜାଡିବାକୁ ଏଜେନସିକୁ ସୂଚନା ଦିଆଯାଇଥିବା କହିଛନ୍ତି।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ଦୁଇ ଫାଳ !

## ପୁରୁଣା ବିଜେପି ନେତୃମଣ୍ଡଳୀଙ୍କ ବୈଠକକୁ ନେଇ ଚର୍ଚ୍ଚା

ଭାପୁର, ୨୬।୭ (ନିପ୍ର): ବିଜେଡିର ରାଜତ୍ୱ ସମୟରେ ରାଜ୍ୟରେ ବିଜେପି ଧରାଶାୟୀ ରହିଥିବାବେଳେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ବିଜେପି ନେତୃତ୍ୱ ମଣ୍ଡଳୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଜନସାଧାରଣଙ୍କ ସହ ଯୋଡି ହୋଇ ରହିଥିଲେ। ସେମାନଙ୍କ ନିଷ୍ଠା ଓ ପ୍ରଧାନମନ୍ତ୍ରୀ ତଥା କେନ୍ଦ୍ର ନେତୃତ୍ୱ ମଣ୍ଡଳୀଙ୍କ ଲୋକପ୍ରିୟତାକୁ ନେଇ ଭାପୁର ବ୍ଲକରେ ପ୍ରଚାରପ୍ରସାର କରି ଦଳକୁ ବଂଚେଇ ରଖିଥିଲେ।

ଗତ ସାଧାରଣ ନିର୍ବାଚନରେ ପୁରୁଣା ନେତୃତ୍ୱଙ୍କୁ ଛାଡି ଦଳ ଜଣଙ୍କୁ ଟିକେଟ ଦେଲେ ଏବଂ ବିଜୟ ଲାଭ କଲେ। ବ୍ୟକ୍ତି ଜଣକ ବିଜୟ ଲାଭ କରିବା ପରେ ନିର୍ବାଚନ ମଣ୍ଡଳୀରେ ବଞ୍ଚେଇ ରଖିଥିବା ବିଜେପି ନେତୃତ୍ୱ ଙ୍କୁ ଭୁଲିଯାଇ ବିଜେଡି ରୁ ବିତାଡିତ ହୋଇଥିବା ଭଡାଟିଆ ନେତା ମାନଙ୍କୁ ହାତବାରିସୀ କରି ଦଳରେ ସାମିଲ କରାଯାଇଥିବା ଆଲୋଚ୍ୟର ବିଷୟ ହୋଇଛି। ପୁରୁଣା ବରିଷ୍ଠ ନେତା ତଥା ବିଜେପି କର୍ମୀଙ୍କୁ ସ୍ଥାନୀୟ ବିଧାୟକ ଗତ ଦୁଇବର୍ଷ ହେଲା ଅଣଦେଖା କରି ଆସୁଥିବାରୁ ସେମାନେ ଏତାଦୃଶ କାର୍ଯ୍ୟ କୁ ବିରୋଧ କରି ଭାପୁର ଡାକବଙ୍ଗଳା ପରିସରରେ ଏକାଠି ହୋଇ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ କେତେକ ଆଲୋଚନା କରିଥିବା କୁହାଯାଉଛି ।ଭାପୁର ବ୍ଲକ ବିଜେପି ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ଜ଼ିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ଇଂ ଅର୍ଚ୍ଚନା ଦାସ,ଜ଼ିଲ୍ଲା ସମ୍ପାଦକ ପ୍ରଦୀପ୍ତ କିଶୋର ପଟ୍ଟନାୟକ,ଜ଼ିଲ୍ଲା ସମ୍ପାଦିକା ସସ୍ମିତା ତ୍ରିପାଠୀ,ଯୁବ ସଂଗଠକ ସଞ୍ଜୟ କୁମାର ଦାସ,ସନୋଜ କୁମାର ଧଳ, ପ୍ରଫୁଲ୍ଲ କୁମାର ସାହୁ,ମଧୁସୂଦନ ପଣ୍ଡା ଆଦି ୫୦ ରୁ ଉର୍ଦ୍ଧ୍ୱ ତୃଣମୂଳ ସଂଗଠକ ଯୋଗଦେଇ ବିଧାୟକଙ୍କ କାର୍ଯ୍ୟପନ୍ଥା କୁ ବିରୋଧ କରିଥିଲେ। ଫଳରେ,ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନୂଆ ବିଜେପି ଓ ପୁରୁଣା ବିଜେପି ମଧରେ ଲଢେଇ ହେବ ବୋଲି ରାଜନୀତିଜ୍ଞ ମାନେ ବିଶ୍ଳେଷଣ କରିଛନ୍ତି।

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ

## ବିଜେଡି ଶିବିରରେ ଛାନିଆ, ଜିଲ୍ଲାରେ ଦୁର୍ବଳ ହେଉଛି ବିଜେଡି !

ଭବାନୀପାଟଣା, ୨୬।୭ (ନିପ୍ର); ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ବିଜେଡି ସଂଗଠନ ଦିନକୁ ଦିନ ବିଚ୍ଛିନ୍ନ ହେବାରେ ଲାଗିଛି । ପ୍ରତିଦିନ ବିଜେଡିର ବିଭିନ୍ନ ନେତା ଦଳ ଛାଡ଼ି ବିଜେପି ରେ ଯୋଗ ଦେଉଛନ୍ତି । ଫଳରେ ଦିନକୁ ଦିନ କଳାହାଣ୍ଡିରେ ବିଜେଡ଼ି ଦୁର୍ବଳ ହେବାରେ ଲାଗିଛି, ଭୋକ ବିକଳରେ ଡାଟିଆ କାମୁଡ଼ା ନୀତି ଧରି ବିଜେଡ଼ି ସାଧାରଣ ଲୋକଙ୍କ ପାଖରୁ ଆସ୍ଥା ହରେଇବାରେ ଲାଗିଛି। ଆଜି କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ତାଙ୍କ ଶହ ଶହ କର୍ମୀଙ୍କୁ ନେଇ ବିଜେପି ରେ ସାମିଲ ହୋଇଛନ୍ତି । ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ବିଗତ ଦୁଇ ବର୍ଷ ଧରି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଦଳ ଛାଡ଼ିବେ ବୋଲି ଚର୍ଚ୍ଚା ଲାଗି ରହିଥିଲା । ଆଜି ତାହା ସତରେ ପ୍ରମାଣିତ ହୋଇଛି । ଶ୍ରୀ ସିଂହ ଦେଓଙ୍କ ସମେତ ତାଙ୍କର ୯ଜଣ ଜିଲ୍ଲା ପରିଷଦ ସଦସ୍ୟ, କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ, ନର୍ଲା ନିର୍ବାଚନ ମଣ୍ଡଳୀ ର ୨୪ଜଣ ସରପଂଚ,୩୧ ଜଣ ସମିତି ସଭ୍ୟ ଓ ପୂର୍ବତନ ସରପଂଚ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ସମେତ ବିଜୁ ଜନତା ଦଳ ର ଜିଲ୍ଲା ଓ ବ୍ଲକସ୍ତର ରେ ଥିବା ବିଭିନ୍ନ ଛାମୁଆ



ସଂଗଠନର ଦାୟିତ୍ୱ ରେ ଥିବା ନେତାଙ୍କ ସମେତ ୨୫୦ଜଣରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଆଜି ଆନୁଷ୍ଠାନିକ ଭାବେ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ ଓ ସାଂସଦ ସୁଜିତ୍ କୁମାରଙ୍କ ଉପସ୍ଥିତିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ସମସ୍ତଙ୍କୁ ଉତ୍ସାହ ର ସହ ସ୍ୱାଗତ କରିଛନ୍ତି । ଗତ ୨୦୦୯, ୨୦୧୪, ୨୦୧୯, ଏବଂ ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟ ରୁ ବଞ୍ଚିତ ହୋଇ, ଦଳ ସର୍ବଦା ଅବହେଳା ପୋଷଣ କରି ଆସୁଥିଲା, ଏବଂ ନର୍ଲା ନିର୍ବାଚନ ମଣ୍ଡଳୀ ର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ବିକାଶ ଧାରା ରେ ସହଭାଗିତା ହେବା ପାଇଁ ତଥା ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ବିଜେଡି ଛାଡ଼ି ବିଜେପି ରେ ସାମିଲ ହେଲି ବୋଲି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ପୁଷ୍ପେନ୍ଦ୍ର ସିଂହଦେଓଙ୍କ ବିଜେଡି ଦଳ ଛାଡ଼ି ବିଜେପି ରେ ଯୋଗ ଦେବା ବିଗତ ୩/୪ଦିନ ଧରି ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଥିବା ବେଳେ ବିଜେଡି ଛାନିଆ ହୋଇ କିଭଳି ଭାବରେ ଜିଲ୍ଲାରୁ ଜିଲା ପରିଷଦ ସଦସ୍ୟ ଓ ଦଳୀୟ ନେତା ମାନେ ଦଳ ଛାଡ଼ି ବିଜେପି କୁ ନ ଯିବେ ସେଥି ପାଇଁ ଦିନ ରାତି ଜିଲ୍ଲାର ବିଜେଡି ବିଧାୟକ ଓ ରାଜ୍ୟ ନେତା ମାନେ କସରତ କରିଥିଲେ। ଏବଂ ଠିକ ସମାନ ସମୟରେ ଶଙ୍ଖ ଭବନରେ ଏକ କଳାହାଣ୍ଡି ଜିଲ୍ଲା ପରିଷଦ ସଦସ୍ୟମାନଙ୍କ ଏକ ବୈଠକ ଆୟୋଜନ କରା ଯାଇଥିଲେ ମଧ ତାହା ସଫଳ ହୋଇ ନ ଥିବା ଜଣା ଯାଇଛି । ଶ୍ରୀ ସିଂହଦେଓଙ୍କ ବିଜେପି ରେ ଯୋଗ ଦେବା ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ୧୩୬ତମ 'ମନ୍ କି ବାତ୍' ପ୍ରଧାନମନ୍ତ୍ରୀ ମୋଦି

# କାର୍ଗିଲ ବିଜୟ ଦିବସ ଏକ ତାରିଖ ନୁହେଁ, ଏହା ଦେଶର ବୀରତ୍ୱ ଏବଂ ବଳିଦାନର ଏକ ଅମର ଗାଥା: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୬/୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର 'ମନ୍ କି ବାତ୍'ର ୧୩୬ତମ ଏପିସୋଡ୍‌ରେ ସମ୍ବୋଧିତ କରି କାର୍ଗିଲ ବିଜୟ ଦିବସ ସମ୍ପର୍କରେ କହି ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ, କାର୍ଗିଲ ବିଜୟ ଦିବସ ଏପରି ଏକ ତାରିଖ ଯାହାକୁ ମନେ ରଖିବା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ।ପ୍ରଧାନମନ୍ତ୍ରୀ କହିଛନ୍ତି, କଠିନ ଚ୍ୟାଲେଞ୍ଜ ସତ୍ତ୍ୱେ, ଭାରତୀୟ ସୈନିକମାନେ ହାର ମାନି ନଥିଲେ ଏବଂ ଦେଶକୁ ବିଜୟ ଆଡ଼କୁ ନେଇଯାଇଥିଲେ। ଏଥର, ଏହି ସାହସୀ ସୈନିକମାନଙ୍କ ସ୍ମୃତିରେ ଚଳିତ ବର୍ଷ ଦିଲ୍ଲୀରୁ ଦ୍ରାସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୌର୍ଯ୍ୟ ଯାତ୍ରା ଆୟୋଜନ କରାଯାଉଛି। ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ବର୍ଷ ଆଇଏନଏସ ମହେନ୍ଦ୍ରଗିରିକୁ ନୌସେନାରେ ସାମିଲ କରାଯାଇଛି ଏବଂ ପିନାକା କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷଣ କରାଯାଇଛି। ସେ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା, ଜଳ ସଂରକ୍ଷଣ ଏବଂ କ୍ୟାଚ୍ ଦି ରେନ୍ ଅଭିଯାନ ବିଷୟରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି, ଯେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଛି। ଗତ ରବିବାର, ବିକ୍ରମ-୧ର ସଫଳ ଉତ୍କ୍ଷେପଣ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଗର୍ବରେ ଭରି ଦେଇଛି। ଆମେ ସମସ୍ତେ ଭାରତୀୟ ମହାକାଶ କ୍ଷେତ୍ର ପାଇଁ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ। ଏହା ଘରୋଇ କ୍ଷେତ୍ର ଦ୍ୱାରା ବିକଶିତ ଭାରତର ପ୍ରଥମ ରକେଟ୍। ଆମର ଯୁବ ଉଦ୍ଭାବକମାନେ ଯାହା କଳ୍ପନା କରିବା ମଧ୍ୟ କଷ୍ଟକର ଥିଲା ତାହା ହାସଲ କରିଛନ୍ତି। ସେମାନେ ଆଶ୍ଚର୍ଯ୍ୟଜନକ ଦକ୍ଷତା, ଆଗ୍ରହ ଏବଂ ଧୈର୍ଯ୍ୟ ଦେଖାଇଛନ୍ତି। ଦୀର୍ଘ ସମୟ ଧରି, ଆମର ମହାକାଶ କ୍ଷେତ୍ର ଘରୋଇ କ୍ଷେତ୍ର ପାଇଁ ବନ୍ଦ ରହିଥିଲା, କିନ୍ତୁ ଯୁବପିଢ଼ିଙ୍କ ଆଗ୍ରହକୁ ଧ୍ୟାନରେ ରଖି, ଆମର ଘରୋଇ କ୍ଷେତ୍ର ମହାକାଶ ପାଇଁ ଖୋଲା ଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ଆମର ସମସ୍ତ ପାଞ୍ଚ ଜଣ ଛାତ୍ର ପଦାର୍ଥ ବିଜ୍ଞାନ ଅଲିମ୍ପିଆଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ଭାରତ ପ୍ରଥମ ସ୍ଥାନ ହାସଲ କରିଥିଲା। ଗତ ଦଶନ୍ଧିରେ ଅନୁଷ୍ଠିତ ପ୍ରତ୍ୟେକ ପଦାର୍ଥ ବିଜ୍ଞାନ ଅଲିମ୍ପିଆଡରେ, ଆମ ଦେଶର ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବରେ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ଜିତିଛନ୍ତି। ଆମର ସମସ୍ତ ଛାତ୍ର ରସାୟନ ବିଜ୍ଞାନ ଅଲିମ୍ପିଆଡରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଏପର୍ଯ୍ୟନ୍ତ ସର୍ବୋତ୍ତମ ପ୍ରଦର୍ଶନ। ଆଜି କାଶ୍ମୀରର ପାରମ୍ପରିକ ଚଟେଇ 'ୱାଗୁ' ସମ୍ପର୍କରେ କରାଯାଉଥିବା ପ୍ରୟାସରେ ପ୍ରତିଫଳିତ ହୁଏ। ଏହା ନଳ ଏବଂ ଧାନ ନଡ଼ାରୁ ତିଆରି। ଏହି ଗଦି ତିଆରି କରିବାର ପରମ୍ପରା ବହୁ ବର୍ଷ ପୁରୁଣା। ଶ୍ରୀନଗରର ଗୁଲାମ ହୁସେନ ଜୀ ଏବଂ ତାଙ୍କ ଝିଅ ତାଞ୍ଜିଲା ଜୀ ଏକ ପ୍ରତିଜ୍ଞା ନେଇଥିଲେ। ଉଭୟ 'ୱାଗୁ' ହସ୍ତଶିଳ୍ପର ପରମ୍ପରାକୁ ଏକ ନୂତନ ଜୀବନ ଦେବା ପାଇଁ ବାହାରିଥିଲେ। ସେ କହିଛନ୍ତି, ଆମ ଦେଶରେ ଚା' କେବଳ ଏକ ପାନୀୟ ନୁହେଁ, ଏହା ଏକ ଆତ୍ମୀୟତାର ଭାବନା ମଧ୍ୟ। ଚା' ପ୍ରତ୍ୟେକ ଅବସରର ଏକ ଅଂଶ ହୋଇଯାଏ। ଆପଣ ଚା' ସହିତ ମୋର ସମ୍ପର୍କକୁ ଭଲଭାବରେ ଜାଣନ୍ତି। ଉତ୍ତର ପ୍ରଦେଶର ବିଜନୌର ଜିଲ୍ଲାର ଲାଖିୱାଲା ଗାଁରେ, ଏକ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡିତ ମହିଳାମାନେ 'ବିଦୁର ପ୍ରେରଣା ସ୍ୱଦେଶୀ ହର୍ବାଲ୍ ଟି' ତିଆରି କରିଛନ୍ତି। ଏଥିରେ ଲେମ୍ବୁଗ୍ରାସ୍, ଗିଲୋୟ, ଲାଇକୋରାଇସ୍, ତୁଳସୀ, କଞ୍ଚା ହଳଦୀ, ଡାଲଚିନି, କଞ୍ଚା ଏବଂ ପାନମହୁରି ଭଳି ପ୍ରାକୃତିକ ଉପାଦାନ ରହିଛି। ଏହାର ଅନନ୍ୟ ସ୍ୱାଦ ଏବଂ ଗୁଣ ଯୋଗୁଁ, ଏହି ଚା' ବହୁତ କମ ସମୟ ମଧ୍ୟରେ ଲୋକଙ୍କ ମଧ୍ୟରେ ଏକ ବିଶେଷ ପରିଚିତି ହାସଲ କରିଛି।

## ଲଢ଼ିବିନି ୨୦୨୮ କର୍ଣ୍ଣାଟକ ବିଧାନସଭା ନିର୍ବାଚନ: ସିଦ୍ଧରମୈୟା




ବେଙ୍ଗାଲୁରୁ, ୨୬/୭: କର୍ଣ୍ଣାଟକ ରାଜନୀତିରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ପ୍ରମୁଖ କଂଗ୍ରେସ ନେତା ସିଦ୍ଧରମୈୟାଘୋଷଣା କରିଛନ୍ତି ଯେ, ସେ ୨୦୨୮ବିଧାନସଭା ନିର୍ବାଚନରେ ଲଢ଼ିବେ ନାହିଁ। ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ମୁଁ ଏବେ ୭୯ ବର୍ଷ ବୟସର। ଆମ ସରକାରର କାର୍ଯ୍ୟକାଳ ଆହୁରି ଦେଢ଼ ବର୍ଷ ବାକି ଅଛି। ସେତେବେଳକୁ ମୁଁ ୮୧-୮୨ ବର୍ଷ ବୟସର ହେବି। ମୋର ସ୍ୱାସ୍ଥ୍ୟ ଆଉ ପୂର୍ବ ପରି ଭଲ ନାହିଁ। ପୂର୍ବ ପରି ଉତ୍ସାହର ସହିତ କାମ କରିବା ଆଉ ସମ୍ଭବ ନୁହେଁ। ମାଣ୍ଡ୍ୟା ଜିଲ୍ଲାର କେ.ଆର. ପେଟରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ସିଦ୍ଧରମୈୟା ଏହି କଥା କହିଛନ୍ତି। ସିଦ୍ଧରମୈୟା କହିଛନ୍ତି, ଆଜିର ରାଜନୀତିରେ ଦୁର୍ନୀତି ପ୍ରବେଶ କରିଛି। ତେଣୁ, ମୁଁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି ନାହିଁ। ତେବେ ରାଜନୀତିରେ ସକ୍ରିୟ ରହି, ମୁଁ ଲୋକଙ୍କ ସୁଖ ଏବଂ ଦୁଃଖର ସ୍ୱର ହୋଇ ରହିବି। ସେ କହିଛନ୍ତି, ବରୁଣା ନିର୍ବାଚନମଣ୍ଡଳୀର ଲୋକମାନେ ମୋତେ ପୁଣି ଥରେ ନିର୍ବାଚନ ଲଢ଼ିବାକୁ ଅନୁରୋଧ କରୁଛନ୍ତି। କିନ୍ତୁ ମୁଁ ଆଉ କୌଣସି ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ, ଯେତେବେଳେ ମୁଁ ନିର୍ବାଚନ ଲଢ଼ିଥିଲି, ନିର୍ବାଚନମଣ୍ଡଳୀର ଲୋକମାନେ ମୋତେ ଟଙ୍କା ଦେଇ ମୋର ବିଜୟ ସୁନିଶ୍ଚିତ କରୁଥିଲେ, କିନ୍ତୁ ଆଜି ସେପରି ସ୍ଥିତି ଆଉ ନାହିଁ।

## ନେପାଳରେ ବୈଧ ହେଲା ଭାରତୀୟ ୨୦୦ ଓ ୫୦୦ ଟଙ୍କିଆ ନୋଟ୍



କାଠମାଣ୍ଡୁ, ୨୬/୭: ଭାରତୀୟ ଏବଂ ନେପାଳୀ ନାଗରିକଙ୍କ ପାଇଁ ନେପାଳ ସରକାର ଏକ ବଡ଼ ଆଶ୍ୱସ୍ତିକର ନିଷ୍ପତ୍ତି ନେଇଛନ୍ତି। ଏବେଠାରୁ ଦୁଇ ଦେଶର ନାଗରିକମାନେ ନେପାଳକୁ ଆସିବା କିମ୍ବା ସେଠାରୁ ଯିବା ସମୟରେ ନିଜ ସାଥିରେ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଭାରତୀୟ ୨୦୦ ଓ ୫୦୦ ଟଙ୍କିଆ ନୋଟ୍ ନେଇପାରିବେ। ତେବେ ଏହି ନୋଟଗୁଡ଼ିକ ୨୦୧୬ ନଭେମ୍ବର ୯ କିମ୍ବା ତା'ପରେ ଜାରି ହୋଇଥିବା ଆବଶ୍ୟକ। ନେପାଳର କେନ୍ଦ୍ରୀୟ ବ୍ୟାଙ୍କ ''ନେପାଳ ରାଷ୍ଟ୍ର ବ୍ୟାଙ୍କ'' (ଏନଆରପି) ଏକ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛି। ଏଥିସହ ୨୦୧୬ ନଭେମ୍ବର ୯ ପୂର୍ବରୁ ଜାରି ହୋଇଥିବା ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟବହାର ଉପରେ ପୂର୍ବଭଳି କଟକଣା ବଳବତ୍ତର ରହିବ ବୋଲି ସ୍ପଷ୍ଟ କରାଯାଇଛି। ବ୍ୟାଙ୍କର ପ୍ରବକ୍ତା ଗୁରୁ ପ୍ରସାଦ ପାଉଡେଲଙ୍କ କହିବା ଅନୁଯାୟୀ, ନେପାଳୀ ନାଗରିକମାନେ କେବଳ ଭାରତରୁ ନେପାଳକୁ ଭାରତୀୟ ମୁଦ୍ରା ଆଣିପାରିବେ ଏବଂ ନେପାଳରୁ କେବଳ ଭାରତକୁ ଏହି ଟଙ୍କା ନେଇପାରିବେ।

## ଦାୟିତ୍ୱ ନେଲେ ପ୍ରହ୍ଲାଦ ଯୋଶୀ



ନୂଆଦିଲ୍ଲୀ, ୨୬/୭: କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ଶିକ୍ଷା ମନ୍ତ୍ରାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରାଳୟର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ଏହାର ଦିନକ ପରେ ଯୋଶୀ ଆଜି କର୍ତ୍ତବ୍ୟ ଭବନରେ ଔପଚାରିକ ଭାବେ ଶିକ୍ଷା ମନ୍ତ୍ରାଳୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମଧ୍ୟ ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରାଳୟ ଦାୟିତ୍ୱରେ ରହିଛନ୍ତି। ଦାୟିତ୍ୱ ଗ୍ରହଣ କରିବାପରେ ଯୋଶୀ ଆଜି ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରମୁଖ ଯୋଜନା ଓ ପଦକ୍ଷେପର କାର୍ଯ୍ୟକାରିତାର ସମୀକ୍ଷା ପାଇଁ ଏକ ବୈଠକର ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ମଧ୍ୟ ଉଚ୍ଚଶିକ୍ଷା ସଚିବ ଡ ବିନୀତ ଜୋଶୀ, ଗଣଶିକ୍ଷା ଓ ସାକ୍ଷରତା ସଚିବ ଟିକେ ଅନିଲ କୁମାରଙ୍କ ସମେତ ମନ୍ତ୍ରାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ। ଦାୟିତ୍ୱ ଗ୍ରହଣ କରିବାପରେ ଯୋଶୀ ସାମ୍ବାଦିକମାନଙ୍କୁ କହିଛନ୍ତି।

## ସମାଜବାଦୀ ପାର୍ଟି ସହ ମେଣ୍ଟ ଚାହାନ୍ତି ଅୱେସି

ନୂଆଦିଲ୍ଲୀ, ୨୬/୭: ୨୦୨୭ ଉତରପ୍ରଦେଶ ବିଧାନସଭା ନିର୍ବାଚନରେ ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଅୱେସି ଇଣ୍ଡି ମେଂଟ ଏବଂ ବିଶେଷ କରି ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ସହ ମେଂଟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ମୋରାଦାବାଦରେ ଏକ ରାଲି ସମୟରେ ହାଇଦ୍ରାବାଦ ଲୋକସଭା ସାଂସଦ କହିଛନ୍ତି, ସେ ସମାଜବାଦୀ ପାର୍ଟି ସହ ମେଂଟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅୱେସି କହିଛନ୍ତି, ଉତରପ୍ରଦେଶରେ ବିଜେପି ଲଗାତାର ତୃତୀୟ ଥର ପାଇଁ କ୍ଷମତାକୁ ଆସୁ ବୋଲି ସେ ଚାହାନ୍ତିନି। ସେଥିପାଇଁ ସେ ସମାଜବାଦୀ ପାର୍ଟି ସହ ମେଣ୍ଟ କରିବାକୁ ଚାହିଛନ୍ତି। କିନ୍ତୁ ଏଆଇଏମ୍ଆଇଏମ୍ ସହ ମେଂଟ କରିବା ଅଖିଳେଶଙ୍କ ପାଇଁ ସହଜ ହେବ ନାହିଁ। କାରଣ ଏହି ପଦକ୍ଷେପ ଉତରପ୍ରଦେଶରେ ଅୱେସିଙ୍କ ଦଳକୁ କେବଳ ଅଧିକ ମଜବୁତ କରିବ। ତେବେ ଅୱେସି କହିଛନ୍ତି, ମୁଁ ଏହା ପୂର୍ବରୁ କହିଥିଲି ଏବଂ ଆଜି ପୁଣିଥରେ କହୁଛି। ଉତ୍ତରପ୍ରଦେଶରେ ବିଜେପି ସରକାର ଗଠନ କରିବା ପାଇଁ ଆମେ ଚାହୁଁନୁ। ଆମେ ହାତ ବଢ଼ାଇବା ପାଇଁ ଏବଂ ମେଂଟ କରିବା ପାଇଁ ରାଜି ଅଛୁ। ଏବେ କଥାବାର୍ତା କରିବାର ସମୟ ଆସିଛି। ନିର୍ବାଚନ ପରେ କାନ୍ଦ ନାହିଁ।

### ||||||||||||| ଫ୍ରାନ୍ସର ଭୟଙ୍କର ଜଙ୍ଗଲ ନିଆ |||||||||||||

## ୨.୨୦ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର

ପ୍ୟାରିସ, ୨୬/୭: ଦକ୍ଷିଣ-ପଶ୍ଚିମ ଫ୍ରାନ୍ସରେ ଲାଗିଥିବା ଭୟଙ୍କର ଜଙ୍ଗଲ ନିଆଁ ଯୋଗୁଁ ପରିସ୍ଥିତି ଆହୁରି ଗମ୍ଭୀର ହୋଇଛି। ଫ୍ରାନ୍ସ ସରକାରଙ୍କ ସୂଚନା ଅନୁସାରେ, ବୋର୍ଦୋ ସହର ନିକଟବର୍ତୀ ଅଂଚଳରୁ ଏବେ ସୁଦ୍ଧା ୨ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ନିଆଁ ବେଗରେ ବ୍ୟାପୁଥିବାରୁ ବୋର୍ଦୋ ଆଖପାଖର ଗ୍ରାମଗୁଡ଼ିକରୁ ରବିବାର ରାତିରେ ଆହୁରି ୫୦ ହଜାରରୁ ଅଧିକ ଲୋକଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ପବନ ଓ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିଆଁ ଅନିୟନ୍ତ୍ରିତ ଭାବେ ବ୍ୟାପୁଛି। ଏହା ଯୋଗୁଁ ବୋର୍ଦୋରୁ ସ୍ପେନ୍ ସୀମା ପର୍ଯ୍ୟନ୍ତ ଯାଇଥିବା ପ୍ରମୁଖ ଏ-୬୩ ଜାତୀୟ ରାଜପଥର ପ୍ରାୟ ୬୦ କିଲୋମିଟର ଅଂଶ ବନ୍ଦ କରାଯାଇଛି। ସେହିପରି ବୋର୍ଦୋର ଦକ୍ଷିଣ ଅଂଚଳକୁ ଯାଉଥିବା ରେଳ ଚଳାଚଳ ମଧ୍ୟ ସାମୟିକ ଭାବେ ବନ୍ଦ ରହିଛି। ଫ୍ରାନ୍ସର ଗୃହମନ୍ତ୍ରୀ ଲରେଂଟ ନୁନେଜ୍ କହିଛନ୍ତି, ଏହି ନିଆଁକୁ ନିୟନ୍ତ୍ରଣକୁ ଆଣିବାକୁ ବହୁତ ସମୟ ଲାଗିବ।

## ଛାତ୍ରମାନଙ୍କୁ ପିଟିବାକୁ ନିର୍ଦ୍ଦେଶ ଦେଇଥିଲା କିଏ: ରାହୁଲ

ନୂଆଦିଲ୍ଲୀ, ୨୬/୭: ଜନ୍ତରମନ୍ତରରେ ପ୍ରତିବାଦ କରୁଥିବା ଛାତ୍ରଙ୍କ ଉପରେ ପେଲେଟ୍ ଗନ୍ କିଏ ଅନୁମତି ଦେଇଥିଲା ବୋଲି ପଚାରି ରାହୁଲ ଗାନ୍ଧୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ଛାତ୍ରମାନଙ୍କୁ ପିଟିବାକୁ କିଏ ନିର୍ଦ୍ଦେଶ ଦେଇଥିଲା? ରାହୁଲ ଗାନ୍ଧୀ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି ଦୁଇଟି ପ୍ରଶ୍ନ ପଚାରିଛନ୍ତି। ଜୁଲାଇ ୨୦ ତାରିଖରେ ଦିଲ୍ଲୀର ଜନ୍ତରମନ୍ତରରୁ ସଂସଦ ମାର୍ଚ୍ଚ ସମୟରେ ଛାତ୍ରମାନଙ୍କ ଉପରେ ହୋଇଥିବା ଲାଠିଚାର୍ଜ ଏବଂ ଲୁହ ବୁହା ଗ୍ୟାସ୍ ପ୍ରୟୋଗ ପାଇଁ ରାହୁଲ ଗାନ୍ଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ରବିବାର ସେ ଆନୁଷ୍ଠାନିକ ଭାବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଅନେକ ପ୍ରଶ୍ନର ଉତ୍ତର ଦାବି କରିଛନ୍ତି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି,ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ଉପରେ ହୋଇଥିବା ନୃଶଂସ ଆକ୍ରମଣର ଜବାବ ଦାବି କରିବା ପାଇଁ ମୁଁ ଏହି ଚିଠି ଲେଖୁଛି। ସେ ଲେଖିଛନ୍ତି, ଆମର ଛାତ୍ରମାନେ ଏକ ନିରପେକ୍ଷ ଏବଂ ଉତ୍ତରଦାୟୀ ଶିକ୍ଷା ବ୍ୟବସ୍ଥା ଦାବି କରୁଥିଲେ। ସେମାନଙ୍କ କଥା ଶୁଣିବା ପରିବର୍ତ୍ତେ, ସୁରକ୍ଷା ବାହିନୀ ମାରାତ୍ମକ ଅସ୍ତ୍ର ଏବଂ ଲୁହବୁହା ଗ୍ୟାସ୍ ଭଳି ଘାତକ ଶକ୍ତି ବ୍ୟବହାର କରି ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଅମିତ ଶାହଙ୍କୁ ଲେଖିଥିବା ଚିଠିରେ ରାହୁଲ ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ ପୁଲିସ ଏବଂ ସୁରକ୍ଷା ବାହିନୀଙ୍କ ଲାଠିଚାର୍ଜରେ ଶହ ଶହ ଛାତ୍ର ଗୁରୁତର ଆହତ ହୋଇଛନ୍ତି।

## ପିଓକେ ଛଡ଼ା ପାକିସ୍ତାନ ସହ ଅନ୍ୟ କୌଣସି ବିଷୟରେ କଥାବାର୍ତ୍ତା ହେବନାହିଁ: ରାଜନାଥ



ନୂଆଦିଲ୍ଲୀ, ୨୬/୭: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ସ୍ପଷ୍ଟ କରିଛନ୍ତି ଯେ, ଭାରତ ପିଓକେ (ପାକିସ୍ତାନ-ଅଧିକୃତ କାଶ୍ମୀର) ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗରେ ପାକିସ୍ତାନ ସହ କଥାବାର୍ତା କରିବନାହିଁ। ରାଜନାଥ କହିଛନ୍ତି, ପିଓକେ ହେଉଛି ଭାରତର ଅବିଚ୍ଛେଦ୍ୟ ଅଂଶ ଏବଂ ଏହା ଏବେ ବେଆଇନ ଭାବେ ପାକିସ୍ତାନ ଅଧୀନରେ ରହିଛି। ଦ୍ରାସ୍‌ରେ କାର୍ଗିଲ ଯୁଦ୍ଧ ସ୍ମାରକସ୍ଥଳରେ କାର୍ଗିଲ ବିଜୟ ଦିବସ ସ୍ମୃତି ସମାରୋହ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜନାଥ କହିଛନ୍ତି, ପାକିସ୍ତାନ ଆତଙ୍କବାଦକୁ ଏହାର ରାଷ୍ଟ୍ରନୀତି କରିଛି। ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଏବଂ ଏହା ସମର୍ଥନ କରୁଥିବା ଆତଙ୍କବାଦୀ ଗୋଷ୍ଠୀ ମଧ୍ୟରେ ଖୁବ୍‌କମ୍ ତଫାତ୍ ରହିଛି। ରାଜନାଥ ଚେତାବନୀ ଦେଇଛନ୍ତି ଯେ, ଭାରତର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିବାପାଇଁ ଯେକୌଣସି ଉଦ୍ୟମ ବିରୋଧରେ ଭାରତୀୟ ସେନା କଡ଼ା ଜବାବ ଦେବ। 'ଅପରେସନ୍ ସିନ୍ଦୂର' ସଂକ୍ରାନ୍ତରେ ରାଜନାଥ କହିଛନ୍ତି, ଭାରତୀୟ ସେନା ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକମାନଙ୍କୁ କଡ଼ା ଜବାବ ଦେଇଛି। ଏହି ଅଭିଯାନ ଭାରତର ପ୍ରସ୍ତୁତି ଓ ଯେକୌଣସି ଆକ୍ରମଣର ଦୃଢ଼ ଜବାବ ଦେବାର କ୍ଷମତାକୁ ପ୍ରଦର୍ଶନ କରିଛି ବୋଲି ସେ କହିଛନ୍ତି। ୧୯୯୯ ମସିହାର କାର୍ଗିଲ ଯୁଦ୍ଧରେ ବଳିଦାନ ଦେଇଥିବା ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ରାଜନାଥ କହିଛନ୍ତି, କାର୍ଗିଲ ବିଜୟ କେବଳ ଏକ ସାମରିକ ଓ କୂଟନୈତିକ ସଫଳତା ନୁହେଁ, ଏହା ଭାରତୀୟ ସଶସ୍ତ୍ର ବାହିନୀର ସାହସ, ଦୃଢ଼ ସଙ୍କଳ୍ପ ଓ ବଳିଦାନର ଏକ ଚିରସ୍ଥାୟୀ ପ୍ରତୀକ।

## ନିର୍ବାଚନ ଲଢ଼ିବାର ସର୍ବନିମ୍ନ ବୟସ ୨୧ କରିବାକୁ ରେବନ୍ତ ରେଡ୍ଡୀଙ୍କ ପ୍ରସ୍ତାବ



ହାଇଦ୍ରାବାଦ, ୨୬/୭: ବିଧାନସଭା ଓ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ବର୍ତ୍ତମାନର ସର୍ବନିମ୍ନ ବୟସସୀମା ୨୫ ପରିବର୍ତ୍ତେ ୨୧ ବର୍ଷ କରିବାକୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ ପ୍ରସ୍ତାବ ଦେଇଛନ୍ତି। ଶନିବାର ହାଇଦ୍ରାବାଦରେ ଜେନ୍-ଜି ଯୁବକମାନଙ୍କ ସମର୍ଥନରେ ଆୟୋଜିତ ଏକ କ୍ୟାଣ୍ଡେଲ୍ ମାର୍ଚ୍ଚରେ ଯୋଗଦେଇ ସେ କହିଛନ୍ତି ଯେ, ଅଗଷ୍ଟ ପ୍ରଥମ ସପ୍ତାହରେ ରାଜ୍ୟ ବିଧାନସଭା ଓ ବିଧାନ ପରିଷଦର ସ୍ୱତନ୍ତ୍ର ଅଧିବେଶନ ଡକାଯିବ। ସେଥିରେ ବୟସସୀମା ୨୧ ବର୍ଷକୁ ହ୍ରାସ କରିବା ସମ୍ପର୍କିତ ପ୍ରସ୍ତାବ ପାରିତ କରାଯାଇ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯିବ। ରେବନ୍ତ କହିଛନ୍ତି, ଦେଶର ପ୍ରାୟ ୩୦ ପ୍ରତିଶତ ଜନସଂଖ୍ୟା ଜେନ୍-ଜି ପିଢ଼ିର ହୋଇଥିଲେ ମଧ୍ୟ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ୧ ପ୍ରତିଶତରୁ ମଧ୍ୟ କମ୍। ତେଣୁ ଯୁବପିଢ଼ିକୁ ଆଇନ ପ୍ରଣୟନ ଓ ଦେଶ ପରିଚାଳନାରେ ଅଧିକ ସୁଯୋଗ ଦେବା ଆବଶ୍ୟକ। ତାଙ୍କ ମତରେ, ଦେଶର ଭବିଷ୍ୟତ ଯୁବପିଢ଼ିଙ୍କ ହାତରେ ରହିଛି ଏବଂ ସେମାନଙ୍କୁ ରାଜନୀତିରେ ଶୀଘ୍ର ପ୍ରବେଶର ସୁଯୋଗ ମିଳିବା ଉଚିତ। ନିଜ ପ୍ରସ୍ତାବକୁ ସମର୍ଥନ କରି ସେ କହିଛନ୍ତି, ୨୧ ବର୍ଷ ବୟସର ଯୁବକ କିମ୍ବା ଯୁବତୀ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ଅଧିକାରୀ ହୋଇପାରୁଛନ୍ତି। ସ୍ଥାନୀୟ ସ୍ୱାୟତ ସଂସ୍ଥା ନିର୍ବାଚନ ଲଢ଼ିପାରୁଛନ୍ତି।

## ଇରାନୀ ଜାହାଜ ଉପରେ ଆକ୍ରମଣ କଲା ୟୁକ୍ରେନ



ତେହେରାନ, ୨୬/୭: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଉ କେବଳ ସ୍ଥଳ ସୀମାରେ ସୀମିତ ନାହିଁ। ୟୁକ୍ରେନ ପ୍ରଥମ ଥର ପାଇଁ କାସ୍ପିଆନ ସାଗରରେ ଏକ ଇରାନୀ ଜାହାଜକୁ ଟାର୍ଗେଟ କରି ବିବାଦକୁ ଏକ ନୂତନ ମୋଡ଼ ଦେଇଛି। ରିପୋର୍ଟ ଅନୁସାରେ, ଜାହାଜଟି ରୁଷ ପାଇଁ ସାମରିକ ମାଲ ପରିବହନ କରୁଥିଲା ବୋଲି ଜଣାପଡିଛି। ଏହି ଆକ୍ରମଣ ଇରାନ ଏବଂ ୟୁକ୍ରେନ ମଧ୍ୟରେ କୂଟନୈତିକ ଉତ୍ତେଜନାକୁ ବୃଦ୍ଧି କରିଛି, ତେହେରାନ ଏହି କାର୍ଯ୍ୟକୁ ଖୋଲା ଆକ୍ରମଣ ବୋଲି କହିଛି।ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରି ଯୁଦ୍ଧର ନିଆଁରେ ୟୁକ୍ରେନ ଘିଅ ଢାଳୁଛି ବୋଲି କହି ଯୁଦ୍ଧ ବ୍ୟାପିବା ନେଇ ଚେତାବନୀ ଦେଇଛି। ତେହେରାନରେ ଅବସ୍ଥାପିତ ୟୁକ୍ରେନର ଚାର୍ଜ ଡି'ଆଫେୟର୍ସଙ୍କୁ ଏନେଇ ପ୍ରତିବାଦ ଜଣାଇବା ପାଇଁ ସମନ ଜାରି କରାଯାଇଛି। ଇରାନୀ ଅଧିକାରୀମାନେ କହିଛନ୍ତି, ୟୁକ୍ରେନ ଏବଂ ଏହାର ଉସୁକାଉଥିବା ସହଯୋଗୀମାନେ ଏହି ଦୁଃସାହସିକ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଦାୟୀ। ଆକ୍ରମଣରେ ଜାହାଜର କ୍ଷୟକ୍ଷତିର ପରିମାଣ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ବଢୁଥିବା ବିଶ୍ୱ ସଙ୍କଟ ମଧ୍ୟରେ ଏହି ଘଟଣା ଚିନ୍ତା ସୃଷ୍ଟି କରିଛି।

## କେନ୍ଦ୍ର ସରକାରଙ୍କୁ ଘେରିଲା କଂଗ୍ରେସ

ନୂଆଦିଲ୍ଲୀ, ୨୬/୭: ଦେଶରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଶିକ୍ଷା ଖର୍ଚ୍ଚକୁ ନେଇ ରବିବାର କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି କଂଗ୍ରେସ। ପରିବାରଗୁଡ଼ିକର ଘରୋଇ ଖର୍ଚ୍ଚ ସମ୍ପର୍କିତ ତଥ୍ୟକୁ ଆଧାର କରି ଦଳ କହିଛି ଯେ, ଶିକ୍ଷା କ୍ଷେତ୍ରରେ ସୁବିଧା ଓ ଆର୍ଥିକ ବୋଝକୁ କମ୍ କରିବା ପାଇଁ ଯୁବପିଢ଼ି ଏବଂ ସେମାନଙ୍କ ଅଭିଭାବକମାନେ ତୁରନ୍ତ ପଦକ୍ଷେପ ଦାବି କରୁଛନ୍ତି।କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ, ନିକଟରେ ଜନ୍ତରମନ୍ତର ଓ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ବିକ୍ଷୋଭ କେବଳ ପରୀକ୍ଷା ପ୍ରଣାଳୀର ଅନିୟମିତତା ପାଇଁ ନୁହେଁ, ବରଂ ଏହା ପଛରେ ଛାତ୍ରଛାତ୍ରୀ ଓ ପରିବାର ଉପରେ ପଡୁଥିବା ବ୍ୟାପକ ଆର୍ଥିକ ଚାପ ଅନ୍ୟତମ ମୁଖ୍ୟ କାରଣ। 'ସେଂଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି'ର ୨୦୧୪-୧୫ ରୁ ୨୦୨୫-୨୬ ବର୍ଷର ତଥ୍ୟ ଆଧାରରେ ରମେଶ ଦର୍ଶାଇଛନ୍ତି ଯେ, ଲୋକଙ୍କ ଆୟ ବୃଦ୍ଧି ତୁଳନାରେ ଶିକ୍ଷା ଖର୍ଚ୍ଚ ଅତ୍ୟଧିକ ବୃଦ୍ଧି ପାଇଛି। ବିଗତ ଦଶନ୍ଧି ମଧ୍ୟରେ ସ୍କୁଲ୍-କଲେଜ୍ ଫି, ପ୍ରାଇଭେଟ୍ ଟ୍ୟୁସନ୍, ପାଠ୍ୟପୁସ୍ତକ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ବାବଦକୁ ପରିବାରଗୁଡ଼ିକୁ ନିଜ ରୋଜଗାରର ଏକ ବଡ଼ ଅଂଶ ଖର୍ଚ୍ଚ କରିବାକୁ ପଡୁଛି।

# ଜାହାଜ ବୁଡ଼ିଲା, ୨୩ ନିଖୋଜ



ବେଜିଂ, ୨୬/୭: ଦକ୍ଷିଣ ଚୀନ୍ ସାଗରରେ ଏକ ଭିଏତନାମୀ ମାଲବାହୀ ଜାହାଜ ବୁଡ଼ିଯିବା ପରେ ୨୩ ଜଣ ନିଖୋଜ ଥିବାବେଳେ ୩୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଚୀନ୍‌ର ସରକାରୀ ଗଣମାଧ୍ୟମ ସିସିଟିଭି ଓ ସିନ୍‌ହୁଆ ଏହି ସୂଚନା ଦେଇଛନ୍ତି। ନିଖୋଜ ନାବିକମାନଙ୍କ ସନ୍ଧାନ ପାଇଁ ଚୀନ୍ ଓ ଭିଏତନାମର ଉଦ୍ଧାରକାରୀ ଦଳ ମିଳିତ ଭାବେ ଅଭିଯାନ ଜାରି ରଖିଛନ୍ତି।'ଖୋଇ ନୁଗୁଏନ୍-୧୮' ନାମକ ଭିଏତନାମରେ ପଞ୍ଜୀକୃତ ଏହି ମାଲବାହୀ ଜାହାଜରେ ମୋଟ ୬୨ ଜଣ ଥିଲେ। ଶନିବାର ସନ୍ଧ୍ୟାରେ ଦକ୍ଷିଣ ଚୀନ୍ ସାଗରର ୟୋଙ୍ଗସୁ ରିଫ୍ (ଫାଏରି କ୍ରସ୍ ରିଫ୍) ନିକଟରେ ଜାହାଜଟି ବିପଦରେ ପଡ଼ିଥିଲା। ସ୍ଥାନୀୟ ସମୟ ସନ୍ଧ୍ୟା ପ୍ରାୟ ୬ଟା ୨୩ ମିନିଟ୍‌ରେ ଚୀନ୍‌ର ଉଦ୍ଧାରକାରୀ ଜାହାଜ 'ନାନ୍‌ହାଇ ଜିଉ-୧୧୫' ପ୍ରଥମେ ଜାହାଜରୁ ପଠାଯାଇଥିବା ବିପଦ ସଙ୍କେତ ଚିହ୍ନଟ କରିଥିଲା। ଏହାପରେ ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଉଦ୍ଧାର କାର୍ଯ୍ୟରେ ଚୀନ୍‌ର ୬ଟି ଜାହାଜ, ଗୋଟିଏ ଉଦ୍ଧାରକାରୀ ହେଲିକପ୍ଟର ଓ ଭିଏତନାମର ଗୋଟିଏ ଜାହାଜ ନିୟୋଜିତ ହୋଇଛି। ପ୍ରଥମେ ୩୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପରେ ହେଲିକପ୍ଟର ସହାୟତାରେ ଆଉ ଦୁଇ ଜଣଙ୍କୁ ଜୀବିତ ଉଦ୍ଧାର କରାଯିବା ପରେ ମୋଟ ଉଦ୍ଧାର ସଂଖ୍ୟା ୩୯ରେ ପହଞ୍ଚିଥିଲା। ପରବର୍ତୀ ସମୟରେ ଭିଏତନାମ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ରବିବାର ମଧ୍ୟାହ୍ନ ସୁଦ୍ଧା ଜୀବିତ ଉଦ୍ଧାର ହୋଇଥିବା ଲୋକଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ତଥାପି ଅନ୍ୟ ନିଖୋଜଙ୍କ ସନ୍ଧାନ ଜାରି ରହିଛି। ପ୍ରାୟ ୭୦ ମିଟର ଲମ୍ବ ବିଶିଷ୍ଟ ଏହି ଜାହାଜ କେଉଁ କାରଣରୁ ବୁଡ଼ିଗଲା, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ପଷ୍ଟୀକରଣ ମିଳିନାହିଁ। ଘଟଣାସ୍ଥଳ ସ୍ପ୍ରାଟଲି ଦ୍ୱୀପପୁଞ୍ଜ ନିକଟରେ ଥିବାରୁ ଏହା ଏକ ସମ୍ବେଦନଶୀଳ ସାମୁଦ୍ରିକ ଅଂଚଳ।

# ଇରାନ ଉପରେ ଆକ୍ରମଣ ବନ୍ଦ କଲା ଆମେରିକା



ୱାସିଂଟନ, ୨୬।୭: ଲଗାତାର ୧୩ ଦିନର ଆକ୍ରମଣ ପରେ ଆମେରିକା ଏବେ ଇରାନ ଉପରେ ଆକ୍ରମଣ ବନ୍ଦ କରିଦେଇଛି। ଏହି ବଡ଼ ପଦକ୍ଷେପ ବର୍ତ୍ତମାନର ଯୁଦ୍ଧରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭବିଷ୍ୟତ ରଣନୀତି ବିଷୟରେ ଅନେକ ନୂଆ ପ୍ରଶ୍ନ ଉଠାଇଛି। ୟେମେନରେ ଥିବା ଇସଲାମିକ ଗୋଷ୍ଠୀ ହୁତିମାନେ ସମ୍ପ୍ରତି ସାଉଦି ଆରବ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଥିଲେ। ଏହି ଆକ୍ରମଣ ପରେ ଇରାନ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ଆମେରିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ବଡ଼ ନିଷ୍ପତ୍ତି ନେଇଛି।ଏହି ସମୟରେ, ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ଜେନେରାଲ ଡାନ୍ କେନ୍ ଇରାନ ସହିତ ବଢୁଥିବା ଉତ୍ତେଜନା ବିଷୟରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ। ମାତ୍ର ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ବୈଠକରେ ଇରାନ ଉପରେ ଏକ ବଡ଼ ଆକ୍ରମଣ ଜାରି ରଖିବାକୁ ସ୍ଥିର କରିଥିଲେ। ଟ୍ରମ୍ପ କିଛି ଦିନ ଧରି ଇରାନ ଉପରେ ଏହି ସାମରିକ ଆକ୍ରମଣକୁ ବନ୍ଦ କରିବାକୁ ଅନିଚ୍ଛୁକ ଥିଲେ। ତେବେ ଜେ.ଡି. ଭାନ୍ସ ତାଙ୍କ ପ୍ରୟାସ ମାଧ୍ୟମରେ ଏହି ବିନାଶକାରୀ ଆକ୍ରମଣକୁ ରୋକିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୁହାଯାଉଛି। ୟେମେନର ହୁତି ଗୋଷ୍ଠୀ ଦ୍ୱାରା ଆକ୍ରମଣ ଏବଂ ଅସ୍ତ୍ରଶସ୍ତ୍ରର ଅଭାବର ଆଶଙ୍କା ଦର୍ଶାଇ ଜେଡି ଭାନ୍ସ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଟକାଇଛନ୍ତି। ହ୍ୱାଇଟ୍ ହାଉସରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୁଦ୍ଧ ବିଷୟରେ ଅନେକ ପ୍ରମୁଖ ଚିନ୍ତା ଖୋଲାଖୋଲି ଭାବରେ ପ୍ରକାଶ କରାଯାଇଥିଲା। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଥିଲା ଆମେରିକାର ସାମରିକ ବାହିନୀର କ୍ରମାଗତ ଭାବରେ ଅସ୍ତ୍ରଶସ୍ତ୍ର ଭଣ୍ଡାର ହ୍ରାସ ପାଇବା। ଯୁଗ୍ମ ମୁଖ୍ୟ କର୍ମଚାରୀଙ୍କ ଅଧ୍ୟକ୍ଷ କେନ୍ କେନ୍ ବିଶେଷ ଭାବରେ ଆମେରିକାର ହ୍ରାସ ପାଉଥିବା ଅସ୍ତ୍ରଶସ୍ତ୍ର ଭଣ୍ଡାର ବିଷୟରେ ଚେତାବନୀ ଦେଇଥିଲେ। ସେ ଚେତାବନୀ ଦେଇଥିଲେ ଯେ ଦୀର୍ଘକାଳୀନ ସାମରିକ ଅଭିଯାନ ଆମେରିକାର ଅସ୍ତ୍ରଶସ୍ତ୍ର ଭଣ୍ଡାର ଉପରେ ଏକ ବିନାଶକାରୀ ପ୍ରଭାବ ପକାଇପାରେ। ଏକ ସୂତ୍ର ଅନୁଯାୟୀ, କେନ୍ ଟ୍ରମ୍ପ ଏବଂ ସେନାକୁ କହିଥିଲେ ଯେ ସେମାନେ ସେମାନଙ୍କର ସମସ୍ତ ବିକଳ୍ପ ବ୍ୟବହାର କରିପାରିବେ। କିନ୍ତୁ ସେ ଟ୍ରମ୍ପ ପ୍ରଶାସନକୁ ସମ୍ଭାବ୍ୟ ଏବଂ ଭୟଙ୍କର ପରିଣାମ ବିଷୟରେ ସ୍ପଷ୍ଟ ଭାବରେ ଚେତାବନୀ ମଧ୍ୟ ଦେଇଥିଲେ। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ମଧ୍ୟ କେନ୍ ଏବଂ ଅନ୍ୟ ବରିଷ୍ଠ ସାମରିକ ନେତାମାନେ ଅସ୍ତ୍ରଶସ୍ତ୍ର ଅଭାବ ସମ୍ପର୍କରେ ଜାଣି ପାରିଥିଲେ। ତେଣୁ, ସେମାନେ ଯୁଦ୍ଧକୁ ଦୀର୍ଘ କରିବା ବିରୋଧରେ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିଲେ। ହ୍ୱାଇଟ୍ ହାଉସ ଯୋଗାଯୋଗ ନିର୍ଦ୍ଦେଶକ ଷ୍ଟିଭେନ୍ ଚେଙ୍ଗ୍ ଏହି ପ୍ରସଙ୍ଗରେ ଆନୁଷ୍ଠାନିକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଜାରି କରିଛନ୍ତି।

# ସ୍ୱାମୀର ଦଶାହ କର୍ମରେ ସ୍ତ୍ରୀ ଆକ୍ରମଣ ଅଭିଯୋଗ




ଜଗତସିଂହପୁର: ବହୁ ଚର୍ଚ୍ଚିତ ଇଞ୍ଜିନିୟର ରଶ୍ମିରଞ୍ଜନ ସେଠୀ ସନ୍ଦେହ ଜନକ ମୃତ୍ୟୁ ଘଟଣାକୁ ପୂରିଛି ୧୧ ଦିନ। ଆଜି ପର୍ଯ୍ୟନ୍ତ ହତ୍ୟାର ସଠିକ କାରଣ ଓ ଏହା ହତ୍ୟା ନା ଆତ୍ମହତ୍ୟା ଜଣା ପଡ଼ିନି। କିନ୍ତୁ ଶନିବାର ଆଉ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ମୃତ ରଶ୍ମିରଞ୍ଜନଙ୍କର ନିଜ ଗାଁରେ ଦଶାହ କାର୍ଯ୍ୟ ଚାଲିଥିବା ବେଳେ ତାଙ୍କର ସ୍ତ୍ରୀ, ବାପଘର ଲୋକ ଓ କିଛି ଗୁଣ୍ଡାଙ୍କ ସହ ସେଠାରେ ପହଞ୍ଚି ଶାଶୁ ଓ ଅନ୍ୟମାନଙ୍କୁ ଆକ୍ରମଣ କରିଥିବାର ସଦର ଥାନାରେ ଅଭିଯୋଗ ହୋଇଛି । ଏଥି ସହିତ ରଶ୍ମିରଞ୍ଜନଙ୍କର ସ୍ତ୍ରୀ ମଧ ଆଉ ଏକ ପାଲଟା ଅଭିଯୋଗ କରିଛନ୍ତି । ପୋଲିସ ଉଭୟ ପକ୍ଷଙ୍କ ଏତାଲା ଗ୍ରହଣ କରି ତଦନ୍ତ ଚଳାଇଛି । ସୂଚନାନୁସାରେ, ଇଞ୍ଜିନିୟର ରଶ୍ମିରଞ୍ଜନ ସେଠୀଙ୍କର ୧୦ ଦିନ ତଳେ ମୃତ୍ୟୁ ହୋଇଥିଲା। ସ୍ତ୍ରୀ, ତାଙ୍କ ପ୍ରେମିକ ଅଧିକାରୀ ଓ ପରିବାର ଲୋକ ମିଶି ରଶ୍ମିରଞ୍ଜନଙ୍କୁ ମାରିଥିବା ନେଇ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଆଜିମାବାଦ୍ ଅଞ୍ଚଳର ବିଜୁ ପଟ୍ଟନାୟକ ଆଦର୍ଶ କଲୋନୀରେଏକ ଭଡ଼ା ଘରେ ମୃତକଙ୍କ ସ୍ତ୍ରୀ ରଶ୍ମିରେଖା ଭୂୟାଁ ରହୁଥିଲେ। ଗତ ୧୬ ତାରିଖ ଦିନ ବିଳମ୍ବିତ ରାତିରେ ରଶ୍ମିରଞ୍ଜନ ସେଠୀ ଆତ୍ମହତ୍ୟା କରିଥିବା ନେଇ ମହିଳାଙ୍କ ଭାଇ ପରିବାର ଲୋକଙ୍କୁ ଜଣାଇଥିଲେ। । ସେହିଦିନ ଥିଲା ମୃତକଙ୍କ ସ୍ତ୍ରୀର ଜନ୍ମଦିନ। ଜନ୍ମଦିନ ପାଳିବାକୁ କଟକରୁ ବାଲେଶ୍ୱରରେ ରହୁଥିବା ସ୍ତ୍ରୀଙ୍କ ନିକଟକୁ ଆସିଥିଲେ ରଶ୍ମିରଞ୍ଜନ। ଅଭିଯୋଗ ଅନୁସାରେ ମୃତକଙ୍କ ସ୍ତ୍ରୀ ପୂର୍ବରୁ କରଞ୍ଜିଆରେ ଏନଏଚଏମର ଜେଇ ଭାବରେ ଚାକିରି କରୁଥିବା ବେଳେ ସେଠାକାର ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ସହ ତାଙ୍କର ସମ୍ପର୍କ ଗଢ଼ି ଉଠିଥିବା ରଶ୍ମିଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ପରକୀୟା ପ୍ରୀତି କାରଣରୁ ଗତ ଦୁଇ-ଅଢ଼େଇ ବର୍ଷ ହେବ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ୧୬ ତାରିଖ ଦିନ ମୃତକଙ୍କ ସ୍ତ୍ରୀଙ୍କ ଜନ୍ମଦିନ ଥିବାରୁ ସେ ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ଚାକିରି କରୁଥିବା ସ୍ଥାନ କଟକରୁ ବାଲେଶ୍ୱର ଆସିଥିଲେ। ମାତ୍ର ସେଠାରେ ମହିଳାଙ୍କ ପରିବାର ଏବଂ ସମ୍ପୃକ୍ତ ଆସିଷ୍ଟାଣ୍ଟ ଇଞ୍ଜିନିୟର ମିଶି ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଥିଲେ । ଏହି ଘଟଣାକୁ କିଛିଦିନ ବିତିଯାଇଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଥିବା କହିଛନ୍ତି । ଏବେ ଉଭଉ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିବା ଏତଲା ଦେଇଛନ୍ତି। ଅନ୍ୟପଟେ ପୁଅର ମୃତ୍ୟୁକୁ ନେଇ ମାଆ ଆଖିରୁ ଲୁହ ଶୁଖୁନଥିବା ସହ ପରିବାର ଲୋକେ ମ୍ରିୟମାଣ ହୋଇ ପଡିଛନ୍ତି । ପୋଲିସ ଘଟଣାର ସଠିକ ତଦନ୍ତ କରି ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ଜରୁରୀ ହୋଇ ପଡିଛି।

## ସୁନାବେଶ ଦର୍ଶନ ସାରି ଫେରୁଥିବା ବେଳେ ଭୟଙ୍କର ଦୁର୍ଘଟଣା, ୬ ଗୁରୁତର

ହରଭଙ୍ଗା: ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ସାରି ଫେରୁଥିବା ବେଳେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। କାରକୁ ଧକ୍କା ଦେଲା ତେଲ ଟ୍ୟାଙ୍କର । ରାସ୍ତାରୁ ୧୦ ଫୁଟ ତଳେ ଥିବା ଘାଇରେ ଖସିଲା କାର । ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ କାର ଓ ପେଟ୍ରୋଲ ଟ୍ୟାଙ୍କର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ୬ ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସମସ୍ତଙ୍କୁ ପ୍ରଥମେ ପୁରୁଣା କଟକ ଏବଂ ପରେ ବଲାଙ୍ଗୀର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ବୌଦ୍ଧ ପଟରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ପେଟ୍ରୋଲ ଟ୍ୟାଙ୍କର ସହ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବଲାଙ୍ଗୀର ଫେରୁଥିବା ଏକ କାରକୁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଜୋରରେ ଥିଲା ଯେ, କାରଟି ୧୦ ଫୁଟ ଘାଇ ତଳକୁ ଖସି ପଡିଥିଲା। ଖବର ପାଇ ଆଡନିଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଦୁର୍ଘଟଣା ପରେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ପୋଲିସ ଟ୍ୟାଙ୍କର ଡ୍ରାଇଭରକୁ ଅଟକ ରଖି ପଚରା ଉଚରା କରୁଛି।



### ମଦ ଦୋକାନକୁ ବିରୋଧ କରି ତାତିଲେ ଲୋକେ

## ତାଲା ଭାଙ୍ଗି ଲୁଟିନେଲେ ପେଟି ପେଟି ମଦ



ଯାଜପୁର : ମଦ ଦୋକାନକୁ ବିରୋଧ କରି ତାତିଲେ ଲୋକେ । ତାଲା ଭାଙ୍ଗି ଲୁଟିନେଲେ ପେଟି ପେଟି ମଦ । ଯିଏ ଯେମିତି ପାରିଲା ବୋହିନେଲା । ମଦ ଦୋକାନ ଉଦଘାଟନ ପୂର୍ବରୁ ଦୋକାନ ତାଲା ଭାଙ୍ଗି ନେଇଗଲେ ପେଟି ପେଟି ମଦ। ଏଭଳି ରୋଚକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଚଣ୍ଡିଖୋଲ ନିକଟ କଣ୍ଟିଗଡ଼ିଆ ମୌଜା ଗାନ୍ଧୀ ଛକରେ। ସୂଚନା ଅନୁଯାୟୀ, ଏଠାରେ ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦେଶୀ ମଦ ଦୋକାନ ଖୋଲାଯିବାର ଥିଲା । ମଦ ଦୋକାନ ବିଧିବଧ ଭାବେ ଖୋଲାଯାଇଥାନ୍ତା । କିନ୍ତୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ଆସୁଥିଲେ। ରବିବାର ଲୋକେ ମଦ ଦୋକାନ ଭିତରକୁ ପଶି ଘର ତାଲା ଭାଙ୍ଗି ସେଠାରେ ଥିବା ପେଟି ପେଟି ମଦ ବୋହି ନେଇଥିଲେ। ଯିଏ ଯେତେ ପାରିଲା ମଦ ବୋହି ନେଲା। ଏପରିକି ସେଠାରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗିବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଁଚିଥିଲା । ପୋଲିସ ପହଞ୍ଚିବା ବେଳକୁ ମଦଦୋକାନ ଭିତରୁ ସମସ୍ତ ମଦ ସଫା କରିଦେଇଥିଲେ ଲୋକେ। ପୋଲିସ ସେଠାରେ ଥିବା କିଛି ଲୋକଙ୍କୁ କାବୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ବଜ୍ରପାତରେ ବାପ-ପୁଅ ମୃତ




କାମାକ୍ଷାନଗର : ବଜ୍ରପାତରେ ବାପା, ପୁଅ ମୃତ । ଧାନ ରୋଇବା ବେଳେ ଘଟିଛି ଅଘଟଣ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବାଲିପଡା ଗ୍ରାମର ଦୁଃଖଦ ଘଟଣା। ବିଲରେ ଧାନ ରୋଇବାକୁ ଯାଇଥିବା ବେଳେ ବଜ୍ରପାତରେ ବାପା ପୁଅ ମୃତ । ମୃତକ ଦୁଇଜଣ ହେଲେ ବାଲିପଡା ଗାଁ ସନ୍ତୋଷ ଦେହୁରୀ ଓ ପୁଅ ସତ୍ୟନାରାୟଣ ଦେହୁରୀ । ଆଜି ଦ୍ୱିପହର ସମୟରେ ସନ୍ତୋଷ ଗାଁ ନିକଟରେ ଥିବା ଗୋରଡିଆ ଜମିକୁ ଧାନ ରୋଇବାକୁ ପୁଅ ସତ୍ୟନାରାୟଣକୁ ନେଇ ଯାଇଥିଲେ । ସେଠାରେ ବାପା ଓ ପୁଅ ଧାନ ରୋଇବା ସମୟରେ ହଠାତ ବଜ୍ରପାତ ହୋଇଥିଲା । ଫଳରେ ଉଭୟ ବିଲ ଭିତରେ ଟଳି ପଡ଼ିଥିଲେ । ନିକଟରେ ଥିବା କିଛି ସ୍ଥାନୀୟ ଲୋକ ଏହାଦେଖି ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପରିବାର ଲୋକ ମେଡିକାଲରେ ପହଂଚିଥିବା ବେଳେ ବଜ୍ରପାତରେ ବାପା ଓ ପୁଅ ମୃତ୍ୟୁକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଘରେ ପଶି ଟଙ୍କା ଓ ସୁନା ଲୁଟି ନେଲେ ଲୁଟେରା



କୋଟପାଡ଼: କୋରାପୁଟ ଜିଲ୍ଲା କୋଟପାଡ଼ ସହରରେ ଏକ ବଡ଼ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି। କୋରାପୁଟ କୋଟପାଡ଼ ମିଶନ୍ କମ୍ପାଉଣ୍ଡରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ୍ ହୋଇଛି। କୋଟପାଡ଼ ସହରର ମିଶନ୍ କମ୍ପାଉଣ୍ଡରୁ ୫ଲକ୍ଷ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଲେ ଲୁଟେରା । ରାତିରେ ଲୁଟେରାମାନେ କୋଟପାଡ଼ ମିସନ କମ୍ପାଉଣ୍ଡର ସୁଭମ ସୁବ୍ରତ ନାମକ ଜଣେ ବ୍ୟକ୍ତିଙ୍କ ଘରେ ପଶି ଝରକା ତାଡ଼ି ଆଲମାରୀ ଚାବି ଖୋଲି ସମସ୍ତ ଟଙ୍କା ଓ ସୁନା ଲୁଟି ନେଇଥିବା ଜଣାପଡିଛି । ଖବର ପାଇ କୋଟପାଡ଼ ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ ସନ୍ଦେହ ଥିବା ବ୍ୟକ୍ତିଙ୍କୁ ପଚାରାଉଚରା କରୁଛି । ସୂଚନା ଅନୁସାରେ, ରାତି ସମୟରେ ଲୁଟେରାମାନେ କୋଟପାଡ଼ ମିଶନ କମ୍ପାଉଣ୍ଡରେ ଥିବା ସୁଭମ ସୁବ୍ରତ ନାମକ ଜଣେ ବ୍ୟକ୍ତିଙ୍କ ଘରକୁ ପ୍ରବେଶ କରିଥିଲେ । ଲୁଟେରାମାନେ ଘରର ଝରକା ତାଡ଼ି ଭିତରକୁ ପଶିବା ପରେ ଆଲମାରୀ ଚାବି ଖୋଲିଥିଲେ । ପରେ ଆଲମାରୀରେ ରଖାଯାଇଥିବା ପ୍ରାୟ ୫ ଲକ୍ଷ ଟଙ୍କା ନଗଦ ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ନେଇ ଫେରାର ହୋଇ ଯାଇଥିଲେ । ଏହି ଲୁଟ୍ ଘଟଣା ପରେ ମିଶନ କମ୍ପାଉଣ୍ଡ ଓ ଆଖପାଖ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି । ଖୁବଶୀଘ୍ର ଲୁଟେରାମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତକୁ ଜୋରଦାର କରିଛି ।

## ୬ ଚୋରି ମୋଟର ସାଇକେଲ ଜବତ: ୨ ନାବାଳକ ଲୁଟେରା ଗିରଫ




ହିଞ୍ଜିଳିକାଟୁ(ନିପ୍ର): ଗତ କିଛି ଦିନ ଧରି ହିଞ୍ଜିଳି ଥାନା ଅଞ୍ଚଳରେ ବାଇକ୍ ଲୁଟେରାଙ୍କ ଆତଙ୍କ ସୃଷ୍ଟି ହୋଇଥିଲା। ଘର ସମ୍ମୁଖରେ ଥିବା ମୋଟର ସାଇକେଲଗୁଡିକୁ ଲୁଟେରା ଗୋଷ୍ଠୀ କୌଶଳ କରି ଲୁଟ୍ କରି ଚମ୍ପଟ ମାରିବାରେ ସକ୍ଷମ ହେଉଥିଲେ। ଦିନକୁ ଦିନ ବଢୁଥିବା ବାଇକ୍ ଚୋରି ନେଇ ହିଞ୍ଜିଳି ପୁଲିସର ନିଦ ହଜି ଯାଇଥିଲା। ବାଇକ୍ ଲୁଟେରାଙ୍କୁ କାବୁ କରିବା ପାଇଁ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବାଇକ୍ ଚୋରି ଘଟଣାରେ ହିଞ୍ଜିଳି ପୁଲିସକୁ ମିଳିଛି ସଫଳତା। ୨ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ନାବାଳକ ଲୁଟେରା ମାନେ ହେଲେ ନିମଖଣ୍ଡି ଥାନା ଲୋଚାପଡା ଗ୍ରାମର ମିଥୁନ ସାହୁ ଅରାଜୁ(୧୭) ଓ ଡି. ବିନୟ (୧୬)। ଗିରଫ ଲୁଟେରାଙ୍କ ଠାରୁ ୬ଟି ଚୋରି ମୋଟର ସାଇକେଲ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୫୧୫/୨୬ରେ ଏକ ମାମଲା ରୁଜୁ କରି ଗିରଫ ୨ ଲୁଟେରାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇଙ୍କ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ୨ ଜଣ ଲୁଟେରା ହିଞ୍ଜିଳିକାଟୁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ କେନ୍ଦ୍ର ସମ୍ମୁଖରେ ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଗଡ ଗ୍ରାମର ଶଙ୍କର ଗୌଡଙ୍କ ବାଇକ୍ (ଓଆର୦୫ଓ୍ୱାଇ ୬୧୩୯)ଥିବା ଏକ ମୋଟର ସାଇକେଲକୁ ଲୁଟି ନେଉଥିବା ବେଳେ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ୨ ନାବାଳକ ଲୁଟେରାଙ୍କୁ ପିଛା କରି କାବୁ କରିବାରେ ସକ୍ଷମ ହୋଇଥିଲା। ଜେରା ସମୟରେ ୨ ନାବାଳକ ଲୁଟେରା ବିଭିନ୍ନ ସମୟରେ ୬ଟି ମୋଟର ସାଇକେଲ ଲୁଟି ନେଇ ଫେରାର ହୋଇଯାଇଥିଲେ। ଚୋରି ମୋଟର ସାଇକେଲଗୁଡିକରେ ଅଲଗା ନମ୍ବର ପ୍ଲେଟ୍ ବ୍ୟବହାର କରି ମୋଟର ସାଇକେଲ ଚୋରି ପାଇଁ ସୁଯୋଗ ଖୋଜୁଥିଲେ ବୋଲି ପୁଲିସକୁ କହିଛନ୍ତି। ଚୋରି ୬ଟି ମୋଟର ସାଇକେଲକୁ ଜବତ କରିଛି। ସଂପୃକ୍ତ ୨ ନାବାଳକ ଲୁଟେରା ଅନ୍ୟ କେଉଁ କେଉଁ ବାଇକ୍ ଲୁଟ୍ ଘଟଣାରେ ସଂପୃକ୍ତି ଅଛନ୍ତି କି ନାହିଁ ସେ ନେଇ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ଚଢ଼ାଉରେ ଥାନା ଏସଆଇ ସୁରେଶ କୁମାର ସାହୁ, ରଶ୍ମିରଞ୍ଜନ ସାମଲ, ଧରିତ୍ରୀ ବିଶ୍ୱାଳ, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, ଦଣ୍ଡପାଣି ମଲ୍ଲିକ, କୈଳାସ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।


## ଚୋରି ସାମଗ୍ରୀ ଉଦ୍ଧାର: ନାବାଳକ ଗିରଫ

ଯୋଡ଼ା(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରସ୍ଥିତ ଦିପୁ ହାଟିଂର ଏମଡି ଅଫଜାଲ ହାକଙ୍କ ଘରୁ ଚୋରି ମାମଲାରେ ପୋଲିସ ତଦନ୍ତ କରି ଚୋରି ସାମଗ୍ରୀ ଉଦ୍ଧାର ସହିତ ଏଥିରେ ସଂପୃକ୍ତ ଜଣେ ନାବାଳକକୁ ପୋଲିସ ଧରିବାରେ ସକ୍ଷମ ହୋଇଛି । ପୋଲିସର ସୂଚନା ଅନୁଯାୟୀ, ଗତ ତା ୨୩/୨୪ ବିଳମ୍ବିତ ରାତିରେ ଏମଡି ଅଫଜାଲ ହାକଙ୍କ ଘରେ ପଶି ଆଲମିରାରୁ ସୁନା, ରୂପା ଅଳଙ୍କାର ସହିତ ମୋବାଇଲ ଫୋନ ଚୋରି ହୋଇଥିଲା । ଏ ନେଇ ଯୋଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଏଥିରେ ସଂପୃକ୍ତ ଜଣେ ନାବାଳକକୁ ଧରିବାରେ ସକ୍ଷମ ହୋଇଛି । ତା’ଠାରୁ ଚୋରି ହୋଇଥିବା ଗୋଟିଏ ସୁନା ଚେନ, ୨ ଗୋଟି ସୁନାର କାନ ଫୁଲ, ୨ ଗୋଟି ସୁନା ମୁଦି, ଏକ ଯୋଡା ରୂପାର ପାଉଁଜି ଓ ୩ଗୋଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନକୁ ପୋଲିସ ଜବତ କରିଛି । ଯୋଡା ଥାନାରେ ଏକ ମାମଲା ନଂ ୨୫୧/୨୦୨୬ ଦଫା ୩୩୧ (୪)/୩୦୫(ଏ) ବିଏନ୍ଏସ ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି ।

## ରସିକିଆ ବନପାଳ: ତୃତୀୟ ପ୍ରେମ ପାଇଁ ଜୀବନ ହାରିଲେ ପ୍ରଥମ ପତ୍ନୀ

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ କୁସଙ୍ଗ ବନାଞ୍ଚଳରେ କାର୍ଯ୍ୟ କରୁଥିବା ଜୈନିକ ରସିକିଆ ବନପାଳଙ୍କ ତୃତୀୟ ପ୍ରେମ ପାଇଁ ପ୍ରଥମ ପତ୍ନୀ ଆତ୍ମହତ୍ୟା କରିଥିବାର ସୂଚନା ମିଳିଛି । ବନପାଳ ଜଣଙ୍କ ଦୀର୍ଘବର୍ଷ ତଳେ ଖୋର୍ଦ୍ଧା ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ କରିଥିଲେ। ଉକ୍ତ ମହିଳାଙ୍କର ତିନିଟି ପୁଅ ଝିଅ ରହିଛନ୍ତି। ବନପାଳଙ୍କ ଘର ନୟାଗଡ ପୁରୁଣା ସହର ହୋଇଥିବା ବେଳେ ସେ ଦଶପଲ୍ଲା ଅଞ୍ଚଳରେ ଭଡାରେ ରହୁଥିଲେ। କିଛି ବର୍ଷ ପୂର୍ବେ ବନପାଳ ଜଣଙ୍କ ସତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ରହିଥିବା ସିରିପାଳୁ ଗ୍ରାମର ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମ ଜାଲରେ ଫସାଇଥିଲେ । ଯୁବତୀ ଜଣଙ୍କୁ ବାଧ୍ୟବାଧକତାରେ ବିବାହ ମଧ୍ୟ କରିଛନ୍ତି । ଏହା ମଧ୍ୟରେ ବନପାଳ ବାବୁଙ୍କ ଦୁଇ ବର୍ଷ ହେବ ଜନୈକ ବନରକ୍ଷୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗତ ଦେଢ ବର୍ଷ ତଳେ ଉକ୍ତ ଗଣିଆ ଥାନା ତଥା ଛାମୁଣ୍ଡିଆ ବନାଞ୍ଚଳ ମଳିସାହିରେ ରହିଥିବା ବନରକ୍ଷୀଙ୍କ ସରକାରୀ ବାସଗୃହରେ ବନପାଳ ରାତି ବିତାଉ ଥିବାବେଳେ ପ୍ରଥମ ପତ୍ନୀ ଜାଣିପାରି ବାହାରୁ ତାଲା ପକାଇ ଦେଇଥିଲେ। ଏପରିକି ଗଣିଆ ଥାନା ପୋଲିସକୁ ଖବର ଦେଇଥିଲେ । ପୋଲିସ ବନପାଳ ଓ ବନରକ୍ଷୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ବୁଝାସୁଝା ପରେ ଘଟଣାର ଅବସାନ ଘଟିଥିଲା । କିନ୍ତୁ ବନରକ୍ଷୀଙ୍କ ସହ ବନପାଳ ପ୍ରେମ ସମ୍ପର୍କ ପୂର୍ବଭଳି ନିବିଡ଼ ଅତୁଟ ରହିଥିଲା । ଯାହାକୁ ନେଇ ବନପାଳଙ୍କ ପ୍ରଥମ ପତ୍ନୀ ଓ ପିଲାମାନେ ଅବହେଳିତ ହୋଇ ଆସୁଥିଲେ । ଦୁଇଦିନ ତଳେ ଏହାକୁ ନେଇ ଘଟଣା ଟାଉନ ଥାନା ପୋଲିସ ନିକଟକୁ ଯାଇଥିଲା । ବନପାଳ ଓ ତାଙ୍କ ପ୍ରଥମ ପତ୍ନୀଙ୍କ ଝଗଡା ଥାନାରେ ବୁଝାସୁଝା ହୋଇଥିଲା। ଶନିବାର ପୁରୁଣା ସହରରେ ରହିଥିବା ବାସଗୃହରେ ପ୍ରଥମ ପତ୍ନୀ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ଘଟିଛି। ବନପାଳଙ୍କ ତୃତୀୟ ପ୍ରେମକୁ ନେଇ ପ୍ରଥମ ପତ୍ନୀ ଆତ୍ମହତ୍ୟା କରିଥିବା ଘଟଣା ଏବଂ ଏହା ପଛରେ ରହିଥିବା ଅନେକ ରହସ୍ୟକୁ ନେଇ ବ୍ୟାପକ ଚର୍ଚ୍ଚା ଲାଗି ରହିଛି । ପୋଲିସ ଓ ବନବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ରହିଛି ।

## ଫେରିଲେ ୨୫ ଟିକିଆ ହାତୀପଲ, ଘରଦ୍ୱାର ଭାଙ୍ଗି କଲେ କ୍ଷୟକ୍ଷତି



ଯୋଡା: ମୟୁରଭଞ୍ଜରୁ କେନ୍ଦୁଝର ଜିଲ୍ଲାର ପାଟଣା ରେଞ୍ଜକୁ ଫେରିଛନ୍ତି ୨୫ ଟିକିଆ ହାତୀପଲ। ଭାଙ୍ଗିଲେ ଘରଦ୍ୱାର। ମୟୂରଭଞ୍ଜରୁ କେନ୍ଦୁଝର ଜିଲ୍ଲାର ପାଟଣା ରେଞ୍ଜକୁ ଫେରିଛନ୍ତି ୨୫ ଟିକିଆ ହାତୀପଲ । ବରପଦା ଜଙ୍ଗଲ ମଧ୍ୟରେ ପଶି ଏକ ପୋଖରୀରେ ଦୀର୍ଘ ସମୟଧରି ଜଳକ୍ରୀଡା କରିଥିଲେ। ପରେ ହାତୀପଲ ବର୍ଦ୍ଧନା ଗାଁରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ବନବିଭାଗ ପହଂଚି ହାତୀକୁ ଘଉଡାଇଛନ୍ତି। ହାତୀ ପଲରେ ୯ଟି ଛୁଆ ହାତୀ ଥିବା ବେଳେ ୫ଟି ଦନ୍ତା ଓ ୧୧ ମାଇ ହାତୀ ରହିଛନ୍ତି। ହାତୀପଲଙ୍କୁ ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି ଲୋକେ। ହାତୀପଲ ଆସିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ବରପଦା ଜଙ୍ଗଲ ମଧ୍ୟରେ ପ୍ରବେଶ କରି ହାତୀମାନେ ଏକ ପୋଖରୀରେ ଦୀର୍ଘ ସମୟ ଧରି ଜଳକ୍ରୀଡା କରିଥିଲେ। ସୂଚନା ଅନୁସାରେ, ଏହି ହାତୀପଲରେ ୯ଟି ଛୁଆ ହାତୀ, ୫ଟି ଦନ୍ତା ହାତୀ ଓ ୧୧ଟି ମାଇ ହାତୀ ରହିଛନ୍ତି। ବଡ଼ ସଂଖ୍ୟାରେ ହାତୀ ଗାଁ ନିକଟରେ ଘୁରି ବୁଲୁଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନବିଭାଗ ପକ୍ଷରୁ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଲୋକମାନଙ୍କୁ ସତର୍କ ରହିବା ସହ ହାତୀଙ୍କ ନିକଟକୁ ନଯିବାକୁ ପରାମର୍ଶ ଦିଆଯାଇଛି।

### ପୁଣି ବେଧଡ଼କ ଚାଲିଲା ବାଲି ଚୋରା ଚାଲାଣ

## ଘର ଭିତରକୁ ପଶିଲା ହାଇଓ୍ୱା: ଅଳ୍ପକେ ବର୍ତ୍ତିଲେ ପରିବାର




ଆସିକା(ନିପ୍ର): ପୁଣି ଆସିକା ସୋରଡ଼ା ଅଞ୍ଚଳରେ ଆରମ୍ଭ ହେଲା ରାତାରାତି ବାଲି ଚୋରା ଚାଲାଣ । ଘର ଭିତରକୁ ପଶିଲା ଏକ ବାଲି ବୋଝେଇ ହାଇଓ୍ୱା। ଫଳରେ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ। ଏହିଭଳି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ଆସିକା ନିକଟ ଆର.ଦାମୋଦର ପଲ୍ଲୀ ଗ୍ରାମରେ। ଏଥିରେ କେହି ମୃତାହତ ହୋଇନଥିବା ବେଳେ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଛନ୍ତି। ପ୍ରକାଶ ଥାଉକି ଜି ଦାମୋଦରପଲ୍ଲୀ ଦେଇ ଯାଇଥିବା ୫୯ ନମ୍ବର ଜତୀୟ ରାଜପଥରେ ସୋରଡାର ଏକ ବେଆଇନ ବାଲିଘାଟରୁ ବାଲି ବୋଝେଇ ହୋଇ ରାତାରାତି ୨୨ ଗୋଟି ହାଇଓ୍ୱା ଦ୍ରୁତ ଗତିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଦ୍ରୁତ ଓ ବେପରୁଆ ଗାଡି ଚାଳନା ଯୋଗୁଁ ଓଡ଼ି୦୭ଏଜେଡ୍ ୦୯୪୭ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇଓ୍ୱା ରାତ୍ର ୨ଟା ସମୟରେ ଭାରସ୍ୟାମ ହରାଇ କେ ବାଇରୀ ଆଚାରୀଙ୍କ ଘର ସମ୍ମୁଖରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ପ୍ରଥମେ ଧକ୍କା ଦେଇ ଘର ଭିତରକୁ ପଶିଯାଇଥିଲା। ଏଥିରେ ଗାଡି ଡ୍ରାଇଭର ଗୁରୁତର ହୋଇଥିଲା ବେଳେ ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ଘଟଣାର ତଦନ୍ତ କରି ଗାଡିଟିକୁ ଜବତ କରିଛି । ପ୍ରକାଶ ଥାଉକି ନୂତନ ସରକାର ଆସିବା ପରେ ବାଲି ଚୋରାଚଲାଣକୁ ନେଇ ବିପୁଳ ରାଜସ୍ୱ କ୍ଷତି ଘଟିଛି। ଏଥିପାଇଁ ବାଲି ମାଫିଆମାନଙ୍କୁ ବିରୋଧ କରି ଗ୍ରାମବାସୀଙ୍କ ସହ ମୁହାଁମୁହିଁ, ରାସ୍ତାରୋକ ସାଙ୍ଗକୁ ଅନେକ ବାଲି ମାଫିଆମାନେ ବିରୋଧ କରୁଥିବା ଲୋକଙ୍କୁ ଓ ତହସିଲଦାର, ଖଣି ଅଧିକାରୀମାନଙ୍କୁ ହତ୍ୟା ସାଙ୍ଗକୁ ବାଲି ଗାଡି ମଡ଼ାଇ ଆକ୍ରମଣ କରିବା ଘଟଣା ରାଜ୍ୟର ପ୍ରମୁଖ ଘଟଣା ହୋଇଛି। ଶେଷରେ ନିଜେ ସରକାର ସମସ୍ତ ବାଲି ଚୋରା ଚାଲାଣ ବନ୍ଦ କରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସରକାରୀ ଦଳର ରାଜନେତା ଓ ଦଳୀୟ ଲୋକଙ୍କୁ ଅଧିକ ଅନୁକମ୍ପା ଦେଖାଇ ଟେଣ୍ଡର ନକରି ଅସ୍ଥାୟୀ ଭାବେ ସ୍ଥାନୀୟ ଖଣି ବିଭାଗ ପୋଲିସ, ତହସିଲଦାର ଉପରେ ଚାପ ପକାଇ ପୁଣି ନାମକୁ ମାତ୍ର ଅସ୍ଥାୟୀ ବାଲି ଟେଣ୍ଡର କରି ସେହି ପୁରୁଣା ଦଳୀୟ ବାଲି ମାଫିଆମାନଙ୍କୁ ବେନିୟମ ଭାବେ ବାଲିଘାଟ ପ୍ରଦାନ କରାଯାଇଛି। ସେମାନେ ଏକ ନିର୍ଦ୍ଦିଷ୍ଟ ବାଲିଘାଟରୁ ବାଲି ନ ନେଇ ନଦୀର ବିଭିନ୍ନ ସ୍ଥାନରୁ ଓ୍ୱାୟୀ ଫର୍ମ (ବାଲି ଟିକସ) ନ କାଟି ଚୋରାରେ ରାତି ତମାମ ନଦୀ ଭିତରେ ଏକାଧିକ ବଡ଼ ବଡ଼ ଜେସିବି ମେସିନ ଲଗାଇ ଶହ ଶହ ହାଇଓ୍ୱା ବାଲି ଜିଲ୍ଲାର ବିଭିନ୍ନ ସହର ତଥା ପଡୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟକୁ ବାଲି ଚୋରା ଚାଲାଣ କରୁଛନ୍ତି। ଏଥିରେ ପୋଲିସ, ସବଡ଼ିଭିଜନ ଲଘୁ ଖଣିଜ ଅଧିକାରୀ, ବ୍ଲକ ଲଘୁ ଖଣିଜ ବିଭାଗ ଅଧିକାରୀ, ତହସିଲଦାର, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମିଳିତ ଭାବେ ବାଲି ମାଫିଆଙ୍କୁ ସହଯୋଗରେ ବାଲି ଚୋରାଚାଲାଣ କରୁଥିବା ଅଞ୍ଚଳରେ ଗୁଜବ ହେଉଛି। ଦୀର୍ଘଦିନ ବନ୍ଦ ହେବା ପରେ ପୁଣି ଏହି ବାଲି ଚୋରା ଚାଲାଣ ବିରୋଧରେ କାହିଁକି କଡା ପଦକ୍ଷେପ ନେଉନାହାନ୍ତି ତାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

### ବାଲିଅନ୍ତା ଭିଡ଼ ହତ୍ୟା ମାମଲା

## ସାମ୍ନାକୁ ଆସିଲା ମୃତ ସୌମ୍ୟଙ୍କ ଶେଷ ମେସେଜ୍

କଟକ(ନିପ୍ର): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ହାଜର ହେଲେ ମୃତ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ବାପା ଦୁଶାସନ ସ୍ୱାଇଁ। ୫ ଘଣ୍ଟା ପର୍ଯ୍ୟନ୍ତ ସୌମ୍ୟଙ୍କ ବାପାଙ୍କୁ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚ। ସୌମ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଫୋନକୁ କ୍ରାଇମବ୍ରାଞ୍ଚରେ ଦାଖଲ କଲେ ସୌମ୍ୟଙ୍କ ବାପା। ଫୋନରେ ରହିଛି ମୃତ୍ୟୁ ପୂର୍ବରୁ ନିଲମ୍ବିତ ଏଡିଜି ଦୟାଲ ଗଙ୍ଗଓ୍ୱାରଙ୍କ ସହ ସୌମ୍ୟଙ୍କ ମେସେଜ। ଚାର୍ଜସିଟରେ ସୌମ୍ୟଙ୍କ ମୃତ୍ୟୁ ପଛର ଷଡ଼ଯନ୍ତ୍ର ଓ କାରଣକୁ ସାମ୍ନାକୁ ଅଣାଯାଉ। ଆମକୁ ନ୍ୟାୟ ଦିଆଯାଉ। ବୟାନ ଦେଇଥିବା ଦୁଇ ଯୁବତୀଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯାଉ। ସୌମ୍ୟଙ୍କ ଗାଡ଼ି ଚାବି ରଖିଥିବା ବିରଞ୍ଚିକୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସୌମ୍ୟଙ୍କ ବାପା ଓ ତାଙ୍କର ଜଣେ ସାଙ୍ଗ ଦାବି କରିଛନ୍ତି। ତେବେ ମୋବାଇଲରେ ସୌମ୍ୟ ନିଲମ୍ବିତ ଏଡିଜି ଦୟାଲ ଗଙ୍ଗଓ୍ୱାରଙ୍କୁ କରିଥିବା ମେସେଜ୍‌କୁ କ୍ରାଇମବ୍ରାଞ୍ଚ କିଭଳି ଦୃଷ୍ଟିରେ ନେଉଛି ତାକୁ ନେଇ ତନାଘନା ଆରମ୍ଭ ହୋଇଛି। ଚାର୍ଜସିଟ୍ ପୂର୍ବରୁ ସୌମ୍ୟଙ୍କ ବାପା କ୍ରାଇମବ୍ରାଞ୍ଚରେ ହାଜର ହେବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସୌମ୍ୟଙ୍କର ଆଉ ଏକ ମୋବାଇଲ ଯାହା ସୌମ୍ୟଙ୍କ ମାଙ୍କ ପାଖରେ ରହିଥିଲା ତାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ ସୌମ୍ୟଙ୍କ ବାପା। ମୋବାଇଲରେ ସୌମ୍ୟ ହତ୍ୟାକାଣ୍ଡ ସହ ଜଡ଼ିତ କିଛି ରହସ୍ୟ ରହିଥିବା ସୌମ୍ୟଙ୍କ ବାପା ଦାବି କରିଛନ୍ତି। ସୌମ୍ୟ ଯେଉଁଦିନ ଭିଡ଼ ହିଂସାର ଶିକାର ହୋଇଥିଲା ସେହିଦିନ ସକାଳେ ସେ ନିଲମ୍ବିତ ଆଇପିଏସ୍ ଏଡିଜି ଦୟାଲ ଗଙ୍ଗଓ୍ୱାରଙ୍କୁ ମେସେଜ କରିଛି। ମୋତେ କ୍ଷମା କରିଦେବ। ଆଉ ଏପରି ଭୁଲ କେବେ ହେବ ନାହିଁ ବୋଲି ମେସେଜ ଆଇପିଏସ୍ ଦୟାଲ ଗଙ୍ଗଓ୍ୱାରଙ୍କୁ ସୌମ୍ୟ ପଠାଇଛି। ସୌମ୍ୟ ମୃତ୍ୟୁ ପଛର ଥିବା ଷଡ଼ଯନ୍ତ୍ର, ଷଡ଼ଯନ୍ତ୍ରକାରୀ ଏବଂ ହତ୍ୟା ପଛର କାରଣ ଦର୍ଶାଇବାକୁ ଦାବି କରିଛି। ଦୁଇ ଝିଅଙ୍କ ସତ ମିଛ ପରୀକ୍ଷା କରାଯିବା ପାଇଁ ଦାବି କରିବା ସହ ସୌମ୍ୟ ମୃତ୍ୟୁ ମାମଲାରେ ନ୍ୟାୟ ଦିଆଯାଉ ବୋଲି ଦାବି କରିଛନ୍ତି ସୌମ୍ୟଙ୍କ ବାପା ଦୁଶାସନ ସ୍ୱାଇଁ ।



# ଭାରତ ପାଇଁ ପ୍ରଥମ ପଦକ ଜିତିଲେ ଝଣ୍ଟୁ କୁମାର



**ଗ୍ଲାସଗୋ, ୨୬/୭:** ପାରା ଶକ୍ତିଉତ୍ତୋଳକ ଝଣ୍ଟୁ କୁମାର ରାଜ୍ୟଗୋଷ୍ଠୀ କ୍ରୀଡ଼ା - ୨୦୨୬ରେ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି। ଝଣ୍ଟୁ କୁମାର ଶୁକ୍ରବାର ରାତିରେ ପୁରୁଷ ଶକ୍ତିଉତ୍ତୋଳନ ହେଭିୱେଟ୍ ବର୍ଗରେ କାଂସ୍ୟ ପଦକ ଜିତି ଇତିହାସ ରଚିଛନ୍ତି। ସେ ପ୍ରଥମ ପ୍ରୟାସରେ ୧୮୧ ଭାରୋତ୍ତୋଳନ କରି ୧୨୪.୭ ପଏଣ୍ଟ ହାସଲ କରିଥିଲେ। ଦ୍ୱିତୀୟ ପ୍ରୟାସରେ ୧୯୦ କିଲୋଗ୍ରାମ ଶକ୍ତିଉତ୍ତୋଳନ କରିବା ସହ ୧୩୦.୯ ପଏଣ୍ଟ ପାଇ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପଦକ। ଝଣ୍ଟୁ ଜୀବନରେ ଅନେକ ସଂଘର୍ଷ କରି ଆଜି ଦେଶ ପାଇଁ ପଦକ ଜିତିବାରେ ସଫଳ ହୋଇଛନ୍ତି। ବିହାରର ହରନୌତ ଅଞ୍ଚଳରେ ଜନ୍ମିତ ଝଣ୍ଟୁ କୁମାର ଜନ୍ମରୁ ପୋଲିଓ ଆକ୍ରାନ୍ତ। ଜଣେ କୃଷକଙ୍କ ପୁଅ ଝଣ୍ଟୁ ଘର ଚଳାଇବା ପାଇଁ ପ୍ରଥମେ ପନିପରିବା ବିକ୍ରି କରୁଥିଲେ। ବର୍ତ୍ତମାନ ଇ-ରିକ୍ସା ଚଳାଇ ପରିବାର ପୋଷଣ କରୁଥିଲେ ମଧ୍ୟ ତାଙ୍କ ଲକ୍ଷ୍ୟ ପଛରୁ ବିଚ୍ୟୁତ ହୋଇନଥିଲେ।

# ଇଣ୍ଡିଆନ ଆଇଡଲରେ ଚମକିଲେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

ନୂଆଦିଲ୍ଲୀ, ୨୬।୭: 'ଇଣ୍ଡିଆନ ଆଇଡଲ ୧୬' ମୁକାବିଲାରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକ ଚାମ୍ପିୟନ ହୋଇ ଟ୍ରଫି ଜିତି ଛନ୍ତି। ଜ୍ୟୋତିର୍ମୟୀ ଓ ତନିଷ୍କା ଶୁକ୍ଳାଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ମନରାଜ ବୀର ସିଂହ ଦ୍ୱିତୀୟ ରନରଅପ୍ ପାଇ ୫ ଲକ୍ଷ ଟଙ୍କା ଜିତି ଛନ୍ତି। ଇଣ୍ଡିଆନ ଆଇଡଲ ୧୬ ପ୍ରାୟ ୧୦ ମାସ ଧରି ଚାଲିଥିଲା।



## ■ ବର୍ଷାରେ ଖୋଲା ଆକାଶ ତଳେ ପଡ଼ିରହିଛି ରବିଧାନ

# ଟୋକନ ଅପେକ୍ଷାରେ ୭୫ ଚାଷୀ

**ଝାରସୁଗୁଡ଼ା, ୨୬/୭(ନିପ୍ର):** ହୀରାକୁଦ ବୁଡ଼ି ଅଞ୍ଚଳରେ ରବିଧାନ କ୍ରୟ ପ୍ରକ୍ରିୟାରେ ଅବ୍ୟବସ୍ଥା ଯୋଗୁଁ ଅନେକ ଚାଷୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସମବାୟ ସମିତି ମାଧ୍ୟମରେ ନିୟମିତ ପଞ୍ଜିକରଣ କରିଥିଲେ ମଧ୍ୟ ସମୟରେ ଟୋକନ ନ ମିଳିବାରୁ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ରବିଧାନ ବିକ୍ରି କରିପାରି ନାହାନ୍ତି। ଏହାଫଳରେ ବର୍ଷା ଋତୁରେ ଖୋଲା ଆକାଶ ତଳେ ଗଚ୍ଛିତ ଧାନ ନଷ୍ଟ ହେବାର ଆଶଙ୍କା ବଢ଼ିବା ସହ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ସୂଚନା ଅନୁଯାୟୀ, ରାଜ୍ୟ ଯୋଗାଣ ବିଭାଗର ବିଜ୍ଞପ୍ତି ଅନୁସାରେ ହୀରାକୁଦ ବୁଡ଼ି ଅଞ୍ଚଳର ୭୯୬ ଜଣ ଚାଷୀ ରବିଧାନ ବିକ୍ରି ପାଇଁ ସମବାୟ ସମିତିରେ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଟୋକନ ପାଇ ମଣ୍ଡିରେ ଧାନ ବିକ୍ରି କରିଥିବାବେଳେ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ଟୋକନ ପାଇନାହାନ୍ତି। ଫଳରେ ସେମାନେ ଆର୍ଥିକ ସଙ୍କଟରେ ପଡ଼ିଥିବା ଅଭିଯୋଗ କରିଛନ୍ତି। ଲଖନପୁର ବ୍ଲକ ଭିକମପାଲି ସମବାୟ ସମିତି ଅଧୀନ ପଲସଦା ଗ୍ରାମର ଚାଷୀ ଅଦ୍ୱୈତ ମେହେର, ମଣିରାମ ସା, ଗୋପାଳ ମେହେର, ଜୟ କୁମାର ସା ଓ ଦେବାନନ୍ଦ ସାଙ୍କର ୮୦୦ରୁ ଅଧିକ ବସ୍ତା ଧାନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ। ଘରେ ସ୍ଥାନ ଅଭାବରୁ ସେମାନେ ବାଧ୍ୟ ହୋଇ ଟ୍ରାକ୍ଟର ଟ୍ରଲି ଓ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଧାନବସ୍ତା ରଖିଛନ୍ତି। ଲଗାଣ ବର୍ଷା ଜାରି ରହିଥିବାରୁ ଖୋଲା ସ୍ଥାନରେ ଥିବା ଧାନର ଗୁଣବତ୍ତା ହ୍ରାସ ପାଇବା ସହ ବ୍ୟାପକ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ପଟେ ଖରିଫ ଧାନ ରୁଆ କାମ ଓ ଅନ୍ୟପଟେ ଅମଳ ହୋଇଥିବା ରବିଧାନ ବିକ୍ରି ହୋଇନପାରିବାରୁ ଚାଷୀମାନେ ମାନସିକ ଓ ଆର୍ଥିକ ଚାପରେ ରହିଛନ୍ତି। ପ୍ରଶାସନିକ ସମନ୍ୱୟର ଅଭାବ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଟୋକନ ବଞ୍ଚିତ ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ଟୋକନ ପ୍ରଦାନ କରି ଅବଶିଷ୍ଟ ରବିଧାନ କ୍ରୟ ପାଇଁ ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ତତ୍ପରତାର ସହ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।



# ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷା ଯୋଜନା ଠପ୍

**କଟକ, ୨୬/୭(ନିପ୍ର):** କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟି ଯୋଜନାରେ ୨୦୧୩ ମସିହାରେ ହାଇସ୍କୁଲସ୍ତରରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ଶିକ୍ଷା ଯୋଜନା ଏବେ ଠପ୍ ହୋଇପଡ଼ିଛି। ରାଜ୍ୟର ୪ ହଜାର ବିଦ୍ୟାଳୟରେ ଏହି ଯୋଜନାରେ ହୋଇଥିବା କମ୍ପ୍ୟୁଟର ଲାବ୍ ଏବେ ଖତ ଖାଉଛି। ବିଦ୍ୟାଳୟରେ କୌଣସି କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ ଶିକ୍ଷକମାନେ ଉକ୍ତ ଲାବରେ କାମ କରିପାରୁ ନାହାନ୍ତି। ଫଳରେ ଅଧିକାଂଶ କମ୍ପ୍ୟୁଟର ନଷ୍ଟ ହୋଇଗଲାଣି। ରାଜ୍ୟ ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୭ ମସିହାରେ ୧୦୦୦ ଇ-ବିଦ୍ୟାଳୟ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ଅଭିଯାନ ପକ୍ଷରୁ ୧୦୦୦ ଇ-ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପାଇଁ ପ୍ରସ୍ତୁତି ହୋଇଥିଲା। କିନ୍ତୁ ଗଣଶିକ୍ଷା ବିଭାଗର ଆନ୍ତରିକତା ଅଭାବରୁ ତାହା ଏ ପର୍ଯ୍ୟନ୍ତ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରିନାହିଁ। ଯାହାଫଳରେ ସରକାରଙ୍କ ଘୋଷଣା ଅନୁଯାୟୀ ସ୍କୁଲ ପିଲାଙ୍କୁ ଇ-ବିଦ୍ୟାଳୟର ସୁଫଳ ମିଳୁନି। ଅନଲାଇନ୍ ସେବାରେ ପାରଦର୍ଶିତା ପ୍ରଦର୍ଶନ ପାଇଁ ଆଶା ରଖିଥିବା ପିଲାଙ୍କ ପାଇଁ ଏହା ଏବେ ସ୍ୱପ୍ନ ପାଲଟିଛି। ଆଇସିଟି ଯୋଜନାରେ ଓଡ଼ିଶା ସରକାର ୨୦୧୩ରେ ରାଜ୍ୟର ୪ ହଜାର ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷା ଅଭିଯାନ ଆରମ୍ଭ କରିଥିଲେ। ଏଥିପାଇଁ ୮୦୦ କୋଟି ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ଏଥିରେ ୫୫ ପ୍ରତିଶତ କେନ୍ଦ୍ର ସରକାର ଏବଂ ୪୫ ପ୍ରତିଶତ ରାଜ୍ୟର ଅବଦାନ ରହିଥିଲା। ୨୦୧୪ ଫେବୃଆରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଯୋଜନାର ଶୁଭାରମ୍ଭ କରିଥିଲେ। ଅଷ୍ଟମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ପିଲା କମ୍ପ୍ୟୁଟର ଶିକ୍ଷାରେ ପାରଦର୍ଶିତା ହାସଲ କରିବା ଏହାର ମୁଖ୍ୟଲକ୍ଷ୍ୟ ଥିଲା। ସେଥିପାଇଁ ଆଇଏଲ୍ଏଫ୍ଏସ୍ ଓ ଟିସିଆଇଏଲ୍ ସଂସ୍ଥାକୁ ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଏବଂ ଓଜେସିଏସ୍‌କୁ ଶିକ୍ଷକଙ୍କୁ ତାଲିମ ଓ ତଦାରଖ ଦାୟିତ୍ୱ ଦିଆଯାଇଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟିର ୫ ବର୍ଷିଆ ଅବଧି ଶେଷହେବା ପରେ ଉକ୍ତ ଯୋଜନା ଠପ୍ ହୋଇଯାଇଛି। ରାଜ୍ୟ ସରକାର ୨୦୧୭ରେ ଇ-ବିଦ୍ୟାଳୟ ଯୋଜନା ପ୍ରଣୟନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ଫାଇଲରେ ବନ୍ଦୀହୋଇ ପଡ଼ିଛି। ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଡିଜିଟାଲ୍ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏ ନେଇ ଶିକ୍ଷକମାନଙ୍କ ଜ୍ଞାନ କମ୍ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ କୋଟି କୋଟି ଟଙ୍କାରେ କିଣାଯାଇଥିବା କମ୍ପ୍ୟୁଟର ବର୍ଷ ବର୍ଷ ଧରି ବ୍ୟବହାର ନହୋଇ ପଡ଼ିରହିବା ଦ୍ୱାରା ଅଚଳ ହେଲାଣି। କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଡିଜିଟାଲ୍ ସେବାକୁ ଗୁରୁତ୍ୱ ଦେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ପିଲାମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏବେ ରାଜ୍ୟର ପ୍ରାୟ ୩୦ଟି ବିଭାଗର ୩୦୦ରୁ ଊର୍ଦ୍ଧ୍ୱ ସରକାରୀ ସେବାକୁ ଅନଲାଇନ୍‌ରେ ସଂଯୋଗ କରାଯାଇଥିବା ବେଳେ ଯେଉଁମାନଙ୍କ ପାଇଁ ଏସବୁ ବାସ୍ତବରେ ଉପଯୋଗୀ ହେବାକଥା ସେମାନେ କମ୍ପ୍ୟୁଟର ଶିକ୍ଷାରୁ ବହୁ ଦୂରରେ ରହିଯାଇଛନ୍ତି। କମ୍ପ୍ୟୁଟର ଶିକ୍ଷା ପ୍ରତ୍ୟେକ ସ୍କୁଲରେ ବାଧ୍ୟତାମୂଳକ ହେବା ଆବଶ୍ୟକ ବୋଲି ଶିକ୍ଷାବିତ୍ ମହଲରେ ମତପ୍ରକାଶ ପାଉଛି।

## ଭୁବନେଶ୍ୱରରେ 'ହିଟ୍ ଆଣ୍ଡ ରନ୍'

# ମୃତଦେହକୁ ଅଜଣା ଗାଡ଼ି ଘୋଷାଡ଼ି ନେଲା



ଭୁବନେଶ୍ୱର, ୨୬।୭: ଭୁବନେଶ୍ୱରରେ ହିଟ୍ ଆଣ୍ଡ ରନ୍ ଘଟଣା ଘଟିଛି । ତମାଣ୍ଡୋ ଫୁଟ୍ ଓଭରବ୍ରିଜ୍ ନିକଟରେ କୌଣସି ଅଜଣା ଗାଡ଼ି ଧକ୍କା ଦେବାରୁ ଜଣକର ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏ ହିଟ୍ ଆଣ୍ଡ ରନ୍ ପରେ ମୃତଦେହକୁ ଅଜଣା ଗାଡ଼ି ବରମୁଣ୍ଡା ପର୍ଯ୍ୟନ୍ତ ଘୋଷାଡ଼ି ଆଣିଥିଲା। ଫଳରେ ମୃତକଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ଏକ ମୋପେଡ୍ ଗାଡ଼ିରେ ଦୁଇ ଭାଇ ଭୁବନେଶ୍ୱର ଆସୁଥିବା ବେଳେ ତମାଣ୍ଡୋ ଫୁଟ୍ ଓଭରବ୍ରିଜ୍ ନିକଟରେ ଅଜଣା ଗାଡ଼ି ଧକ୍କା ଦେଇଥିଲା । ମୃତକ ହେଲେ ହାଡୁ ମଲ୍ଲିକ । ଆହତ ହୋଇଥିବା ବ୍ୟକ୍ତି କବି ମଲ୍ଲିକ । ଉଭୟ ଖୋର୍ଦ୍ଧା ବାଘମାରୀର ବୋଲି ଜଣାପଡିଛି । ମେଡିକାଲରେ ଆହତଙ୍କ ଚିକିତ୍ସା ଚାଲିଥିବା ବେଳେ ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସେପଟେ ଆଖପାଖ ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ତଦନ୍ତ ଚଳାଇଛି ।

# ସ୍ନେହ ସେତୁର ୩୮ତମ ସଫଳ ପରିବାର ମିଳନ

ଝାରସୁଗୁଡ଼ା, ୨୬/୭(ନିପ୍ର): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମାନବୀୟ ପ୍ରଚେଷ୍ଟା 'ସ୍ନେହ ସେତୁ' ଯୋଜନା ମାଧ୍ୟମରେ ଆଉ ଜଣେ ଅସହାୟ ଯୁବକ ନିଜ ଆପଣାର ଲୋକଙ୍କୁ ଫେରିପାଇଛନ୍ତି। ପଶ୍ଚିମବଙ୍ଗର ବର୍ଦ୍ଧମାନ ଅଂଚଳର ୨୫ ବର୍ଷୀୟ ବିକ୍ରମ ରାୟ, ଯିଏ ୨୦୨୪ ମସିହାରେ ଉଦ୍ଧାର ହୋଇ ଝାରସୁଗୁଡ଼ାସ୍ଥିତ ମିଶନ ଆଶାଲୋକ-୧ରେ ଚିକିତ୍ସା ଓ ପୁନର୍ବାସ ସେବା ପାଉଥିଲେ, ସେ ୨୬ ଜୁଲାଇ ୨୦୨୬ ତାରିଖରେ ସଫଳତାର ସହ ନିଜ ବାପା-ମା'ଙ୍କ ସହ ପୁନଃମିଳିତ ହୋଇଛନ୍ତି। ଏହି ଭାବବିହ୍ୱଳ ପୁନଃମିଳନ କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗର ଅଧିକାରୀବୃନ୍ଦ, 'ପିପୁଲ୍ସ ଫୋରମ୍' ଏନଜିଓର ପ୍ରତିନିଧିମାନେ ଏବଂ ମିଶନ ଆଶାଲୋକର କର୍ମଚାରୀମାନେ ଉପସ୍ଥିତ ଥିଲେ। ଦୀର୍ଘ ଦୁଇ ବର୍ଷ ପରେ ପୁଅକୁ ପାଖରେ ପାଇ ବିକ୍ରମଙ୍କ ବାପା-ମା' ଭାବବିହ୍ୱଳ ହୋଇପଡ଼ିଥିଲେ। ଉପସ୍ଥିତ ସମସ୍ତଙ୍କ ପାଇଁ ଏହି ମୁହୂର୍ତ୍ତ ଅତ୍ୟନ୍ତ ଆବେଗ ପୂର୍ଣ୍ଣ ଏବଂ ସ୍ମରଣୀୟ ଥିଲା।

# ମନ୍ କୀ ବାତ ଶୁଣିଲେ ମନମୋହନ ସାମଲ

ଭୁବନେଶ୍ୱର, ୨୬/୭(ନିପ୍ର): ଟିଟିଲାଗଡ଼ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମ ଶୁଣିଛନ୍ତି ମନମୋହନ ସାମଲ। ଏହି ଅବସରରେ ସେ କହିଛନ୍ତି ଯେ, ଆଜିର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜଳ ଉତ୍ସର ସଂରକ୍ଷଣ, କ୍ରୀଡ଼ା କ୍ଷେତ୍ରରେ ଦେଶର ସଫଳତା ଓ ବିକ୍ରମ-୧ ର ସଫଳତାକୁ ନେଇ ଦେଶବାସୀଙ୍କୁ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି।ଏହି ଅବସରରେ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି,ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବଲାଙ୍ଗୀର ଜିଲ୍ଲାସଭାପତି ଶ୍ରୀ ବସ୍ତ ବେହେରା, ଜିଲ୍ଲା ସଂଗଠନ ପ୍ରଭାରୀ ପର୍ଶୁରାମ ମାଝୀ, ଏନଏସିଅଧ୍ୟକ୍ଷା ମମତା ଦେବୀ ଜୈନ, ବ୍ଲକ ଅଧ୍ୟକ୍ଷାଶ୍ରୀମତୀ ସଞ୍ଜୁ ନାଏକ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତାଗଣ ମଧ୍ୟ ଉପସ୍ଥିତ ଥିଲେ ।

# 'ମନ କି ବାତ୍' କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସାଂସଦ

ପିପିଲି, ୨୬।୭(ନିପ୍ର)ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ଓରକଳ ଶକ୍ତିକେନ୍ଦ୍ର ଦ୍ୱାରା ଆୟୋଜିତ ରିତା ଭ୍ୟାଲି ଠାରେ ରବିବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୩୬ ତମ 'ମନ କି ବାତ୍' କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସାଂସଦ ଡ. ସମ୍ବିତ ପାତ୍ର ଓ ବିଧାୟକ ଡେଲାଙ୍ଗ ପିପିଲି ଆଶ୍ରିତ ପଟ୍ଟନାୟକ,ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ,ଜିଲ୍ଲା ଉପସଭାପତି ଶୁଭାଶିଷ ରଥ ରାଜ୍ୟ ପରିଷଦ ସଦସ୍ୟ ପ୍ରଦୀପ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ତପନ ପ୍ରଧାନ,ପ୍ରଭାରୀ ଦୀନବନ୍ଧୁ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀ ସାମନାରେ ସ୍ୱାମୀଙ୍କୁ ହତ୍ୟା ଘଟଣା: ବାପ-ପୁଅ କୋର୍ଟଚାଲାଣ

ମୁଖୀଗୁଡା, ୨୬/୭(ନିପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ କୁମଜୋର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡରେ ସଂପୃକ୍ତ ବାପ-ପୁଅ ଜଗନ୍ନାଥ ଶବର ଓ ଦେସରାମ ଶବରଙ୍କୁ ଜୟପାଟଣା ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ,ଗତ ୨୪ ତାରିଖରେ ମୃତକ ସୁବେ ଶବର(୫୦) ଓ ତାଙ୍କ ସ୍ତ୍ରୀ ସତ୍ୟ ଶବର ଚାଷ ଜମିରୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତ ବାପ-ପୁଅ ଲାଠି ଓ ଛୁରୀରେ ସୁବେଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଆହତ ସୁବେଙ୍କୁ ପରିବାର ଓ ଗ୍ରାମବାସୀ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ପୂର୍ବରୁ ଜମିବାଡ଼ି ବିବାଦ ଲାଗି ରହିଥିଲା ଏବଂ ସିଭିଲ୍ ମାମଲାର ରାୟ ସୁବେ ଶବରଙ୍କ ସପକ୍ଷରେ ଆସିବା ପରେ ଏହି ହତ୍ୟାକାଣ୍ଡ ଘଟିଛି ।

# ଆଶ୍ରମ ସ୍କୁଲ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ନବରଙ୍ଗପୁର, ୨୬।୭: ଶନିବାର ବିଳମ୍ବିତ ରାତିରେ ନବରଙ୍ଗପୁର ଜିଲ୍ଲାର ବାଟିବେଡା ଆଶ୍ରମ ସ୍କୁଲର ଜଣେ ୧୪ ବର୍ଷୀୟା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ତାଙ୍କ ସ୍କୁଲ କ୍ୟାମ୍ପସରୁ ପ୍ରାୟ ଏକ କିଲୋମିଟର ଦୂରରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛନ୍ତି ।ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ଯଦିଓ ଏହାକୁ ଆତ୍ମହତ୍ୟା ସନ୍ଦେହ କରାଯାଉଛି ।ପାଖ ଗାଁର ବାସିନ୍ଦା ଝିଅଟି ସ୍କୁଲର ହଷ୍ଟେଲରେ ରହୁଥିଲା। ଛୁଟି ପରେ ସେ ଜୁନ୍ ୨୫ ତାରିଖରେ ତାଙ୍କ ଘରୁ ସ୍କୁଲକୁ ଫେରିଥିଲେ ବୋଲି କୁହାଯାଇଛି ।ପ୍ରାଥମିକ ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ରାତିରେ ହଷ୍ଟେଲ ସୀମା କାନ୍ଥ ଡେଇଁ ଚଢ଼ିଥିବା ଅଭିଯୋଗ ହୋଇଛି। ପରେ ତାଙ୍କୁ ସ୍କୁଲ ପରିସରରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଘଟଣା ଜଣାପଡ଼ିବା ପରେ ସ୍କୁଲ କର୍ତ୍ତୃପକ୍ଷ ପୋଲିସକୁ ସୂଚନା ଦେଇଥିଲେ।

# ଅଧରପଣା ଓ ରଘୁନାଥଜୀଉ ବେଶ

ବୁଗୁଡ଼ା, ୨୬।୭(ନିପ୍ର)ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥି ଅବସରରେ ବୁଗୁଡ଼ା ସହରର ବଳଦେବଜୀଉଙ୍କ ରଥଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ 'ଅଧରପଣା' ନୀତି ଅତ୍ୟନ୍ତ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାସ ରହିଛି ଯେ, ରଥ ପାର୍ଶ୍ୱରେ ଥିବା ଅଶରୀରୀ ଆତ୍ମା, ପାର୍ଶ୍ୱଦେବଦେବୀ ଓ ଚଣ୍ଡୀଚାମୁଣ୍ଡାଙ୍କ ଉଦ୍ଧାର ଏବଂ ସନ୍ତୁଷ୍ଟି ପାଇଁ ଏହି ଅଧରପଣା ନୀତି ସମ୍ପାଦିତ ହୋଇଥାଏ।ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। **କେନ୍ଦ୍ରାପଡ଼ା(ନିପ୍ର):** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉ ରଥାରୂଢ଼ ହୋଇ ପବିତ୍ର ଶ୍ରୀ ରଘୁନାଥଜୀଉ ବେଶ ଧାରଣ କରି ହଜାର ହଜାର ଭକ୍ତଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଛନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ଏହି ବେଶ ଦର୍ଶନ ପାଇଁ ସକାଳୁ ହିଁ ମନ୍ଦିର ଓ ରଥ ନିକଟରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କ୍ୟାଣ୍ଡେଲଲାଇଟ ଶୋଭାଯାତ୍ରା

ନୟାଗଡ, ୨୭/୭(ନିପ୍ର): ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ନୟାଗଡରେ କଂଗ୍ରେସ କର୍ମୀମାନେ ବାଣ ଫୁଟାଇ, ମିଠା ବାଣ୍ଟି ଖୁସି ପାଳନ କରିଛନ୍ତି। ଦଳର ନେତାମାନେ ଏହାକୁ ଛାତ୍ର ଆନ୍ଦୋଳନର ବିଜୟ ବୋଲି କହିଛନ୍ତି। ଦେଶବ୍ୟାପି ଛାତ୍ରଛାତ୍ରୀଙ୍କୁ ଅମାନୁଷିକ ମାଡ଼ମାରିଥିବା ପୋଲିସମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହିତ ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଦାବି ଏବଂ ଶିକ୍ଷାବ୍ୟବସ୍ଥାରେ କଳଙ୍କ ପାଇଁ ଦେଶର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗିବା ଦାବିରେ ନୟାଗଡ଼ ଡିସିସି ସଭାପତି ତଥା ବରିଷ୍ଠ ଆଇନଜୀବୀଙ୍କ ନେତୃତ୍ୱରେ ଜାତୀୟ ପତାକା ସହିତ ଟ୍ରାଫିକ ଛକଠାରୁ ତ୍ରିନାଥଛକ ଗାନ୍ଧୀମୂର୍ତ୍ତି ଯାଏଁ କ୍ୟାଣ୍ଡେଲଲାଇଟ ଶୋଭାଯାତ୍ରା ଏବଂ ସତ୍ୟାଗ୍ରହ ଆନ୍ଦୋଳନ କାରାଯାଇଥିଲା । ଆମ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ ସ୍କୁଲ ପିଲାମାନଙ୍କୁ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଯୋଗାଇଥିବା ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଥିଲା । ନୟାଗଡ଼ ଛକଠାରେ ଛାତ୍ରକଂଗ୍ରେସ ପକ୍ଷରୁ ବାଣଫୁଟାଇ ଭ୍ରଷ୍ଟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବିଜୟ ଉତ୍ସବ ପାଳନ କରାଯାଇଥିଲା ।



# ଆନ୍ଧ୍ରପ୍ରଦେଶରେ ୨୦ରୁ ଅଧିକ କରୋନା ଆକ୍ରାନ୍ତ !

## ରାୟଗଡାରେ ଆତଙ୍କ,ହସପିଟାଲରେ ଗହଳି

ରାୟଗଡ଼ା, ୨୬।୭: ପଡୋଶୀ ଆନ୍ଧ୍ରପ୍ରଦେଶରେ ୨୦ରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଏକ ସୂତ୍ରରୁ ପ୍ରକାଶ। ଫଳରେ ଏହି ରାଜ୍ୟ ସମୀନ୍ତ ଓଡ଼ିଶାର ଜିଲ୍ଲାଗୁଡିକରେ ଆତଙ୍କ ବଢିଛି। ଗଞ୍ଜାମ ପରେ ରାୟଗଡାରେ ଖେଳିଯାଇଛି ଭୟର ବାତାବରଣ। ଦୁଇ ରାଜ୍ୟ ସୀମା ମୁକୁଳା ପଡିଥିବାରୁ ରାୟଗଡାବାସୀ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି। ହେଲେ ଭୟଭୀତ ନ ହେବାକୁ କହିଛି ପ୍ରଶାସନ। ରୋଗୀମାନେ ହାତରେ ସ୍ଲିପ ଧରି ଲମ୍ବା ଲାଇନରେ ଠିଆ ହୋଇଛନ୍ତି ।ଡାକ୍ତରଙ୍କ ଚ୍ୟାମ୍ବରଠୁ ରକ୍ତ ନମୁନା ପରିକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଲାଗିଛି ଧାଡି। ଆନ୍ଧ୍ର ପ୍ରଦେଶରେ ୨୦ରୁ ଅଧିକ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ଏବଂ ୪ ଆକ୍ରାନ୍ତଙ୍କ ମୃତ୍ୟୁ ପରେ ସୀମାନ୍ତ ଜିଲ୍ଲା ରାୟଗଡ଼ାରେ ଲୋକଙ୍କ ମଧ୍ୟରେ ଆଶଙ୍କା ଘନେଇଛି। ଥଣ୍ଡା ଓ ଛିଙ୍କରେ ଆକାନ୍ତ ଲୋକେ ନିଜ ନିଜର ସ୍ୱାବ୍ ପରୀକ୍ଷା କରାଇବାକୁ ହସ୍ପିଟାଲଗୁଡ଼ିକରେ ଭିଡ଼ ଜମାଇଥିବା ଲକ୍ଷ୍ୟ କରାଯାଇଛି। ଆନ୍ଧ୍ର-ଓଡିଶା ସୀମାନ୍ତ କେରେଡା-କୁନେରୁ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକେ ଓଡ଼ିଶା ଯିବାଆସିବା କରୁଥିବାରୁ ସଂକ୍ରମଣ ବ୍ୟାପିବାର ଆଶଙ୍କା କରିଛନ୍ତି ଗ୍ରାମବାସୀ। ୨୦୧୯-୨୦ରେ ଆସିଥିବା କରୋନା ମହାମାରୀ ଭୟ ଲୋକଙ୍କ ମନରୁ ପାସୋରଯାଇନାହିଁ। ସୀମାନ୍ତ ଜିଲ୍ଲା ବ୍ରହ୍ମପୁରର ଜଣେ ବାସିନ୍ଦା କୋଭିଡ ଆକ୍ରାନ୍ତ ହୋଇଥିବାରୁ ରାୟଗଡ଼ାବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

# ୮ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଅଧିକାରୀ ସଂଘ

**ସୋନପୁର, ୨୬/୭(ନିପ୍ର):** ସୋନପୁର ଜିଲ୍ଲା ଅଖିଳ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଓ ୮ ଦଫା ଦାବି ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି । ତାଙ୍କର ପ୍ରମୁଖ୍ୟ ଦାବି ଗୁଡ଼ିକ ହେଲା ଦରମା ବୃଦ୍ଧି, କ୍ୟାଡର ପୁନର୍ଗଠନ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ସୋସିଆଲ୍ ସିକ୍ୟୁରିଟି ସହାୟକ ନିଯୁକ୍ତି ଦିଆଯାଉ, ଏମଏସିପି ସମସ୍ୟାର ସମାଧାନ, ପଦୋନ୍ନତି, ୨୦୨୩ ବ୍ୟାଚ୍ ବିଏସଏସଓ ମାନଙ୍କ ପାଇଁ ତୁରନ୍ତ ଇନ୍ଡକ୍ସନ୍ ଟ୍ରେନିଂ, ଏମବିପିଓ୍ୱାଇ ପୋର୍ଟାଲ୍ ବୟସ ଓ ଆୟ ସୀମାରେ କୋହଳ ଏବଂ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟମାନଙ୍କ ସମସ୍ୟାର ସହାନୁଭୂତିପୂର୍ଣ୍ଣ ସମାଧାନ ଇତ୍ୟାଦି ରହିଛି । ସଂଘ କହିଛି ଯେ ବିଏସଏସଓ ମାନେ ଏବେ ଏସଏସ ଏବଂ ଇପିଡି ବ୍ୟତୀତ ପର୍ଯ୍ୟଟନ, ଓଡ଼ିଆ ଭାଷା-ସଂସ୍କୃତି, ଅର୍ଥ, କ୍ରୀଡ଼ା ଓ ଯୁବ ସେବା ଆଦି ୫ ଗୋ ବିଭାଗର କାମ ମଧ୍ୟ ସମ୍ଭାଳୁଛନ୍ତି । ଫଳରେ ସେମାନଙ୍କ ଉପରେ ପ୍ରଶାସନିକ ଚାପ ବହୁତ ବଢ଼ିଛି । ମାତ୍ର ଦରମା ଅନ୍ୟ ସମାନ କ୍ୟାଡର ତୁଳନାରେ କମ୍ ରହିଛି ।



ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. SNTPBBSTELE-072026-FMS
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ଜୋନାଲ ମୁଖ୍ୟାଳୟ/ଭୁବନେଶ୍ୱର ଠାରେ ପୁରୁଣା ଅସ୍ତରଗ୍ରାଉଣ୍ଡ ଟେଲିଫୋନ କେବୁଲ (PIJF), OFCର ପୁନଃସ୍ଥାପନ/ସମ୍ପ୍ରସାରଣ ତଥା ଫାଇବର ମନିଟରିଂ ସିଷ୍ଟମର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 3,03,14,235.30, EMD (ଟଙ୍କାରେ): 6,06,300/-, ଶେଷ ହେବା ଅବଧି: 12 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.07.08.2026ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.21.08.2026 ରିଖ 1500 ଘଣ୍ଟିକା।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ଉପ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ଭଣ୍ଡାର/ମୁଖ୍ୟାଳୟ/ଭୁବନେଶ୍ୱର
PR-153/CJ/26-27

GOVERNMENT OF ORISSA
25001/811/2627
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Order No. 5401 / WE // Date:- 24.07.2026

"E" Procurement Notice for Construction of Building works for year 2026-27.
Bid Identification No – RWDKNJ –12 / 2026-27. (Building)

1. Name of the work : Construction and repair/renovation of buildings (Res & Non-Res) for the year 2026-27 under Rural Works Division, Karanjia in the District of Mayurbhanj (Details as per Annexure)
2. Estimated Cost : Rs. 16.81 to 42.78 Lakhs (Approximately)
3. Class of Contractor : 'B' and 'C' Class (of Odisha P.W.D.)
4. Period of Completion : As per Annexure
5. Tender Paper Cost : Rs. 6,000/-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | Online RWDKNJ-12 /26-27. | Dt. 29.07.26 at 11.00 A.M | Dt.06.08.26 up to 5.00 P.M | Dt.05.08.2026 up to 1.00 P.M. | Dt.07.08.2026 at 11.00 A.M |

OIPR 25001/25086/1/26-27/0012
Execotive Engineer, AR.W. Division, Karanjia

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ